

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 DECEMBER 2020

Vol.No. 30 ■ No. 307 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅତ୍ୟାଧୁନିକ ପରିମଳ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

## ବାୟୁ ପ୍ରଦୂଷଣ ରୋକିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା
## ପରିମଳ କର୍ମଚାରୀମାନେ ସମାଜର ଶ୍ରେଷ୍ଠ ସେବକ

ଭୁବନେଶ୍ୱର,୦୪।୧୨ (ନି.ପ୍ର): ଗାନ୍ଧିଜୀ ତାଙ୍କ ଆଶ୍ରମର ପରିମଳ କାମ ସମସ୍ତଙ୍କ ସହ ମିଶି ନିଜେ କରୁଥିଲେ । ତେଣୁ ପରିମଳ ଦାୟିତ୍ୱରେ ଥିବା ଆମର କର୍ମଚାରୀମାନେ ହେଉଛନ୍ତି ସମାଜର ଶ୍ରେଷ୍ଠ ସେବକ । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲାରେ ଅତ୍ୟାଧୁନିକ ପରିମଳ ବ୍ୟବସ୍ଥାର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ମହାନଗର ନିଗମର ସହିତ ବୀରମିତ୍ରପୁର ପୌରସଂସ୍ଥା ଏବଂ କୋଇରା ଓ କୁତ୍ରା ବ୍ଲକ୍‌ରେ ଅତ୍ୟାଧୁନିକ ପରିମଳ ସେବା ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ୨୪ ପ୍ରକାରର ୧୯୦ଟି ଅତ୍ୟାଧୁନିକ ଗାଡ଼ି ଓ ମେସିନ୍ ନିୟୋଜିତ କରାଯାଇଛି । ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ମେସିନ୍ ଚାଳିତ କରିବା ସହିତ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ଓ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ମିଶନ ଶକ୍ତିର ମହିଳା ମାନଙ୍କୁ ପରିମଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଦାୟିତ୍ୱ ଅର୍ପଣ କରାଯାଇଛି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଗାନ୍ଧୀଜିଙ୍କ ଆଦର୍ଶକୁ



ଉପସ୍ଥାପନ କରି କହିଥିଲେ ଯେ, ପରିମଳ କଥା ଆସିଲେ, ଗାନ୍ଧୀଜିଙ୍କ କଥା ହିଁ ମନକୁ ଆସିଥାଏ । ପରିମଳକୁ ଗାନ୍ଧିଜୀ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ । ଗାନ୍ଧିଜୀଙ୍କ ଭାଷାରେ ପରିମଳ ସ୍ୱାଧିନତା ଠାରୁ ଗୁରୁତ୍ୱପୂର୍ଣ୍ଣ । ସୁସ୍ଥ ପରିବେଶ ହିଁ ସମୃଦ୍ଧିର ଆଧାର ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଆଧୁନିକ ବ୍ୟବସ୍ଥା ଏକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟବସ୍ଥା । ଏଥିରେ ବର୍ଜ୍ୟବସ୍ତୁ ସଂଗ୍ରହ ଠାରୁ ଆରମ୍ଭ କରି ବାୟୁ ପ୍ରଦୂଷଣ ରୋକିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଖଣି ଅଂଚଳର ଲୋକମାନେ ବିଶେଷ ଉପକାର ପାଇବେ ବୋଲି ସେ କହିଥିଲେ । ଓଡ଼ିଶାର ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମା ମାନଙ୍କ ଯୋଗଦାନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପରିମଳ ବିଷୟରେ ସଚେତନତା ସୃଷ୍ଟି କରିବାରେ ସାରା ଓଡ଼ିଶାର ମିଶନ ଶକ୍ତିର ମା ମାନେ ବହୁତ ଭଲ କାମ କରୁଛନ୍ତି ।

▶▶ପୃଷ୍ଠା ୭

# ଜାନୁଆରୀ ୧୫ରେ ପ୍ରକାଶ ପାଇବ ନୂଆ ଭୋଟର ତାଲିକା



ଭୁବନେଶ୍ୱର, ୦୪।୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୧୫ ରେ ୨୦୨୧ ବର୍ଷ ପାଇଁ ନୂଆ ଭୋଟର ତାଲିକା ପ୍ରକାଶ ପାଇବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ ଲୋହାନୀ ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଏହାସହ ଆସନ୍ତାକାଲି ଅର୍ଥାତ୍ ଡିସେମ୍ବର ୫ ଓ ୬ ତାରିଖରେ ସ୍ୱତନ୍ତ୍ର ଅଭିଯାନ ହେବ । ଏହି ୨ ଦିନ ପ୍ରତ୍ୟେକ ବୁଥ୍ ରେ ମତଦାନ କେନ୍ଦ୍ର ଗୁଡିକରେ ବିଏଲଓ ମାନେ ଭୋଟର ଲିଷ୍ଟ ଓ ଫର୍ମ ସହ ଉପସ୍ଥିତ ରହିବେ । ଭୋଟରମାନେ ଚାହିଁଲେ ନିଜ ନାମ ଭୋଟର ଲିଷ୍ଟରେ ଦେଖିପାରିବେ ଏବଂ କିଛି ତ୍ରୁଟି ଥିଲେ ଆବଶ୍ୟକ ଫର୍ମ ପୂରଣ କରି ଆବେଦନ କରିପାରିବେ ବୋଲି ସିଇଓ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ ଡିସେମ୍ବର ୧୫ ରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଯେତେସବୁ ଆବେଦନ ଆସିଥିବ ତାହାର ଯାଂଚ କରାଯିବ । ୧୫ ତାରିଖରେ ନୂଆ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଶ୍ରୀ ଲୋହାନୀ କହିଛନ୍ତି । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ,ଉଭୟ ଅନଲାଇନ ଓ ଅଫ୍ ଲାଇନରେ ଭୋଟର ନିଜ ନାମକୁ ସଂଶୋଧନ କରିପାରିବେ । ଯଦି ଭୋଟର ତାଲିକାରେ ଆପଣଙ୍କ କୌଣସି ଭୁଲ ରହିଛି ତେବେ ଆପଣ ନିଜ ସମ୍ପର୍କରେ କୌଣସି ତଥ୍ୟ ଯୋଡିବାକୁ ଫର୍ମ ନଂ ୬, ନାମ କାଟିବାକୁ ଫର୍ମ ନଂ ୭ ଏବଂ ସଂଶୋଧନ କରିବାକୁ ଫର୍ମ ନଂ ୮ ରେ ଆବେଦନ କରିପାରିବେ । ଭୋଟର ତାଲିକାରେ ନାମ ଯୋଡିବାକୁ ନିଜର ବାସସ୍ଥାନର ପ୍ରମାଣ ଦେଇ ଆବେଦନ କରିବାକୁ ପଡିବ । ଅନଲାଇନ କିମ୍ବା ବୁଥ୍ ସ୍ତରରେ ମଧ ଆବେଦନ ହୋଇପାରିବ ।

## ପହଂଚିଲେ ଓଡିଶା କଂଗ୍ରେସ ପ୍ରଭାରୀ ଡ. ଏ ଚେଲା କୁମାର

ଭୁବନେଶ୍ୱର,୦୪।୧୨ (ନି.ପ୍ର): ସାଂସଦ ତଥା ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଏ ଚେଲା କୁମାର ଶୁକ୍ରବାର ଦିନ ୨ଦିନିଆ ଓଡ଼ିଶା ଗସ୍ତରେ ପହଂଚିଛନ୍ତି । ସେ ଏଠାରେ ପହଂଚି କଂଗ୍ରେସ ଭବନରେ ଅନୁଷ୍ଠିତ ଦଳୀୟ ବୈଠକରେ ଯୋଗଦେଇଛନ୍ତି । ଏହି ବୈଠକରେ ପରୀ ହତ୍ୟା ମାମଲାକୁ ନେଇ ଆଲୋଚନା ହୋଇଥିବା କଂଗ୍ରେସ ସୂତ୍ରରୁ ପ୍ରକାଶ । ଶନିବାର ଦିନ ଶ୍ରୀ କୁମାର ନୟାଗଡ଼ ଗସ୍ତ କରି ମୃତ ପରୀର ପରିବାରକୁ ଭେଟିବେ ଏବଂ ସେହିଦିନ ନୟାଗଡ଼ରୁ ଭୁବନେଶ୍ୱର ଫେରି ଦିବା ୩ ଘଟିକା ସମୟରେ କଂଗ୍ରେସର ଆଗାମୀ ରଣନୀତି ନେଇ ଅନୁଷ୍ଠିତ ହେବାକୁ ଥିବା ପିସିସି ପର୍ଯ୍ୟବେକ୍ଷକ ଓ ଜିଲ୍ଲା ସଭାପତି ମାନଙ୍କ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପରୀକୁ ନ୍ୟାୟ ଦାବିରେ ମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ : ପୋଲିସ୍ ସହ ଧସ୍ତାଧସ୍ତି

ଭୁବନେଶ୍ୱର,୦୪।୧୨ (ନି.ପ୍ର): ନୟାଗଡର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରି ତାଙ୍କ ସରକାରୀ ବାସଭବନ ଘେରାଉ ଉଦ୍ୟମ କରିଥିଲା ବିଜେପି ମହିଳା ମୋର୍ଚ୍ଚା । ମନ୍ତ୍ରୀଙ୍କ ବାସଭବନରେ ପହଂଚିବା ପୂର୍ବରୁ ବ୍ୟାରିକେଟ୍ ନିକଟରେ ପୋଲିସ୍ କର୍ମଚାରୀମାନେ ମହିଳାମୋର୍ଚ୍ଚା କର୍ମୀ ମାନଙ୍କୁ ଅଟକାଇଥିଲେ । ଫଳରେ ପୋଲିସ୍ ଓ ମହିଳା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପୋଲିସ୍ ସେମାନଙ୍କୁ ଉଠାଇନେଇପୋଲିସ୍ ଭ୍ୟାନ୍‌ରେ



ଅଟକ ରଖିଥିବା ବେଳେ ସେମାନେ ପୁଣିଥରେ ବ୍ୟାରିକେଟ୍ ଡେଇଁ ମନ୍ତ୍ରୀଙ୍କ ବାସଭବନ ଆଡକୁ ଯିବାକୁ ଚେଷ୍ଟା କରିଥିଲେ ।

ଏହି ଅବସରରେ ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ରାଜ୍ୟ ସରକାର ସିବିଆଇ ତଦନ୍ତକୁ ଡରୁଛନ୍ତି ଏବଂ ମନ୍ତ୍ରୀ ଅପରାଧୀଙ୍କୁ ଘଂଟ ଘୋଡ଼ାଉଛନ୍ତି । ପରୀକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେପି ଆନ୍ଦୋଳନ ଜାରୀ ରଖିବ ବୋଲି ସେ କହିଛନ୍ତି । ଇସ୍ତଫା ଦାବି ନେଇ ଆଜି ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଅଭିଯୁକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କ ବାସଭବନକୁ ଘେରାଓ ବେଳେ ରାଜ୍ୟ ସରକାର ପୋଲିସ ଓ ପ୍ରଶାସନ କଳକୁ ଅପବ୍ୟବହାର କରି ମହିଳା କାର୍ଯ୍ୟକର୍ତାଙ୍କୁ ଯେଉଁ ଭଳି ଭାବେ ଅଗଣତାନ୍ତ୍ରିକ ଭାବେ ଜୋର ଜବରଦସ୍ତି ଗିରଫ କରିଲେ, ଏହା ଦ୍ୱାରା ସତ୍ୟକୁ କେବେହେଲେ ରୋକାଯାଇ ପାରିବେ ନାହିଁ ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

ସେ କହିଛନ୍ତି ଯେ ନିଜ ଭାବମୂର୍ତି ଭଙ୍ଗ ହେଲେ, ଶାସକ ବିଜୁ ଜନତା ଦଳ ସମସ୍ତ ପ୍ରକାରର ଯଥାସମ୍ଭବ ରଣକୌଶଳ ଆପଣାଇ ଏଭଳି ସ୍ୱର୍ଶକାତର ଘଟଣାମାନକୁ ଚାପି ଦେବାର ହୀନ କୌଶଳ ଆପଣାଇ ଥାଆନ୍ତି । ମାତ୍ର ପରୀକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏ ଲଢେଇ ଜାରି ରହିବ ।

▶▶ପୃଷ୍ଠା ୭

## ଆକାଶ ପାଠକଙ୍କ ଆକାଉଂଟରେ ଆଉ ୧.୪୭ କୋଟି ଟଙ୍କା



ଭୁବନେଶ୍ୱର,୦୪।୧୨ (ନି.ପ୍ର): ନିଲମ୍ବିତ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ କୁମାର ପାଠକଙ୍କର ଭୁବନେଶ୍ୱର ଓ ପୁନେରେ ଥିବା ବ୍ୟାଙ୍କ ଆକାଉଂଟରେ ଆହୁରି ୧.୪୭ କୋଟି ଟଙ୍କା ଜମା ଥିବା ଜଣାପଡ଼ିଛି । ଆଜି ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ତାଙ୍କର ବ୍ୟାଙ୍କରେ ମୋଟ ୧୭.୫୨କୋଟି ଥିବା ସ୍ପଷ୍ଟ ହୋଇଛି । ଆକାଶ ପାଠକଙ୍କର ଆଉ କେଉଁଠି ଆକାଉଂଟ ଅଛି ତାହାର ମଧ ଖୋଳତାଡ଼ ଜାରି ରହିଛି । ଏହା ବ୍ୟତୀତ ଅଭୟକାନ୍ତ ପାଠକ ଏବଂ ଆକାଶ କୁମାର ପାଠକଙ୍କ ହସ୍ତାକ୍ଷର ଯାଂଚ କରାଯାଉଛି । ସିସିଟିଭି ଫୁଟେଜ ଏବଂ ଜବତ କାଗଜପତ୍ରଗୁଡ଼ିକର ଯାଂଚ ପ୍ରକ୍ରିୟା ଚାଲିଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଅନ୍ୟ ପକ୍ଷରେ ଆଜି ରିମାଣ୍ଡର ଦ୍ୱିତୀୟ ଦିନର ଜେରା ବେଳେ ଆକାଶ ପାଠକ ଟାଟା ମୋଟର୍ସରେ ଚାକିରି କରି ନ ଥିବା ସ୍ୱୀକାର କରିଛନ୍ତି । ଏହା ସହ ସଂପର୍କୀୟଙ୍କ ସହ ଚାର୍ଟର ଫ୍ଲାଇଟରେ ବିଦେଶ ଭ୍ରମଣ କରିଥିବା ମଧ ମାନିଛନ୍ତି । ହେଲେ, ଆକାଉଂଟକୁ କେଉଁଠୁ କୋଟି କୋଟି ଟଙ୍କା ଆସିଲା, କିଏ ପଠେଇଲା ସେ ନେଇ ମତ ବଦଳାଉଛନ୍ତି ଆକାଶ ପାଠକ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨ ମାମଲା : ୮ ଗିରଫ

ଭୁବନେଶ୍ୱର,୦୪।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨ଟି ମାମଲା ରୁଜୁ କରିଛି । ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୭୦୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୭୮,୭୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପରୀ ହତ୍ୟା ଘଟଣାରେ ନୟାଗଡ ଜିଲ୍ଲାପାଳ ଓ ଏସପିଙ୍କୁ ଏନସିପିସିଆରଙ୍କ ସମନ

ଭୁବନେଶ୍ୱର,୦୪।୧୨ (ନି.ପ୍ର): ନୟାଗଡର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ନୟାଗଡ ଜିଲ୍ଲାପାଳ ଓ ଏସ୍.ପିଙ୍କୁ ସମନ କରିଛନ୍ତି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) । ଏହି ମାମଲାରେ ନୟାଗଡ଼ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମନ ନେଇ ଏନସିପିସିଆର ଅଧକ୍ଷ ପ୍ରିୟଙ୍କ କାନୁନଗୋ ଟ୍ୱିଟ୍ କରିଛନ୍ତି । ଏହାପରେ ଏନସିପିସିଆରକୁ କୃତଜ୍ଞତା ଜଣାଇଛନ୍ତି ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ।
୪ ମାସ ପୂର୍ବେ ନୟାଗଡର ଯଦୁପୁରର ୫ ବର୍ଷର ଶିଶୁ କନ୍ୟା ପରୀ ହଠାତ ନିଖୋଜ ହୋଇଯାଇଥିଲା । ପରିବାର ଲୋକେ ବହୁତ ଖୋଜାଖୋଜି କରି ଥାନାରେ ଏତଲା ଦେଇଥିଲେ । ଘଟଣାର କିଛିଦିନ ପରେ ତା'ର ଗଳିତ ମୃତଦେହକୁ ଘର ପଛପଟେ ଏକ ଅଖାବସ୍ତାରେ ବନ୍ଧା ଅବସ୍ଥାରେ ମିଳିଥିଲା । ଏ ନେଇ ପରିବାର ଲୋକେ ପୁଲିସକୁ ଜଣାଇବା ସହ ଥାନାକୁ ଦୌଡି ଦୌଡି ନୟାନ୍ତ ହେବା ପରେ ବି କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ପରୀର ବାପା ଓ ମା' ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ । ଆତ୍ମାହୁତି ଉଦ୍ୟମ କରିବା ଏବଂ ମାମଲାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ନାମ ଯୋଡ଼ିହେବା ପରେ ଘଟଣାକୁ ଗୁରୁତର ସହ ବିରୋଧୀ ଦଳ ଗ୍ରହଣ କରିଥିଲେ । ଏହାପରେ ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଂଚ ତଦନ୍ତ ଘୋଷଣା କରିଥିଲେ । ମାତ୍ର ବିରୋଧୀ ଦଳ ପକ୍ଷରୁ ହାଇକୋର୍ଟଙ୍କ ତତ୍ୱାବଧାନରେ ଏସଆଇଟି ତଦନ୍ତ ଓ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

## ଟାଟା ପାୱାର ହାତକୁ ଯିବ ୱେସ୍କୋ ଓ ସାଉଥ୍‌କୋ

ଭୁବନେଶ୍ୱର,୦୪।୧୨ (ନି.ପ୍ର): ବିଦ୍ୟୁତ ବଂଟନକାରୀ କମ୍ପାନୀ ସେସୁ ପରେ ଟାଟା ପାୱାର ୱେସ୍କୋ ଓ ସାଉଥକୋ କମ୍ପାନୀକୁ ଅଧିଗ୍ରହଣ କରିବ । ଶୁକ୍ରବାର ଦିନ ଫାଇନାନ୍ସିଆଲ ବିଡ୍ ଉନ୍ମୁକ୍ତ ହେବାପରେ ଟାଟା ପାୱାର ଓଡ଼ିଶାର ଏହି ଦୁଇଟି ବିଦ୍ୟୁତ ବଂଟନକାରୀ କମ୍ପାନୀକୁ ଅଧିଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛି । ଏହାପରେ ୱେସ୍କୋ ଓ ସାଉଥକୋର ସମସ୍ତ କର୍ମଚାରୀ ଟାଟା ଅଧୀନକୁ ଆସିବେ । ଏହି ଦୁଇ କମ୍ପାନୀକୁ ଅଧିଗ୍ରହଣ ପାଇଁ ନିଲାମ ପ୍ରକ୍ରିୟାରେ ଇଣ୍ଡିଆ ପାୱାର କର୍ପୋରେସନ ଓ ଫ୍ରାନ୍ସ ସରକାରଙ୍କ ଇଲେକ୍ଟ୍ରିସାଇଟ ଡି ଫ୍ରାନ୍ସ ସା(ଇଡିଏସ) କମ୍ପାନୀ ମଧ୍ୟ ସାମିଲ ଥିଲେ । ରାଜ୍ୟର ୩ଟି ବିଦ୍ୟୁତ ବଂଟନକାରୀ କମ୍ପାନୀ ୱେସ୍କୋ, ନେସ୍କୋ ଓ ସାଉଥକୋର ଘରୋଇକରଣ ନିମନ୍ତେ ଓଇଆଇସିଙ୍କ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ନେସ୍କୋ ପାଇଁ ଟାଟା ପାୱାର ଏକମାତ୍ର କମ୍ପାନୀ ଭାବେ ଟେଣ୍ଡର ଦାଖଲ କରିଥିଲା । ୱେସ୍କୋ ଓ ସାଉଥକୋକୁ ଅଧିଗ୍ରହଣ ନିମନ୍ତେ ଆଜି ଫାଇନାନ୍ସିଆଲ ବିଡ୍ (ଆର୍ଥିକ ଟେଣ୍ଡର) ଖୋଲା ଯିବାପରେ ଟାଟା ପାୱାର ଯୋଗ୍ୟ ବିବେଚିତ ହୋଇଛି । ୱେସ୍କୋ ଓ ସାଉଥକୋକୁ ୨୫ବର୍ଷ ପାଇଁ ଟାଟା ପାୱାର ଅଧିଗ୍ରହଣ କରିବ । ଏହି ଦୁଇ ବିଦ୍ୟୁତ ବଂଟନକାରୀ କମ୍ପାନୀରେ ଓଡ଼ିଶା ସରକାରଙ୍କ ୪୯ପ୍ରତିଶତ ଓ ଟାଟା ପାୱାରର ୫୧ ପ୍ରତିଶତ ଅଂଶଧନ ରହିବ ।

## ପିଜି, ପିଏଚଡି ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବ ଲାବ୍ରୋଟାରୀ

ଭୁବନେଶ୍ୱର, ୦୪ ଡିସେମ୍ବର - ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ଥିବା ଲାବ୍ରୋଟାରୀଗୁଡ଼ିକ ଖୋଲିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ଦିନ ଅନୁମତି ଦେଇଛନ୍ତି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କେଲଜର ପ୍ରିନ୍ସିପାଲମାନଙ୍କୁ ଚିଠି ଲେଖି ରିସର୍ଚ୍ଚ ସ୍କଲାର(ପିଏଚଡି), ଏମଫିଲ୍ , ଟେକ୍ନୋଲାଜି ଓ ପିଜି ଛାତ୍ରଛାତ୍ରୀ(ବିଜ୍ଞାନ)ମାନଙ୍କ ପ୍ରାକ୍ଟିକାଲ ନିମନ୍ତେ ପାଇଁ ଲ୍ୟାବ୍ରୋଟାରୀ ଖୋଲିବାକୁ ଅନୁମତି ଦେଇଛନ୍ତି । ତେବେ କୋଭିଡ-୧୯ ଗାଇଡଲାଇନ୍ ପାଳନ ବାଧ୍ୟତାମୂଳକ ହେବ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୦୨ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୪।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୦୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୦୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତଦନ୍ତ ଆରମ୍ଭ

ବାଲେଶ୍ୱର,୦୪।୧୨ (ନି.ପ୍ର): ଦୁଷ୍କର୍ମ ପରେ ବିଷ ପିଆଇ ନାବାଳିକାଙ୍କୁ ହତ୍ୟା ଘଟଣାରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଟିମ୍ ଗୁରୁବାର ଦିନ ନୀଳଗିରି ଅଞ୍ଚଳକୁ ଯାଇ ତଦନ୍ତ ଆରମ୍ଭ ସହ ମୃତ ନାବାଳିକା ପରିବାରକୁ ଭେଟିଛନ୍ତି । ଆୟୋଗର ମହିଳା ସଦସ୍ୟା ମନ୍ଦାକିନୀ କର ଓ ଦିବ୍ୟ ଶାଶ୍ୱତି ପ୍ରଥମେ ନୀଳିଗିରି ଥାନାରେ ପହଞ୍ଚି ଏହି ମାମଲାର ବିବରଣୀ ସଂଗ୍ରହ କରିଥିଲେ । ପରେ ପୁଲିସ ସହିତ ଘଟଣାସ୍ଥଳ ଇଟାଭାଟି ଓ ତାର ଆଖପାଖ ଅଂଚଳର ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ । ତା ପରେ ଦୁଷ୍କର୍ମ ଶିକାର ନାବାଳିକାର ଘରକୁ ଯାଇ ତାର ବାପା ମାଆଙ୍କ ସହିତ ଆଲୋଚନା



କରିଥିଲେ । ଏମିତିକି ପଡୋଶୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ପରେ ଜିଲା ଶ୍ରମ ଅଧିକାରୀଙ୍କ ସହ ସେମାନେ ଆଲୋଚନା କରି ଜିଲାର ଇଟାଭାଟିଗୁଡିକରେ ଯେପରି କୌଣସି ଶିଶୁ ଶ୍ରମିକ କାମ ନ କରନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ନୀଳଗିରିରୁ ଫେରିବା ପରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସହିତ ଘଟଣା ବିଷୟରେ ଆୟୋଗ ସଦସ୍ୟମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ନାବାଳିକାର ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନରେ ଯେପରି ବିଳମ୍ବ ନ ହୁଏ ଏବଂ ଆବଶ୍ୟକ ସ୍ଥଳେ ଜରୁରୀକାଳୀନ ପାଣ୍ଠିରୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ତଦନ୍ତ ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଆଇନ ପର୍ଯ୍ୟବେକ୍ଷକ ଅଧିକାରୀ, ମୁକ୍ତିକାନ୍ତ ପଣ୍ଡା ସହଯୋଗ କରିଥିଲେ । ଶେଷରେ ଉକ୍ତ ଟିମ୍ ବାଲେଶ୍ୱର ଉତ୍କଳ ବାଳାଶ୍ରମ ପରିଦର୍ଶନ ସହ ସେଠାରେ ଥିବା ଅନ୍ତେବାସୀମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।

## ପାଠକ ବାପପୁଅଙ୍କ କୋଟି କୋଟି ଟଙ୍କା ଠୁଳ ମାମଲା
# ବ୍ରହ୍ମପୁରରେ ଭିଜିଲାନ୍ସ ଏସଆଇଟି ଟିମ୍‌ର ଖୋଳତାଡ଼ ଜାରି
## ପୁଅ ଝିଅଙ୍କ ନାମରେ ମୋଟ୍ ୭ ଆକାଉଂଟ ଠାବ

ଗଞ୍ଜାମ, ୪ ଡିସେମ୍ବର (ହି.ସ.)- ଆଇଏସଏସ ଅଫିସର ଅଭୟକାନ୍ତ ପାଠକଙ୍କ କୋଟି କୋଟି ଟଙ୍କା ଠୁଳ ନେଇ ତଦନ୍ତ ଜାରୀ ରଖିଛି ଭିଜିଲାନ୍ସ ଏସଆଇଟି ଟିମ୍ । ରାଜ୍ୟର ବିଭିନ୍ନ ସହରରେ ଭିଜିଲାନ୍ସ ଏସଆଇଟି ଏନେଇ ଯାଂଚ୍ ଜାରୀ ରଖିଥିବା ବେଳେ ବ୍ରହ୍ମପୁର ସହରରେ ସୋମବାର ଠାରୁ ଟିମ୍ ପହଂଚି ଅଭୟ ଓ ତାଙ୍କ ସମ୍ପର୍କିୟ ଓ ପୁଅ ଝିଅଙ୍କ ନାମରେ ବ୍ରହ୍ମପୁରରେ କେତେ ସମ୍ପତି ରହିଛି ତାହାର ଆକଳନ ଜାରୀ ରଖିଛି । ଏସଆଇଟି ବହୁ କାଗଜପତ୍ର ପାଇଥିବା ଜଣାପଡିଛି । ଅଭୟଙ୍କ ୨୦୦୪ରୁ ୨୦୦୭ ଡିଏଫଓ ବ୍ରହ୍ମପୁର ଓ ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ଓଏଫଡ଼ିସି ବ୍ରହ୍ମପୁରରେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ କିଛି ଆର୍ଥିକ ହେରଫେର୍ ହୋଇଛି କି ନାହିଁ ଏନେଇ ତଦନ୍ତ ଜାରୀ ରହିଛି । ଏହି ସମୟରେ କେଉଁ ଯୋଜନା କାର୍ଯ୍ୟକାରୀ ହୋଇଥିଲା ଏବଂ ସେଥିରେ କିଛି ଆର୍ଥିକ ହେରଫେର୍ ହୋଇଛି ତାର ମଧ ଯାଂଚ୍ କରୁଛି ଏସଆଇଟି ସେ ବ୍ରହ୍ମପୁରରେ ଯେଉଁ ସମୟରେ ଡ଼ିଏଫଓ ଥିଲେ ଏବଂ ଯେଉଁ ସମୟରେ ଓଏଫଡ଼ିସି ମ୍ୟାନେଜର ରହିଥିଲେ ସେହି ସମୟର କାଗଜପତ୍ର ଅଫିସକୁ ମଗାଯାଇଥିଲା । ଡ଼ିଏଫଓ ଅଫିସରୁ ସମସ୍ତ କାଗଜପତ୍ର ମିଳିଛି । ତେବେ ଓଏଫଡ଼ିସି କାର୍ଯ୍ୟାଳୟରୁ ଆବଶ୍ୟକ କାଗଜପତ୍ର ମିଳିନାହିଁ । ଡ଼ିଏଫଓ ଅଫିସରୁ ଯେଉଁ କାଗଜପତ୍ର ମିଳିଛି ତାହାର ତର୍ଜମା କରାଯାଉଛି ବୋଲି କହିଛନ୍ତି ବ୍ରହ୍ମପୁର ଭିଜିଲାନ୍ସ ଏଏସପି ଶାନ୍ତନୁ କୁମାର ପାଢ଼ୀ । ଏସଆଇଟି ଟିମ୍ ତଦନ୍ତ ଜାରୀ ରଖିଛି । ଏବଂ ବହୁ ତଥ୍ୟ ହସ୍ତଗତ ହୋଇଥିବା ସେ ପ୍ରକାଶ କରିଛନ୍ତି ।

▶▶ପୃଷ୍ଠା ୭

## 'ମୋ ସ୍କୁଲ' ଅଭିଯାନ ପ୍ରକଳ୍ପ ପାଇଁ ୧୦.୭୫ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର,୦୪।୧୨ (ନି.ପ୍ର): 'ମୋ ସ୍କୁଲ' ଅଭିଯାନର ୧୯ତମ କାର୍ଯ୍ୟକାରୀ ପରିଷଦ ବୈଠକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋଟ ୧୦.୭୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି ଏବଂ ଯଦ୍ୱାରା ବିଭାଗ ପ୍ରାୟ ୨୦ ହଜାର ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଶ୍ଳିଷ୍ଟ କରାଯାଇ ପାରିଛି । ଆଜିର ବୈଠକରେ ଓଡ଼ିଶାର ୨୮ଟି ଜିଲ୍ଲାର ୨୬୫୭ଟି ବିଦ୍ୟାଳୟର ପ୍ରକଳ୍ପକୁ ସ୍ୱୀକୃତ ପ୍ରଦାନ କରାଯାଇଛି । ଏହି ବୈଠକରେ ଗଜପତିରେ ୫୩.୭୨ ଲକ୍ଷ, ସୁନ୍ଦରଗଡ଼ରେ ୪୬.୭୨ ଲକ୍ଷ, କଳାହାଣ୍ଡିରେ ୩୬.୦୭ ଲକ୍ଷ, ବାଲେଶ୍ୱରରେ ୩୫.୯୨ ଲକ୍ଷ ଏବଂ କଟକରେ

▶▶ପୃଷ୍ଠା ୭

# ବାସେଲୀ ସାହି ଥାନା ଆଇଆଇସିଙ୍କ ନିଲମ୍ବନ ପାଇଁ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ,୪।୧୨ (ନି.ପ୍ର): ବାସେଲୀ ସାହି ଥାନା ଆଇଆଇସିଙ୍କ ନିଲମ୍ବନ ଦାବି କରି ପୁରୀ ଓକିଲ ସଂଘର କେତେକ ସଭ୍ୟ ଡିଜିଙ୍କ ଉଦ୍ଦେଶ୍ୟରେ ଏସପିଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଯେଉଁ ଥାନାରେ କେ.ରମେଶଙ୍କ ହାଜତ ମୃତ୍ୟୁ ଅଭିଯୋଗ ହୋଇଥିଲା ସେହି ଥାନାର ଆଇଆଇସି ପୁଣି କିପରି କାର୍ଯ୍ୟରେ ଯୋଗଦେଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଜାତୀୟ ମାନବିକ ଅଧିକାର କମିଶନ ଓ ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥା ଆଇଆଇସି ରହିବା ଫଳରେ ନିରପେକ୍ଷ ତଦନ୍ତରେ ବାଧା ଉପୁଜିବ ବୋଲି ଅଭିଯୋଗ କରିଥିଲେ । ବାସେଲୀ ସାହି ଥାନା ଅଧିକାରୀଙ୍କୁ ବଦଳି କରିବା ପାଇଁ ସଭ୍ୟମାନେ ଦାବି କରିଛନ୍ତି । ଏହି ଘଟଣାରେ ପୂର୍ବତନ ଏସପିଙ୍କ ବଦଳି ହୋଇଥିବା ବେଳେ ତିନି ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା । ଦାବିପତ୍ର ଦେବା ସମୟରେ ଓକିଲ ସଂଘର ସଭ୍ୟ ଶାରଦା ପ୍ରସାଦ ସାମଲ, କମଳଲୋଚନ ମିଶ୍ର, ଶରତ ରାୟଗୁରୁ, ରତିକାନ୍ତ ପ୍ରତିହାରୀ, ବିଶ୍ୱଜିତ ପ୍ରଧାନ, ତପନ ବାରିକୀ, ମନୋଜ ପ୍ରଧାନ, ଅମ୍ବିକା ପ୍ରସାଦ ଦାସ, ଅନୀଲ କୁମାର ସାହୁ, କର୍ଣ୍ଣବୀର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବରୀ ବିଜେପିର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଧର୍ମଶାଳା,୪।୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ଓଡିଶା ପ୍ରଦେଶ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବ୍ରହ୍ମବରଦା ମେଲଣ ପଡିଆ ନିକଟରେ ଏକ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୩୬ ନମ୍ବର ଜୋନ୍ ବ୍ରହ୍ମବରଦା ମଣ୍ଡଳ ଓ ଚନ୍ଦନେଶ୍ୱର ମଣ୍ଡଳର ୧୦ ଗୋଟି ପଂଚାୟତକୁ ନେଇ ନେସନ ଫାଷ୍ଟ ମଣ୍ଡଳର ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ବରୀ ନିର୍ବାଚନ ମଣ୍ଡଳୀର ଯୁବନେତା ବିଶ୍ୱରଂଜନ ମଲ୍ଲିକ, ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ସହ ଦଳର ସାଂସ୍କୃତିକ ରାଷ୍ଟ୍ରବାଦ, ଗରିବ କଲ୍ୟାଣ ଯୋଜନା ଆଦି ଲୋକାଭିମୁଖୀ ହୋଇଛି । ରାଜ୍ୟରେ ଆଇନକାନୁନ୍ ବୋଲି କିଛି ନାହିଁ । ଦିନକୁ ଦିନ ଅରାଜକତା ବଢି ଚାଲିଛି । ହତ୍ୟା ଓ ରାହାଜାନୀ ଭଳି ଘଟଣାକୁ ନେଇ ସାଧାରଣ ଲୋକେ ଅତିଷ୍ଠ ହୋଇଗଲେଣି । ସମସ୍ତ ଜନସାଧାରଣ ଅସୁରକ୍ଷିତ ମନେ କଲେଣି । ତେବେ ସମୟ ଆସିଛି ଦଳୀୟ ନୀତି, ଏକ ମନୋଭାବ ଓ ସାଂଗଠନିକ ସ୍ଥିତିକୁ ନେଇ ଆଗକୁ ବାହାରିଲେ ଦଳ ସଫଳତାର ସୋପାନରେ ପହଂଚି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ୩୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀ, ବରୀ ବ୍ଲକ ଅଧକ୍ଷା ସୁବାସିନୀ ନାଥଶର୍ମା, ଚନ୍ଦନେଶ୍ୱର ମଣ୍ଡଳ ସଭାପତି ଶଶିଭୂଷଣ ଦାସ, ପଂଚାୟତ ସଭାପତି ଜ୍ୟାଉଲା ଖାଁ, ବ୍ରହ୍ମବରଦା ପଂଚାୟତ ସଭାପତି ଅତୁଲ୍ୟ କୁମାର ରାଉତ, ରହିମରାଜା, ବରିଷ୍ଠ ସଭ୍ୟ ପରମାନନ୍ଦ ସାହୁ, ସାମାଜିକକର୍ମୀ ପ୍ରଫୁଲ୍ଲ ଗିରି, ମୁକୁନ୍ଦ ମହାନ୍ତି, ଅମୂଲ୍ୟ ରାଉତ, ଦିଲ୍ଲିପ ବିଶ୍ୱାଳ, ଅଶୋକ ମହାନ୍ତି, ମନୋରମା ଦାସ, ସେକ ଅର୍ସଦ ଅୟୁବ, ବିକ୍ରୁ ଦାସ, ନିର୍ମଳ ଦାସ, ତପନ ମହାଳିକ, ପ୍ରଶାନ୍ତ ମୁଦୁଲି, ପ୍ରଶାନ୍ତ ମହାଳିକ, ବିଜୟ ରାଉତ, ମନୋଜ ମଲ୍ଲିକ, ଅଭିମନ୍ୟୁ ଦାସ, ଚକ୍ରଧର ବେହେରା ଓ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ । କର୍ମୀମାନଙ୍କୁ ଦଳୀୟ ଆଦର୍ଶ ଓ ବୁଥ ସ୍ତରରୁ ଦଳକୁ ମଜଭୁତ କରିବାକୁ ପ୍ରଶିକ୍ଷଣ ଦିଆଯାଇଥିଲା । ବ୍ରହ୍ମବରଦା ଅଂଚଳର କଂଗ୍ରେସ କର୍ମୀ ସତ୍ୟ ନାରାୟଣ ଦାସ କର୍ମୀଙ୍କ ଗହଣରେ ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଥିଲେ । ଦଳ ପକ୍ଷରୁ ସେମାନଙ୍କୁ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଶେଷରେ ପ୍ରଦିପ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିସେମ୍ବର ୮ରୁ କୋଣାର୍କ ଇକୋ ରିଟ୍ରିଟ

ପୁରୀ,୪।୧୨ (ନି.ପ୍ର): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଗତ ବର୍ଷଠାରୁ କୋଣାର୍କ ରାମଚଣ୍ଡୀ ଦେବୀ ମୁହାଣ ଠାରେ ଇକୋ ରିଟ୍ରିଟ ଆରମ୍ଭ ହୋଇଥିଲା । ଚଳିତବର୍ଷ ଓଡିଶାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୫ଟି ସ୍ଥାନରେ ଏହି ବ୍ୟବସ୍ଥା କରାଯାଇଛି । କୋଣାର୍କ ସମେତ ହୀରାକୁଦ, ଭିତରକନିକା, ଦାରିଙ୍ଗବାଡି ଓ ସାତକୋଶିଆରେ ଏହି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଏହି ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଜିଲ୍ଲାପାଳ ବଳବନ୍ତ ସିଂହ ପ୍ରମୁଖ । ରାସ୍ତା, ଟେଂଟ ଓ ବିଦ୍ୟୁତ୍ କାର୍ଯ୍ୟ କ୍ଷିପ୍ର ଗତିରେ ଚାଲିଛି । ପ୍ରବେଶ ପଥରେ ଏକ ବିରାଟ ଆକର୍ଷଣୀୟ ତୋରଣ କରାଯାଇଛି । ପର୍ଯ୍ୟଟକମାନଙ୍କୁ ଅଭ୍ୟର୍ଥନା ପ୍ରକୋଷ୍ଠ ଠାରୁ ଟେଣ୍ଟ ଆଉସ ପର୍ଯ୍ୟନ୍ତ ନେବାପାଇଁ ୬ଟି ଇ-ଅଟୋ ବ୍ୟବସ୍ଥା ହୋଇଛି । ଟେଣ୍ଟ ପରିସରରେ ଡାଇନିଂ ହଲ୍ ଓ ୩ଟି ଓପନ ବାର୍ ଖୋଲାଯାଇଛି । ଏହାସହ ପର୍ଯ୍ୟଟକଙ୍କ ପାଇଁ ଯୋଗ, ସାମୁଦ୍ରିକ କ୍ରୀଡ଼ା, ପାରାସୋଲିଂ ଓ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି । କୋଭିଡ୍ କଟକଣା ସହ ଏହି ଇକୋରିଟ୍ରିଟ ଡିସେମ୍ବର ୮ରୁ ୨୮ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଚାଲୁରହିବ । ଏଥିପାଇଁ ଅନଲାଇନ୍ ବୁକିଂକୁ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ ।

## ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ

କେନ୍ଦ୍ରପଡ଼ା,୪।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି । ଏହା ସହ ଅନଲାଇନ ରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ର ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ ବାସୁଦେବ ପଣ୍ଡାଙ୍କ ତତ୍ୱାବଧାନ ରେ କରାଯାଇ ଥିବାବେଳେ ପ୍ରାଧିକରଣ ର ସଚିବ ମଳୟ କୁମାର ପ୍ରଧାନ ପରିଚାଳନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଡେପୁଟି କଲେକ୍ଟର ବିରଜା ରାଉତରାୟ ତଥା ମୁଖ୍ୟ ଉପଦେଷ୍ଟା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ନିମାଇଁ ନ୍ୟୁନତା ସଂସ୍ଥାର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଯୋଗଦେଇ ଉପସ୍ଥିତ ବକ୍ତା ମାନଙ୍କୁ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ଭିନ୍ନକ୍ଷମ ବିଦ୍ୟାଳୟ ର କର୍ମକର୍ତା, ପ୍ୟାନେଲ ଲୟାର ଏବଂ ପିଏଲଭି ମାନେ ଯୋଗ ଦେଇଥିଲେ ।

# ରକ୍ତଦାନ ଶିବିର ଆୟୋଜିତ : ୩୩ ୟୁନିଟ୍ ରକ୍ତ ସଂଗ୍ରହ

ଜୟପୁର,୪।୧୨ (ନି.ପ୍ର): ଜୟପୁର ଉପଖଣ୍ଡ କାରାଗାର ଜେଲ୍ କୋଲନିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୦ ତାରିଖରେ ଜେଲ୍ ପ୍ରତିଷ୍ଠା ଦିବସ ଥିବାରୁ ଆଗୁଆ ଏପରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜେଲ୍ ତରଫରୁ ଆୟୋଜନ କରାଯାଇଛି । ଏହି ଶିବିରକୁ ଏଡିଏମଓ ରାମଚନ୍ଦ୍ର ମହାନ୍ତି ରିବନ କାଟି ଉଦଘାଟନ କରିଥିଲେ । ଶିବରେ ଜେଲ୍ ଅଧିକ୍ଷକ ଲଲାଟେନ୍ଦୁ ଭୁଷଣ ଦାଶ ଓ ନିହାରିକା ଦାଶ ଦମ୍ପତି ରକ୍ତଦାନ କରିଥିଲେ । ସର୍ବମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବରକୁ ଜେଲ୍ ଅଧିକ୍ଷକ ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ । ଶିକ୍ଷା ଓ ସାହାଯ୍ୟ ପରିବାର ସହଯୋଗ କରିଥିଲେ । ପ୍ରମୋଦ କୁମାର ରାଉତ, କାର୍ତିକ ରାଉତ ଶିବିର ସଂଚାଳନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜୟ ମିଶ୍ର ପ୍ରଦିପ୍ତ ସାହୁ, ରମେଶ ପଟ୍ଟନାୟକ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଜୟପୁର ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ଏସ.ଏସ. ମିଶ୍ର, ଏଲଟ, ସରୋଜ କୁମାର ସ୍ୱାଇଁ, ଅଭୟ ପଣ୍ଡା, ରଶ୍ମୀ ରଞ୍ଜନ ପ୍ରଧାନ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଡି.ଜି.ପି ସନ୍ତୋଷ କୁମାର ଉପାଧାୟ ଏପରି ଜନ କଲ୍ୟାଣ କାର୍ଯ୍ୟ ନିମନ୍ତେ ଆୟୋଜକ ଓ ରକ୍ତଦାତା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଜେଲର ପ୍ରତିଷ୍ଠା ଦିବସ ଅବସରରେ ସମାଜକୁ ଭଲ ବାର୍ତା ଦେବା ଉଦ୍ଦେଶ୍ୟରେ ଏପରି ମହତ୍ କାର୍ଯ୍ୟ କରାଯାଇଥିବା ବେଳେ ସମସ୍ତ ରକ୍ତ ଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

## ବାଲ୍ୟ ବିବାହ ରୋକାଗଲା

ନୂଆପଡା,୪।୧୨ (ନି.ପ୍ର): ଖଡିଆଳ ସମ୍ବନ୍ଵିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଚାଇଲ୍ଡ ଲାଇନ ନୂଆପଡାର ମିଳିତ ଉଦ୍ୟମରେ ଏକ ବାଲ୍ୟ ବିବାହକୁ ରୋକା ଯାଇଛି । ଖଡିଆଳ ବ୍ଲକର ୧୯ ବର୍ଷୀୟା ନାବାଳକ ସହ କୋମନା ବ୍ଲକର ୧୭ ବର୍ଷିଆ ନାବାଳିକାଙ୍କ ବିବାହ ସ୍ଥିର ହୋଇଥିଲା । ଏହି ଖବର ପାଇ ସମ୍ବନ୍ଵିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଚାଇଲ୍ଡ ଲାଇନ କର୍ମକର୍ତା ଗ୍ରାମରେ ପହଂଚି ଭଦ୍ର ଲୋକଙ୍କ ଉପସ୍ଥିତିରେ ୨ ପରିବାରର ବାଲ୍ୟ ବିବାହକୁ ବାରଣ କରିଥିଲେ । ସେମାନେ ବାଲ୍ୟ ବିବାହର କୁପରିଣାମ ସହ ଭୟାବହତା ଓ ଆଇନ ସମ୍ପର୍କରେ ସୂଚନା ଦେବା ପରେ ୨ ପରିବାର ବିବାହକୁ ବନ୍ଦ କରିଥିବା ନେଇ ସୂଚନା ମିଳିଛି । ଏଥିରେ ଖଡିଆଳ ସମ୍ବନ୍ଵିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମନକୁମାରୀ ଲୀମ୍ବା, କୋମନାର ବିମଳିନୀ ପ୍ରଧାନ, ସୁପରଭାଇଜର ପ୍ରଗତୀ ପ୍ରୀୟା ପଇଛା, ଅର୍ଚ୍ଚନା ରାଉତ, ଶକୁନ୍ତଳା ତାଣ୍ଡି, ଚାଇଲ୍ଡ ଲାଇନ ସଂଯୋଜକ ମୁକେଶ କୁମାର ଯୋଷୀ, ସବିତା ସୁନାନୀଙ୍କ ସମେତ ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ଓକିଲ ସଂଘ ନିର୍ବାଚନ ପ୍ରସଙ୍ଗ : କୋର୍ଟର ଦ୍ୱାରସ୍ଥ ହେଲେ ଆଇନଜୀବୀ

ଜୟପୁର,୪।୧୨ (ନି.ପ୍ର): କୋରାପୁଟ ଜିଲା ଓକିଲ ସଂଘର ନିର୍ବାଚନ ଆସନ୍ତା ୧୨ ତାରିଖରେ ରହିଛି । କିନ୍ତୁ, ନିର୍ବାଚନରେ ପାଖା ପାଖି ୮୦ ଜଣ ଓକିଲଙ୍କୁ ଭୋଟ୍ ଦେବା ଅଧିକାରିକୁ ବାରଣ କରାଯାଇଛି । ଏନେଇ ୨ ଜଣ ଆଇନଜୀବି ସିଭିଲ୍ ଜର୍ଜ ଜୁନିୟର ଡିଭିଜନରେ ଅଭିଯୋଗ କରାଯାଇଛି । ଏହି ଅଭିଯୋଗ ପାଇଁ କୋର୍ଟ ସି.ଏସ ୪/୨୦୨୦ ରେ ମାମଲା ରୁଜୁ କରିଛି । ଅଭିଯୋଗକାରୀ ଓକିଲ ବିଶ୍ୱନାଥ ଆଚାରି ଓ ଦେବରାଜ ଦାସ ଏହି ଅଭିଯୋଗ କରିଥିବା ବେଳେ ଅଭିଯୋଗକାରୀଙ୍କ ଓକିଲ ଜଜାତି ଅଧିକାରି ରହିଛନ୍ତି । ଜିଲା ଓକିଲ ସଂଘ ଜୟପୁର, ଓଡିଶା ଷ୍ଟେଟ ବାର୍ କାଉନସିଲ, ସମ୍ପାଦକ ଜିଲା ଓକିଲ ସଂଘ, ଓ ନିର୍ବାଚନ ଅଧିକାରି ଜିଲା ଓକିଲ ସଂଘଙ୍କୁ ପକ୍ଷଭୁକ୍ତ କରାଯାଇଛି । ଅଭିଯୋଗକାରୀ ଯୁକ୍ତି ଦର୍ଶାଇଛନ୍ତି ଯେ, ଯେଉଁ ଓକିଲ ମାନଙ୍କୁ ବାଦ୍ ଦିଆଯାଇଛି ସେମାନେ ଜିଲା ଓକିଲ ସଂଘର ଆଜୀବନ ସଦସ୍ୟ । ସେଥି ପାଇଁ ଯାହା ନିର୍ଦ୍ଧାରିତ ହୋଇଥିଲା ତାହାର ଫିଜ ମଧ ଦେଇଛନ୍ତି । କିନ୍ତୁ ଓକିଲ ସଂଘ ମାସିକ ଦେୟ ଦେଇନଥିବା ଅଭିଯୋଗରେ ଭୋଟ୍ ଦେବାକୁ ବାଦ୍ ଦିଆଯାଇଛି । ଯାହାକୁ ନେଇ ଅଭିଯୋଗକାରୀ ଯୁକ୍ତି ଦର୍ଶାଇଛନ୍ତି ଯେ, ଏହା ଷ୍ଟେଟ ବାର୍ କାଉନସିଲର ନିୟମାବଳି ବିରୁଦ୍ଧରେ । ଏହା ସହ ଯେଉଁ ଓକିଲ ମାନଙ୍କୁ ଭୋଟ ଦେବାକୁ ବାରଣ କରାଯାଇଛି ସେମାନଙ୍କୁ ବିନା କାରଣ ଦର୍ଶାଅ ନୋଟିସ ମଧ ଦିଆଯାଇ ନାହିଁ । ଓକିଲ ସଂଘ କୌଣସି ବି ରାଜନୈତିକ ଦଳ ସମର୍ଥିତ ହୋଇପାରିବ ନାହିଁ ବୋଲି ଓଡିଶା ବାର୍ କାଉନସିଲର ନିୟମାବଳି ମଧ ରହିଛି । ତେଣୁ କୋର୍ଟକୁ ଓକିଲ ମାନେ ପ୍ରାର୍ଥନା କରିଛନ୍ତି ଯେ, ଆଜୀବନ ସଦସ୍ୟଙ୍କୁ ଭୋଟ୍ ତାଲିକାରେ ବାଦ୍ ଦିଆନଯାଉ, ମାମଲା ରାୟ ଶୁଣାଣି ନହେବା ଯାଏ ଓକିଲ ସଂଘ ନିର୍ବାଚନ କରାନଯାଉ ।

# ସୋତିରେ ମୋ ସ୍କୁଲ ଅଭିଯାନ

କୋରେଇ,୪।୧୨ (ନି.ପ୍ର): ଗୋଳେଇପୁର ପଂଚାୟତର ସୋତି ୟୁଜିଏମଇ ସ୍କୁଲରେ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପୁରାତନ ଛାତ୍ର/ଛାତ୍ରୀ ମାନଙ୍କୁ ନେଇ କୋଭିଡ ନିୟମନୁସାରେ କମିଟି ଗଠନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ମାଧବ ପ୍ରସାଦ ମହାନ୍ତିଙ୍କ ଆହ୍ୱାନରେ ବିଦ୍ୟାଳୟର ବୟୋଜେଷ୍ଠ ପୁରାତନ ଛାତ୍ର ଜନାର୍ଦ୍ଦନ ଦାଶଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଏହି ଯୋଜନନାର ଉପଦେୟତା ସର୍ମ୍ପକରେ ସବିଶେଷ ଆଲୋଚନା କରାଯାଇଥିଲା । ପୁରାତନ ଛାତ୍ର ମାନଙ୍କ ମଧ୍ୟରୁ ଆଇନଜିବୀ ବଟକୃଷ୍ଣ ମହାପାତ୍ରଙ୍କୁ ସଭାପତି ରୂପେ ମନୋନୟନ କରାଯାଇଥିଲା । ସୋମନାଥ ମହାପାତ୍ର. ମହେନ୍ଦ୍ର କୁମାର ଦାଶ, ସନାତନ ପଣ୍ଡା, ଗୋପିନାଥ ମହାପାତ୍ର, ଗୌରାଙ୍ଗ ମଳିକ, ଅବସରପ୍ରାପ୍ତ ଅଧ୍ୟାପକ ଉମାକାନ୍ତ ଖଣ୍ଡାଇ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ବିଦ୍ୟାଳୟ ଶିକ୍ଷ/ଶିକ୍ଷୟତ୍ରୀ ସହଯୋଗ କରିବା ସହିତ ପରିଚାଳନା କମିଟିର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ବୈଠକରେ ପୁରାତନ ଛାତ୍ର ମାନଙ୍କ ଠାରୁ ୧୧ହଜାର ଟଙ୍କା ଅନୁଦାନ ଆଦାୟ ହୋଇଥିଲା ।

# ନବମ ଦିନରେ ବିସ୍ଥାପିତ ସହାୟତା ସମିତିର ଆନ୍ଦୋଳନ

## ଆନ୍ଦୋଳନକାରୀଙ୍କ ସହ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ପିଡି ଆରଆରଙ୍କ ଆଲୋଚନା

ନୂଆପଡା,୪।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ସହାୟତା ସମତି ଅନ୍ତର୍ଗତ ଗ୍ରାମ୍ୟ କମିଟିର ଧାରଣା ଗୁରୁବାର ନବମ ଦିନରେ ପହଂଚିଛି । ଆଜିର ଧାରଣା ସ୍ଥଳରେ ଖଡିଆଳ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ପିଡି ଆରଆର ନନ୍ଦକିଶୋର ତାଣ୍ଡି ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବିସ୍ଥାପିତ ମାନେ ଦାବୀ କରିଥିବା ୬ ଗୋଟି ମୁଖ୍ୟଦାବୀର ଆଲୋଚନା କରିଥିବା ବେଳେ ଏହି ସବୁ ଦାବୀର ସମାଧାନ ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂହ କରିବେ ବୋଲି ପ୍ରକାଶ କରିଥିଲେ । ଆସନ୍ତାକାଲି ବିସ୍ଥାପିତ ସହାୟତା ସମିତି ସହ ନୂଆପଡା ଜିଲ୍ଲାପାଳ ଅପରାହ୍ନ ସମୟରେ ଏକ ବୈଠକ ଆୟୋଜନ କରି ସମସ୍ୟା ସବୁର ଆଲୋଚନା କରାଯିବ ବୋଲି ସୂଚନା ମିଳିଛି । ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଅଂଶଗ୍ରହଣ କରିବେ । ଆଜିର ଏହି ଧାରଣାସ୍ଥଳରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ସମେତ କେନାଲ ବିଭାଗର ନିର୍ବାହୀଯନ୍ତ୍ରୀ ଏସ.ଏସ. ଦାସ ଏବଂ ନିର୍ବାହୀଯନ୍ତ୍ରୀ ଆରଆର ରଞ୍ଜିନ କୁମାର ପାଣି ମଧ୍ୟ ଉପସ୍ଥିତ ଥିଲେ । ଆଜିର ଧାରଣସ୍ଥଳରେ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପିନାଥ ଗଉଡ, ସହାୟତା ସମିତିର ଉପଦେଷ୍ଟା ଯଦୁମଣୀ ପାଣିଗ୍ରାହୀ, ଅମରେଶ ପଟ୍ଟନାୟକ, କରୁଣାକର ହୋତା, ହୃଷୀକେଶ ବେହେରା, ବୁଢାରାମ ଦଳ, ପ୍ରମୋଦ ଗୁଆଲ, ନିଳକଣ୍ଠ ପ୍ରଧାନ, କିଶୋର ବେହେରା, ତୁକାରାମ ସଗରିଆ, ଦୁର୍ଯ୍ୟୋଧନ ମାଝୀ, ହରମୋହନ ମେହେର, ନିଳାମ୍ବର ଜଗତ, ନିରା ହରିଜନ, ନାରାୟଣ ଅହିରଙ୍କ ସମେତ ଶତାଧିକ ବିସ୍ଥାପିତ ସାମିଲ ଥିଲେ । ବିସ୍ଥାପିତ ମାନେ ଗତ ୨୫ ତାରିଖରୁ ସେମାନଙ୍କ ମୁଖ୍ୟ ୬ ଗୋଟି ଦାବୀ ଯଥା ୨୦୦୦ ମସିହାର ପରିବାର ସର୍ଭେକୁ ଅନୁଧ୍ୟାନ କରି ଥଇଥାନ ହିତାଧିକାରୀ ଚିହ୍ନଟ କରାଯିବା, ୯୪ ଥଇଥାନ ନୀତିରେ ପାଇଥିବା ଥଇଥାନ ରାଶିର ୨୬୧ ଥଇଥାନ ହିତାଧିକାରୀଙ୍କୁ ୨୦୦୬ ଥଇଥାନ ନୀତିର ୨୦୧୪ ଶେଷ ତାରିଖ ହିସାବରେ ବର୍ଦ୍ଧିତ ଅତିରିକ୍ତ ସହାୟତା ରାଶି ପ୍ରଦାନ, ଅଧିନିୟମ ୧୮ରେ ଜଜମେ ପ୍ରାପ୍ତ ମକଦ୍ଦମା ଗୁଡିକର ୨୮(ଏ) ମକଦ୍ଦମା ଗୁଡିକ ତ୍ୱରାନ୍ୱିତ କରାଯାଇ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ, ୧.୧.୨୦୨୧କୁ ଶେଷ ସମୟ ଧାର୍ଯ୍ୟ କରାଯିବା, ବିସ୍ଥାପିତଙ୍କୁ ପରିଚୟ ପତ୍ର ପ୍ରଦାନ, ପ୍ରକଳ୍ପ ନିର୍ଦ୍ଦେଶକ ପୂନଃବାସ ଓ ଥଇଥାନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ପ୍ରମୁଖ ଦାବୀ କରି ଆନ୍ଦୋଳନକାରୀ ଆନ୍ଦୋଳନ ଜାରୀ ରଖିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଗୃହ ଟଙ୍କା ମିଳିନଥିବା ଅଭିଯୋଗ

ନୂଆପଡା,୪।୧୨ (ନି.ପ୍ର): ସରକାର ଗରିବ ଶ୍ରେଣୀ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେଉଛନ୍ତି । ହେଲେ ପ୍ରଶାସନିକ ଅବହେଳା କାରଣରୁ ଏହି ଯୋଜନାର ସୁଫଳତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ବାଦୀ ଗ୍ରାମର ମାଲପଡା ବାସିନ୍ଦା ଲଛମନ ଦାସ ଓ ଧନୀରାମ ଦାସ ୨ ଭାଇଙ୍କୁ ଗରିବ ଶ୍ରେଣୀର ହୋଇଥିବାରୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦିଆଯାଇଥିଲା । ସେମାନେ ଗତ ୨୦୧୮ ଆର୍ଥୀକ ବର୍ଷରେ କାର୍ଯ୍ୟାଦେଶ ପାଇବା ପରେ ଘର କାମ ଆରମ୍ଭ କରି ଦେଇଥିଲେ । ପ୍ରଥମ କିସ୍ତିରେ ସେମାନଙ୍କ ଏକାଉଂଟକୁ ୨୦ ହଜାର ଟଙ୍କା ଦିଆଯାଇଥିଲା । ତାପରେ ଆଉ ଟଙ୍କା ପ୍ରଦାନ କରାଯାଉନାହିଁ । ବର୍ତମାନ ଘର ଶେଷ ପର୍ଯ୍ୟାୟରେ ପହଂଚିଥିଲେ ମଧ୍ୟ ସେମାନଙ୍କ ଟଙ୍କା ପ୍ରଦାନ ନକରିବା ପରିତାପର ବିଷୟ । ଗତ ୨୦୧୭-୧୮ ଆର୍ଥୀକ ବର୍ଷରେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ୧ ଲକ୍ଷ ୩୦ ହଜାର ଟଙ୍କାର ଘର ମିଳିଥିଲା । ଏନେଇ ୨ ଭାଇଙ୍କ ମାଁ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳି ପାରୁନାହିଁ । ଏନେଇ ବିଡିଓ ଉତମ କୁମାର ବାଗଙ୍କୁ ଯୋଗାଯୋଗ କରାଯିବାରୁ ଘଟଣାର ତଦନ୍ତ କରୁଛି ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବାସ ଯୋଜନାର ବାକି ଥିବା ଅର୍ଥ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ସରକାରୀ ଯାଗାରେ ଥିବା ଆଶ୍ରମ ଓ ଦୋକାନ ଘର ଗୁଡିକୁ ପୋଲିସ ସହାୟତାରେ ଉଚ୍ଛେଦ

କେନ୍ଦ୍ରପଡ଼ା,୪।୧୨ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ଓସ୍ତପୁର ପଂଚାୟତ ର ନାଗପୁରା ଗ୍ରାମରେ ଥିବା ସିଦ୍ଧ ଉଦୟ ବଚ୍ଚ ଆଶ୍ରମ, ୨ଟି ଦୋକାନ ଓ ୨ଟି କେବିନ୍ ଉଚ୍ଛେଦ କରାଯାଇଛି । ଏହି ଆଶ୍ରମ ଓ କେବିନ୍ ଗୁଡିକ ସରକାରୀ ଯାଗାରେ ନିର୍ମାଣ କରାଯାଇ ଥିଲା । ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଛି । କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ସଦର ଥାନା ଅଧିକାରୀ ପ୍ରମୋଦ ମଳିକ ପ୍ରମୁଖଙ୍କ ସହ ଆଇନ ଶୃଙ୍ଖଳା ରକ୍ଷାପାଇଁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହି ଜବରଦଖଲ କୁ ଉଚ୍ଛେଦ କରିଥିଲେ ।

# କନ୍ଧମାଳର ପେଷାଦାର କଳାକାର ସଂଘର ଆନ୍ଦୋଳନକୁ ସଜବାଜ

କନ୍ଧମାଳ,୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ପେଷାଦାର କଳାକାର ସଂଘ ସ୍ୱମନ୍ନୟ ସମିତି,ଫୁଲବାଣୀର ସମସ୍ତ କଳାକାର ମାନେ ଏକତ୍ରିତ ହୋଇ ଆସାନ୍ତା ଡିସେମ୍ବର ୧୫ ତାରିଖରେ ଭୁବନେଶ୍ୱର ଯିବାକୁ ସଜବାଜ ହୋଉଛନ୍ତି । ସୂଚନା ଅନୁସାରେ ଏଡ୍‌ସ ସଚେତନତା ରଥ,କୃଷି ସଚେତନତା ରଥ ଭଳି ବିଭିନ୍ନ ପ୍ରକାରର ସରକାରୀ ଯୋଜନା ପାଇଁ ଜିଲ୍ଲରେ ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଉ ଥିବା ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସବୁକୁ କେବଳ ଗାଡି ମାଲିକ ମାନେ ପରିଚାଳନା କରୁଥିବା ଦେଖାଯାଉଛି । ଏଥିପାଇଁ ସରକାରଙ୍କ ତରଫରୁ ସମ୍ପୃକ୍ତ ବିଭାଗକୁ ପାର୍ଯ୍ୟାପ୍ତ ମଧ୍ୟ ପାଣ୍ଠି ପ୍ରଦାନ କରାଯାଉଛି । କିନ୍ତୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଦାୟୀତ୍ୱରେ ଥିବା ଅଦିକାରୀ ମାନେ ସେଥିରୁ କିଛି ଟଙ୍କାରେ ଗାଡି ମାଲିକଙ୍କୁ କେବଳ ତାଙ୍କର ଭଡା ପ୍ରଦାନ କରି ଏହି କର୍ଯ୍ୟକୁ ତୁଲାଉଛନ୍ତି ଫଳରେ ଗାଡିର ମାଲିକ ମଧ୍ୟ ଜିଲ୍ଲାରେ ସଠିକ ଭାବରେ ଏହି ରଥକୁ ନ ବୁଲାଇ ନାମକୁ ମାତ୍ର ଜିଲ୍ଲାର କିଛି ଅଂଚଳରେ ଏହାକୁ ବୁଲାଇ ତାଙ୍କ କାମ ସାରିଦେଉଛନ୍ତି । ଏହାର ପରିଣାମ ସ୍ୱରୁପ ସଚେତନତା ପାଇଁ ଉଦିଷ୍ଟ ଥିବା ସରକାରଙ୍କ ଯୋଜନା ମଧ୍ୟ ଫେଲ ମାରୁଛି । ଅନ୍ୟ ପକ୍ଷରେ ଜିଲ୍ଲାରେ ପେଷାଦାର କଳାକାର ମାନେ ରହିଥିବା ସ୍ଥଳେ ଏବଂ ସେମାନଙ୍କ କଳା ଉପରେ ଭରସା କରି ପୋଷୁଥିବା ପେଷାଦାର କଳାକାର ମାନେ ସେମାନଙ୍କର ଜୀବିକା ହରାଇବାରେ ଲାଗିଛନ୍ତି । ସରକାରଙ୍କର ଏହି ଭଳି ବ୍ୟବସ୍ଥା କଳାକାରଙ୍କୁ ଧ୍ୱଂସ କରିବା ସହିତ କଳାକୁ ମଧ ଧୁଳିସାତ କରିବାକୁ ଯୋଜନା କରୁଛନ୍ତି ସରକାର ବୋଲି ଜିଲ୍ଲା ପେଷାଦାର କଳାକାର ସଂଘ ସ୍ୱମନ୍ନୟ ସମିତି ଫୁଲବାଣୀ ଘୋର ବିରୋଧ କରିଛି । ଜିଲ୍ଲା ପେଷାଦାର କଳାକାର ସଂଘ ସ୍ୱମନ୍ନୟ ସମିତି ଫୁଲବାଣୀର ଆବାହକ ସରକାରଙ୍କର ଏହିଭଳି କାର୍ଯ୍ୟକୁ ବିରୋଧ କରି ଅନୁରୋଧ କରି କହିଛନ୍ତିଯେ ବିଭିନ୍ନ ସ୍ୱେଛାସେବୀ ଅନୁଷ୍ଠାନ ଦ୍ୱାରା କରାଯାଉଥିବା ସଚେତନତାର କାର୍ଯ୍ୟକ୍ରମକୁ ଦୃଢ଼ ବିରୋଧ କରିବା ସହିତ ପେଷାଦାର ତାଲିମ ପ୍ରାପ୍ତ କଳାକାର ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯିବାକୁ ଏକ ପ୍ରାର୍ଥନା ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ସମସ୍ତ କଳାକାରମାନଙ୍କୁ ଭୁବନେଶ୍ୱର ଯିବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି କହି ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି ।

# ଗାଁ ରାସ୍ତାପାଇଁ ଅଣ୍ଟା ଭିଡିଲେ ପିଲାଠାରୁ ବୁଢା ପର୍ଯ୍ୟନ୍ତ

କନ୍ଧମାଳ,୪।୧୨ (ନି.ପ୍ର): ଗତ ୫୦ ବର୍ଷ ତଳେ ରାସ୍ତା ନିର୍ମାଣ ହୋଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ମାଟି ଢ଼ଳାଏ ମଧ୍ୟ ପଡ଼ିନାହିଁ । ଫଳରେ ଗ୍ରାମବାସୀ ମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ନଦେଖିବା ଲୋକ ବିଶ୍ୱାସ କରିବ ନାହିଁ । ଫୁଲବାଣୀ-ଫିରିଙ୍ଗିଆ ଏକ ରାସ୍ତାରେ ଦୀର୍ଘ ୫୦ ବର୍ଷ କୌଣସି ମରାମତି ହୋଇନାହିଁ ଏପରିକି ମାଟି ମଧ୍ୟ ପଡିନାହିଁ । ଯେଉଁ ରାସ୍ତା ଉପରେ ୨ ଟି ବ୍ଲକର କାଣିବାଲି, ବାଡାବଙ୍ଗ, କାକାମାହା, ବେଲା ପଦର ସହିତ କାଶିନିପଦର, କଟ୍ରିଙ୍ଗିଆ ଭଳି ଅନେକ ପଂଚାୟତ ବାସୀ ମଧ୍ୟ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ସବୁ ଗ୍ରାମବାସୀଙ୍କର ମୁଖ୍ୟ ରାସ୍ତା ହେଉଛି ଏହି ଏକ ମାତ୍ର ରାସ୍ତା । ରାସ୍ତାର ମରାମତି କରିବା ପାଇଁ ଦୀର୍ଘ ବର୍ଷ ଧରି ଗ୍ରାମବାସୀ ମାନେ ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶସାନ ଏବଂ ଜିଲା ପ୍ରଶାସନ ଠାରୁ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ମଧ୍ୟ ଅନେକ ଥର ଲିଖିତ ଭାବେ ଜଣାଇଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତାର ମରାମତି ହୋଇ ନଥିବା ଯୋଗୁଁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥଳେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ମଧ୍ୟ ସବୁବେଳେ ବିଫଳ ହୋଇଥିବା ଗ୍ରାମବାସୀ ମାନେ ନିଜେ ଏବେ ଏକଜୁଟ୍ ହୋଇ ଯେଉଁ ୪ କିଲୋମିଟର ରାସ୍ତାର ମରଣଯନ୍ତ୍ର ପାଲଟିଛି ତାହାକୁ ନିଜେ ତିଆରି କରିବା ପାଇଁ ଗାଁର ପିଲାଠାରୁ ବୁଢା ପର୍ଯ୍ୟନ୍ତ ଅଣ୍ଟା ଭିଡିଛନ୍ତି । ପ୍ରକାଶ ଯେ, ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ପଂଚାୟତ ଅନ୍ତର୍ଗତ କାଣିବାଲି ଠାରୁ ଫିରିଙ୍ଗିଆ ବ୍ଲକର କାଶିନିପଦର ପଂଚାୟତର ଦିନାବାଲି ଛକ ପର୍ଯ୍ୟନ୍ତର ଦୂରତା ହେଉଛି ପ୍ରାୟ ୪ କିଲୋମିଟର । ଗତ ୫୦ ବର୍ଷ ତଳେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା । କିନ୍ତୁ ସେହିଦିନ ଠାରୁ ଆଜି ରାସ୍ତାର ମରାମତି କିମ୍ବା ଉନ୍ନତି କରଣ ହୋଇନାହିଁ । ଫଳରେ ରାସ୍ତାର ଅବସ୍ଥା ସଂପୂର୍ଣ୍ଣଭାବେ ଶୋଚନୀୟ ହୋଇ ପଡ଼ିଛି । ରାସ୍ତାମରାତି ନେଇ ବାରମ୍ବାର ପ୍ରଶାସନ ନିକଟରେ ଅନୁରୋଧ କରି ସବୁକ୍ଷେତ୍ରରେ ବିଫଳ ହେବା ପରେ ଆଜି କାଣିବାଲି, ବାଡାବଙ୍ଗ, କାକାମାହା, ବେଲାପଦର ଗ୍ରାମବାସୀ ମାନେ ଏକଜୁଟ୍ ହୋଇ ନିଜେ ଶ୍ରମଦାନ କରିବା ସହିତ ଆରମ୍ଭ କରିଛନ୍ତି ରାସ୍ତାକାମ । ନିଜେ ଟ୍ରାକ୍ଟରଭଡ଼ା କରି ମାଟିବୋହି ରାସ୍ତାର ଯେଉଁଠାରେ ଚାଲିବା ଶୋଚନୀୟ ହୋଇ ପଡ଼ିଛି ସେହି ସବୁ ସ୍ଥାନରେ ମାଟିପକାଇ ରାସ୍ତାକୁ ସମତୁଲା କରିବା ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ମୁଖିଆ ଭଂଜ ଦେବ କହଁର । ତେବେ ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁଁ ଗ୍ରାମ ଗୁଡ଼ିକର ମଧ୍ୟ ହୋଇ ପାରୁନାହିଁ ବିକାଶ ବୋଲି କହିଛନ୍ତି ଗ୍ରାମର ଶାନ୍ତନୁ କର୍ଣ୍ଣ ,ଅନାମ କହଁର ଓ ଅମୁଜ କହଁର ଓ ଅନ୍ୟମାନେ । ଉକ୍ତ ରାସ୍ତା ଉପରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ପଢିବାକୁ ଯାଉଥିବା ଛାତ୍ରଛାତ୍ରୀ ସମେତ ଏହି ସବୁ ଗ୍ରାମର ଗୁରୁତର ରୋଗୀ ମାନେ ମଧ୍ୟ ସଂପୂର୍ଣ୍ଣଭାବେ ନିର୍ଭର କରିଥାନ୍ତି ବୋଲି କହିଛନ୍ତି ଗ୍ରାମର ପ୍ରଶାନ୍ତ କହଁର, ଶରତ କର୍ଣ୍ଣ, ସତ୍ୟ ନାରାୟଣ କର୍ଣ୍ଣ ଓ ଅନ୍ୟମାନେ । ଆଜି ଉପରୋକ୍ତ ଗ୍ରାମର ପୁରୁଷମାନେ ଏକତ୍ରିତ ହୋଇ ରାସ୍ତା କାମ କରିବା ସହିତ ଆଗାମି ଦିନରେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଯଦି ପକ୍କା ରାସ୍ତା ନିର୍ମାଣ କରିବାରେ ଟାଳଟଳ ନୀତି ଅବଲମ୍ବନ କରନ୍ତି ତାହାହେଲେ ବାଧ୍ୟ ହୋଇ ଗ୍ରାମବାସୀ ରାଜ ରାସ୍ତାକୁ ଓଲ୍ଲାଇବେ ବୋଲି ଚେତାବନି ଦେଇଛନ୍ତି ଗ୍ରାମର ଜୟଦେବ କହଁର , ଖଗେଶ୍ୱର କହଁର , କାଳିଆ କହଁର ଓ ଅନ୍ୟମାନେ । ଏପରିକି ଆବଶ୍ୟକ ସ୍ଥଳେ ପଂଚାୟତ ନିର୍ବାଚନ ପୂର୍ବରୁ ଯଦି ରାସ୍ତା କାମ ନହେବ ତାହାହେଲେ ସମସ୍ତ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଥିବାର ଦର୍ଶାଇଛନ୍ତି ଗ୍ରାମର କୁବେର କହଁର , ଗୌତମ କହଁର , ବିଷ୍ଣୁ କର୍ଣ୍ଣ ,ତ୍ରିନାଥ କହଁର ଓ ଅନ୍ୟ ସମସ୍ତ ଗ୍ରାମବାସୀ ମାନେ । ପ୍ରକାଶଯେ, କାଣିବାଲି ଠାରୁ ଫିରିଙ୍ଗିଆର ଦୂରତା ହେଉଛି ୧୫ କିଲୋମିଟର ଓ ଫୁଲବାଣୀକୁ ଦୂରତା ହେଉଛି ୩୦ କିଲୋମିଟର । ଏହି ରାସ୍ତା ମଧ୍ୟରେ ପଡ଼ିଥାଏ ଗ୍ରାମବାସୀ ନିର୍ମାଣ କରୁଥିବା ୪ କିଲୋମିଟର ରାସ୍ତା । ସେହିଭଳି ଏହି ରାସ୍ତା ଦେଇ ଜିଲାର ଏକ ପର୍ଯ୍ୟଟନ ସ୍ଥଳ ଉର୍ମାଗଡ଼କୁ ମଧ୍ୟ ଜିଲା ଓ ଜିଲା ବାହାରର ଶହ ଶହ ସଂଖ୍ୟରେ ପର୍ଯ୍ୟଟକ ଆସିଥାନ୍ତି । କିନ୍ତୁ ରାସ୍ତାର ଅବସ୍ଥା ଖରାପ ଥିବା ଯୋଗୁଁ ଦିନକୁ ଦିନ ପର୍ଯ୍ୟଟକ ସଂଖ୍ୟା ମଧ୍ୟ କମିବାକୁ ଲାଗୁଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ସେହିଭଳି ନିର୍ବାଚନ ସମୟରେ ନେତା ଓ ମନ୍ତ୍ରୀମାନେ ଆସି ଭୋଟ ନେଇଯାଉଛନ୍ତି କିନ୍ତୁ ଭୋଟ ନିର୍ବାଚନ ପରେ ଆଉ କାହାର ଦେଖା ମିଳେନାହିଁ ବୋଲି ମଧ୍ୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

# ପେଟ କମାଇବ ପାନୀୟ

**ଖୁବ ସୁନ୍ଦର ଚେହେରା ଥିବ, କିନ୍ତୁ ପେଟ ବଢ଼ିଯାଇଥିବ- ଏହା ବ୍ୟକ୍ତିତ୍ୱ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଆଜିକାଲି ମେଦବହୁଳତା ଏବଂ ପେଟ ବଢ଼ିବାର ସମସ୍ୟା ପ୍ରାୟ ଦେଖାଯାଉଛି ଏହାର କାରଣ ହେଉଛି ଲୋକଙ୍କର ଅନିୟମିତ ଖାଦ୍ୟପାନୀୟ ଏବଂ ଜୀବନଶୈଳୀ । ମେଦବହୁଳତା କାରଣରୁ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟ କରିବାରେ ସମସ୍ୟା ହୋଇଥାଏ । ଏହା ଯଦିଓ କୌଣସି ରୋଗ ନୁହେଁ, ତେବେ ଏକାଧିକ ରୋଗର କାରଣ । ମେଦବହୁଳତାର ସମାଧାନ ମଧ୍ୟ ପ୍ରକୃତିରେ ରହିଛି । ଏପରି ୬ଟି ପାନୀୟ ସମ୍ପର୍କରେ ଜାଣନ୍ତୁ, ଯାହା ଓ ଜନ ସହିତ ପେଟ କମାଇ ସୁସ୍ଥ ଓ ସୁନ୍ଦର ରଖିବ ।**



### ବରଫ ପାଣି:

ଏପରି ପାଣି ପିଇଲେ ଶରୀରର ମେଟାବଲିକ୍ ପ୍ରକ୍ରିୟା ଦ୍ରୁତ ହୁଏ ଏବଂ ସେହି ବଗେରେ କ୍ୟାଲୋରୀ କ୍ଷୟ ହୋଇଥାଏ । କେବଳ ଏକ ଗ୍ଲାସ ସାଦା ପାଣିରେ। ଖଣ୍ଡେ ଆଇସକ୍ୟୁବ୍ ପକାଇ ପିଇବା ଉଚିତ । ଯଦି ଓଜନ କମାଇବାକୁ ଚାହୁଁଥାନ୍ତି, ତେବେ ପ୍ରତିଦିନ ପ୍ରାୟ ଅଧା ଲିଟର ଏପରି ପାଣି ପିଇବାକୁ ହେବ । ମନେରଖନ୍ତୁ, ସକାଳୁସକାଳୁ ବରଫ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଅଧିକ ଥଣ୍ଡା ପାଣି ପିଇବା ମଧ୍ୟ ମନା । କାରଣ, ଏହାଦ୍ୱାରା ସର୍ଦ୍ଦି ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।

### ପରିବା ଜୁସ୍:

ପନିପରିବାରେ ତ ଏକାଧିକ ପୁଷ୍ଟିସାର ତତ୍ତ୍ୱ ରହିଛି । ଏଥିରେ ଥିବା ମିନେରାଲସ, ଭିଟାମିନ ଏବଂ ଆଣ୍ଟିଅକ୍ସିଡାଣ୍ଟ ମଣିଷକୁ ସୁସ୍ଥ ରଖିବା ସହିତ ଦ୍ରୁତ ବେଗରେ ଓଜନ ହ୍ରାସ କରୀଇବାରେ ସହାୟକ ହୋଇଥାନ୍ତି । ପରିବା ଜୁସ୍ ତୁରନ୍ତ ଭୋକ ଶାନ୍ତ କରିବା ସହିତ ଶରୀରରେ ଶକ୍ତି ଭରିଦି, । ଏକଗ୍ଲାସ ମିଶ୍ରିତ ପରିବା ଜୁସ ଯୋଗେ ୧୩୫ କ୍ୟାଲୋରୀ ନଷ୍ଟ କରିପାରିବେ ।



### ପଇଡ଼ପାଣି:

ଏଥିରେ ଅନ୍ୟ ପାନୀୟ ଅପେକ୍ଷା ଅଧିକ ଇଲେକ୍ଟ୍ରୋଲାଇଟସ ଥାଏ । ତେଣୁ ଏହା ଶରୀରକୁ ଅଧିକ ସମୟ ଆର୍ଦ୍ର ରଖିପାରେ । ସ୍ୱାଦିଷ୍ଟ ହୋଇଥିବାରୁ ଏଥିରେ କୌଣସି ପ୍ରକାର କୃତ୍ରିମ ମିଠା କିମ୍ବା ସ୍ୱାଦ ମିଶାଇବାକୁ ହୁଏନାହିଁ । ପଇଡ଼ପାଣି ପିଇଲେ ଦ୍ରୁତ ବେଗରେ ଓଜନ ହ୍ରାସ ହୋଇପାରିବ ।

### ଚର୍ବିମୁକ୍ତ କ୍ଷୀର:

ସ୍କିମଡ ବା ଚର୍ବିମୁକ୍ତ କ୍ଷୀର ପିଇଲେ ଦ୍ରୁତ ବେଗରେ ଓଜନ କମାଇ ପାରିବେ । ଏହା ଶରୀରରୁ ଚର୍ବିଅଂଶ କମାଇଦିଏ । ପ୍ରତିଦିନ ଏପରିକ୍ଷୀର ପିଇଲେ କ୍ଷୀର ପିଉନଥିବା ବ୍ୟକ୍ତିଙ୍କୁ ତୁଳନାରେ ୭୦% ଅଧିକ ଓ ଓଜନ ହ୍ରାସ କରିପାରିବେ । ସବୁଜ କିମ୍ବା ନାଲି ଚା ସବୁଜ ବା ଗ୍ରୀନ୍ ଟି ଶରୀରର ମେଟାବଲିଜମ ପ୍ରକ୍ରିୟା ଦ୍ରୁତ କରି ଓଜନ କମାଇବାରେ ସହାୟକ ହୋଇଥାଏ । ସେହିପରି ନାଲି ଚା ବା ବ୍ଲାକ ଟି ପିଇବା ଦ୍ୱାରା ମଧ୍ୟ ଓଜନ କମାଇପାରିବେ । ତେବେ ଗ୍ରୀନ ଟି ଓଜନ ହ୍ରାସପ୍ରକ୍ରିୟା ୪୩% ବଢ଼ାଇଦି, ।



### ତରଭୁଜ ଜୁସ୍:

ଚିନି ନମିଶାଇ ତରଭୁଜର ସ୍ମୁଦି ପ୍ରସ୍ତୁତ କରି ପିଇଲେ ଏହି ସ୍ୱାଦିଟେ ପାନୀୟ ଦ୍ରୁତଗତିରେ ଓଜନ କମାଇପାରେ । ତରୁଭୁଜରେ ରିଜିନିନ ନାମକ ଆମିନୋ ଏସିଡ ରହିଛି ଯାହା ଚର୍ବି ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।



# ଭଲନିଦ ହ୍ରାସ କରିଥାଏ ଓଜନ



ଆଜିକାଲି ଅଧିକାଂଶ ମହିଳା ନିଜକୁ ଫିଟ୍ ରଖିବା ଉପରେ ଦେଉଛନ୍ତି ଜୋର । ବିଶେଷ କରି ମୋଟାପାର ଶିକାର ହୋଇଥିବା ମହିଳାମାନେ ନିୟମିତ ଜିମ ସହ ଡାଏଟ୍ କଣ୍ଟ୍ରୋଲ ମାଧ୍ୟମରେ ଓଜନ କମାଇବା ପାଇଁ ଜୋର ଦେଇଥାନ୍ତି । ହେଲେ ବିଶେଷଜ୍ଞଙ୍କ ମତ ହେଉଛି ଓଜନ କମାଇବାର ସବୁଠୁ ଭଲ ଉପାୟ ଘରେ ମହଜୁଦ ରହିଛି । ଆପଣ ଜିମ ଯାଆନ୍ତୁ, ବ୍ୟାୟାମ କରନ୍ତୁ, ଏଥିରେ କୌଣସି ଅସୁବିଧା ନାହିଁ । ତେବେ ଯଦି ଆପଣ ଘରେ ସଠିକ ଭାବେ ନିର୍ଦ୍ଦିଷ୍ଟ ସମୟ ଶୋଇପାରୁଛନ୍ତି ତେବେ ଏହା ଓଜନ ହ୍ରାସରେ ବଡ଼ ସହଯୋଗ କରିବ । ବିଶେଷଜ୍ଞମାନଙ୍କ ମତରେ କମ ସମୟ ଶୋଇବା ମେଦବହୁଳ ଏବଂ ଓଜନ ବୃଦ୍ଧି କରିଥାଏ । କମ ସମୟ ଶେଶଇବା ଦ୍ୱାରା ୮୯ ପ୍ରତିତ ପିଲାଙ୍କ କ୍ଷେତ୍ରରେ ଏବଂ ୫୫ ପ୍ରତିତ ଯୁବକ ଯୁବତୀଙ୍କ କ୍ଷେତ୍ରରେ ଓଜନ ବଢ଼ିବାର ସମ୍ଭାବନା ଥାଏ । ସଠିକ ସମୟ ନଶୋଇବା ଦ୍ୱାରା ଭୋକ ଲାଗିବା ମଧ୍ୟ ପ୍ରଭାବିତ ହୋଇଥାଏ । ୧ହଜାରରୁ ଅଧିକ ଲୋକଙ୍କୁ ନେଇ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଥିଲା ଯେ ଯେଉଁମାନେ ଦୈନିକ ସଠିକ ସମୟ ଶୋଇଥାନ୍ତି, ସେମାନଙ୍କ ମଧ୍ୟରେ ଓଜନ ବୃଦ୍ଧିର ସମ୍ଭାବନା କମ ରହିଥାଏ । ଭଲ ନିଦ୍ରା ଶରୀରର ଓଜନକୁ ନିୟନ୍ତ୍ରଣ କରିବା ସହ ଭୋକମାତ୍ରାକୁ ମଧ୍ୟ ସନ୍ତୁଳିତ ରଖିଥାଏ । ବିଶେଷଜ୍ଞ କବିତା ଦେବଗନଙ୍କ ସୂଚନା ଅନୁସାରେ ସଠିକ ନିଦ୍ରା ଶରୀରକୁ ଫିଟ୍ ରଖିଥାଏ । ତାଙ୍କ ମତରେ ରାତିରେ ଶୋଇବାର ଦୁଇଘଣ୍ଟା ପୂର୍ବରୁ ଅଳ୍ପମାତ୍ରାର ଖାଦ୍ୟ ଗ୍ରହଣ କରନ୍ତୁ । ଯଦି ଆପଣ ରାତି ୧୦ଟାରେ ଶୋଉଛନ୍ତି ତେବେ ୮ଟାରେ ନିଜର ରାତ୍ରଭୋଜନ ଶେଷ କରନ୍ତୁ । ସେହି ପରି ଦୈନିକ ରାତ୍ରଭୋଜନ ପରେ ଅତି କମରେ ୨୦ମିନିଟ ଚାଲନ୍ତୁ । ଯଦି ଆପଣ ବାହାରକୁ ଯିବାକୁ ରାତିରେ ଅସମର୍ଥ ତେବେ ଘରେ ମଧ୍ୟ ଚାଲିପାରିବେ । ସବୁବେଳେ ତୈଳାକ୍ତ ଖାଦ୍ୟ ଏବଂ ଜଙ୍କଫୁଡଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣଙ୍କୁ ସଠିକ ନିଦ ହେଉନାହିଁ ତେବେ କଦଳୀ ଖାଆନ୍ତୁ । ଯଦି ଆପଣଙ୍କୁ ସଠିକ ନିଦ ହେ୍ନାହିଁ ତେବେ କଦଳୀ ଖାଆନ୍ତୁ ନଚେତ ନିଦ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶରେ ବ୍ୟବହାର କରନ୍ତୁ । ବୟସ୍କଙ୍କ ପାଇଁ ଅତିକମରେ ଦୈନିକ ୬ଘଣ୍ଟା ଏବଂ ପିଲାଙ୍କ ପାଇଁ ୮ଘଣ୍ଟାରୁ ଅଧିକ ସମୟ ଶୋଇବା ଜରୁରୀ ।

# ତ୍ୱଚାର ଚମକ ଘରୋଇ ସ୍କ୍ରବ୍‌ରେ

*ବଜାରରେ ବିଭିନ୍ନ ନାମୀ କମ୍ପାନୀର ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ମିଳୁଛି । ତେବେ ଏସବୁ ଯଦି ଘରେ ଖୁବ ସହଜରେ ପ୍ରସ୍ତୁତ କରିହେବ, ତେବେ ବଜାରରୁ ଆଣିବାର ଆବଶ୍ୟକତା ବା ରହିଛି କେଉଁଠୁ ?*

ଅମୃତଭଣ୍ଡା ଓ ଅଣ୍ଡାର ଧଳା ଅଂଶକୁ ଭଲଭାବେ ଫେଣ୍ଟି ସେଥିରେ ୧ଚାମଚ ଦହି ଓ ମହୁ ମିଶାନ୍ତୁ । ସେହି ପ୍ୟାକକୁ ପୂରା ଶରୀରରେ ଲଗାଇ ୧୫ମିନିଟ୍ ପରେ ତ୍ୱଚାକୁ ଧୋଇନେବେ ।

କଫି ଗୁଣ୍ଡରେ ୨ଚାମଚ କମଳା ସର ମିଶାଇ ତାହାକୁ ମୁହଁ, ହାତ ଓ ପାଦରେ ଲଗାଇ ଶୁଖିବା ପରେ ତ୍ୱଚା ଧୋଇଦେବେ । ଏହା ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ।

ଅନ୍ୟ ଏକ ଘରୋଇ ସ୍କ୍ରବ ହେଲା ସେଓ ରସରେ ଚିନି ମିଶାଇ ତାହାକୁ ତ୍ୱଚାରେ ମାଲିସ କରି ପରେ ସ୍ନାନ କରିବା ଘରେ ଏସବୁ ସାମଗ୍ରୀ ସହଜରେ ମିଳିବା ସହ ତାହା ତ୍ୱଚା ଉପରେ କୌଣସି କୁପ୍ରଭାବ ମଧ୍ୟ ପକାଇନଥାଏ ।



# ବାସନ ବ୍ୟବହାର କରି ହୁଅନ୍ତୁ ଲାଭବାନ

**ଘରେ ଅନେକ ପ୍ରକାରର ବାସନ ରହିଥାଏ । ଆମେ ସେସବୁକୁ ଆମ ଆବଶ୍ୟକତା ଅନୁସାରେ ବ୍ୟବହାର କରିଥାଉ । ଆପଣ ଜାଣନ୍ତି କି କେଉଁସବୁ ବାସନ ବ୍ୟବହାର କଲେ କ'ଣ ଫାଇଦା ମିଳିଥାଏ ? କାରଣ ପ୍ରତ୍ୟେକ ବାସନ ବ୍ୟବହାର କରିବା ଦ୍ୱାରା କିଛି କିଛି ଲାଭ ବା କ୍ଷତି ହୁଏ । ତେବେ କେଉଁ ବାସନ ବ୍ୟବହାର କଲେ ଶରୀର ଉପରେ ତାହାର କ'ଣ ପ୍ରଭାବ ରହିଥାଏ ଆସନ୍ତୁ ଜାଣିବା ।**

### ମାଟିପାତ୍ର:

ମାଟିପାତ୍ରରେ ସିଝିବା ପାଇଁ ଅଧିକ ସମୟ ନେଇଥାଏ ସତ, କିନ୍ତୁ ଏଥିରେ ରୋଷେଇ ହୋଇଥିବା ଖାଦ୍ୟ ଆମ ଶରୀର ପାଇଁ ବହୁ ଲାଭଦାୟକ ହୋଇଥାଏ । ଏଥିରେ ତିଆରି ହୋଇଥିବା ଖାଦ୍ୟର ଭିଟାମିନ କମିନଥାଏ । ଶରୀରକୁ ଏହାଦ୍ୱାରା ପୂରା ପୋଷକ ତତ୍ତ୍ୱ ମିଳିଥାଏ । ଆହୁରି ମଧ୍ୟ ମାଟିପାତ୍ରରେ ତିଆରି ଖାଦ୍ୟର ସ୍ୱାଦ ନିଆରା ।





### ଚାନ୍ଦି ବାସନ:

ଚାନ୍ଦି ଏକ ଥଣ୍ଡା ଧାତୁ । ଏଥିରେ ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀର ଓ ମନକୁ ଶାନ୍ତ ରଖିଥାଏ । ଏହାଦ୍ୱାରା ଆମ ମସ୍ତିଷ୍କ ସଦା ଚଳଚଞ୍ଚଳ ରହିଥାଏ ଆଖି ମଧ୍ୟ ସୁସ୍ଥ ରହେ । ଏହା କଫ ସମସ୍ୟାକୁ ମଧ୍ୟ ଦୂର କରିଥାଏ ।

### କଂସା ପାତ୍ର:



କଂସା ପାତ୍ରରେ ରୋଷେଇ କରିବା ଦ୍ୱାରା ଆମ ବୁଦ୍ଧି ପ୍ରଖର ହୋଇଥାଏ । ରକ୍ତ ପରିଷ୍କାର କରିଥାଏ । ଏଥିରେ ଖାଇଲେ ଅଧିକ ଭୋକ ମଧ୍ୟ ଲାଗିଥାଏ । କିନ୍ତୁ ଏଥିରେ ଖଟା ଦ୍ରବ୍ୟ ଖାଆନ୍ତୁ ନାହିଁ । କାରଣ ଏଥିରେ ଖଟା ରଖିଲେ ଏହା ବିଷ ସଦୃଶ ହୋଇଯାଏ । ତେଣୁ ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ଏଥିରେ ରୋଷେଇ କଲେ ଖାଦ୍ୟକୁ କେବଳ ୩% ପୋଷକ ତତ୍ତ୍ୱ ନଷ୍ଟ ହୋଇଥାଏ ।

### ତମ୍ବା ପାତ୍ର

ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଆମେ ରୋଗମୁକ୍ତ ରହିଥାଉ । ଏହି ପାତ୍ରରେ ପାଣିପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । ରକ୍ତକୁ ଶୁଦ୍ଧ କରେ ଏବଂ ମସୃଣ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ ।



# କୀଟ ଆକୃତିର ରୋବୋ-ଡ୍ରୋନ୍

ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଦଳେ କାରିଗରୀ ବିଶେଷଜ୍ଞଙ୍କ ଦ୍ୱାରା କୀଟ ଆକୃତିର ରୋବୋଟିକ୍ ଡ୍ରୋନ ବିକଶିତ ହୋଇଛି । ଏହା ସ୍ୱୟଂଚାଳିତ ଏବଂ ବିନା ତାରରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଉଡ଼ିପାରିବ । ଏଥିରେ ଅତି ସୂକ୍ଷ୍ମ ଯନ୍ତ୍ରପାତି ଖଞ୍ଜାଯାଇଛି । ଆଲୋକ ରଶ୍ମି ସାହାଯ୍ୟରେ ଏହା ପରିଚାଳିତ ଓ ନିୟନ୍ତ୍ରିତ ହେବ । ଏହା ବିଶ୍ୱର ପ୍ରଥମ ଉଡ଼ନ୍ତା କୀଟ ଆକୃତିର ଡ୍ରୋନ, ଯାହା ବିନା ତାରରେ ଉଡ଼ିବାକୁ ସକ୍ଷମ । ଡ୍ରୋନର ଆଘ୍ରାଣ ଶକ୍ତି ଖୁବ୍ ଶକ୍ତିଶାଳୀ । ମୁଖ୍ୟତଃ ବଡ଼ ବଡ଼ କଳ କାରଖାନା ଗୁଡ଼ିକରେ ଏଗୁଡ଼ିକୁ ନିୟୋଜିତ କରାଯିବ ଏବଂ ବିଷାକ୍ତ ବାଷ୍ପ ନିର୍ଗମନର ସ୍ଥାନକୁ ସହଜରେ ଚିହ୍ନିଟ କରିହେବ । ଅଷ୍ଟ୍ରେଲିଆର ବ୍ରିସବେନଠାରେ ଏହି ରୋବୋ-ଡ୍ରୋନର ପରୀକ୍ଷାମୂଳକ ବ୍ୟବହାର ପ୍ରଦର୍ଶିତ ହୋଇଛି ।




# ବିରକ୍ତିକର ପେଟ ରୋଗ ସମସ୍ୟା

ପେଟରୋଗରେ ପେଟରେ ବାୟୁ ଭିଡ଼ାଥଇବା ଏକ ସାଧାରଣ ଲକ୍ଷଣ କିନ୍ତୁ ଯେତେବେଳେ ଏହା ବିରକ୍ତିକର ରୂପ ଧରେ ଚଳିବାରେ ଜୀବନ ଶୈଳୀରେ ବହୁ ସମସ୍ୟା ସୃଷ୍ଟି କରେ । ଏହାକୁ ଡାକ୍ତରୀ ଭାଷାରେ କହନ୍ତି ଇରିଟେବଲ ବାଓ୍ୱେଲ ସିଣ୍ଡ୍ରୋମ । ଏହା ଠାରୁ ଆଇ ବି. ଏମ୍ । ଏହି ରୋଗରେ ମୁଖ୍ୟତଃ ବୃହଦନ୍ତ୍ର ଆକ୍ରାନ୍ତ ହୁଏ । ଚାଳିଶବର୍ଷ; ବୟସ ପରେ ଶତକଡ଼ା ତିରିଶ ଏହି ପ୍ରକାର ରୋଗ ଭୋଗ କରନ୍ତି । କୋଡ଼ିଏ ବର୍ଷରୁ ଚାଳିଶ ବର୍ଷ ମଧ୍ୟରେ ଶତକଡ଼ା ଦଶ ଲୋକ ଏହି ରୋଗ ଭୋଗକରନ୍ତି । ଭାରତରେ ପ୍ରତିବର୍ଷ ଦଶଲକ୍ଷ ଲୋକ ନୂତନ ଭାବେରେ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି । ମୁଖ୍ୟତଃ ଏହି ରୋଗରେ ପେଟରେ ଯନ୍ତ୍ରଣା ହୁଏ । ପେଟ ପୋଡ଼େ । ପେଟ ଭିତରେ ବାୟୁ ଭିଡ଼ି ଧରେ । ହାକୁଡ଼ି ହୁଏ ।ବାନ୍ତି ଲାଗେ କିନ୍ତୁ ବାନ୍ତି ହୁଏ ହୁଏ ନାହିଁ । କେତେକଙ୍କର ଝାଡ଼ା ସଫା ହୁଏ ନାହିଁ । ଆଉ କେତେକଙ୍କର ଓଲଟ । ପ୍ରତିଦିନ ଦଶ ବାର ଥର ପତଳା ଝାଡ଼ା, ସ୍ୱାଭାବିକ ଝାଡ଼ା ସହିତ ନାଳ ପଡ଼େ । ଯେଉଁମାନଙ୍କର କୋଷ୍ଠବଦ୍ଧତା ହୁଏ ସେମାନଙ୍କର କୁନ୍ଥାଇ କୁନ୍ଥାଇ ମଳଦ୍ୱାର ଫାଟି କିମ୍ବା ଅର୍ଶ୍ୱ ବାହାରି ରକ୍ତ ସ୍ରାବ ହୁଏ । ଝାଡ଼ାରେ ସବୁବେଳେ ନାଳ ଲାଗି ରହିବା ଏହି ରୋଗର ପ୍ରମୁଖ ଲକ୍ଷଣ । ଏହି ପ୍ରକାର ଲକ୍ଷଣ ମଧ୍ୟ ବୃହଦନ୍ତ୍ର କର୍କଟରୋଗ ରେ ଦେଖାଯାଏ । ଲକ୍ଷଣରେ ଜଟିଳତା ପ୍ରକାଶ ପାଇଲେ, ଓଜନ କମିଗଲେ । ରାତ୍ରିରେ ଝାଡ଼ା ବାରମ୍ବାର ହେଲେ, ମଳଦ୍ୱାରରେ ରକ୍ତ ପଡ଼ିଲେ, ରକ୍ତହୀନତା ହେଲେ



କାରଣ ନଥାଇ ବାନ୍ତି ହେଲେ, ଖଶଦ୍ୟ ଢ଼ୋକିବାରେ କଷ୍ଟ ହେଲେ, ଝାଡ଼ା ହେଲା ପରେ ପେଟର ଯନ୍ତ୍ରଣା ନ କମିଲେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ । ଆଲବିଏମ କାହିଁକି ହୁଏ ? ମୁଖ୍ୟତଃ କୌଣସି କାରଣରୁ ଜୀବାଣୁ ଜୀବାଣୁ କିମ୍ବା ଭୂତାଣୁ ଜନିତ ଝାଡ଼ାବାନ୍ତି ରୋଗ ଭଲ ହୋଇଗଲେ ଏହି ରୋଗ ସୃଷ୍ଟି ହୋଇଥା, । ଏଥିରେ ବଳିଥିବା ଜୀବାଣୁମାନେ ଅଧିକ ମାତ୍ରାରେ ସଂଖ୍ୟା ବୃଦ୍ଧି କରନ୍ତି । ଏ ପ୍ରକାର ରୋଗୀମାନେ ବହୁ ଖାଦ୍ୟକୁ ମଧ ହଜମ କରିପାରନ୍ତି । ନାହିଁ ଯଥା. କ୍ଷୀର, ବନ୍ଧାକୋବି, ବିନ କାଗେଜି ଲେମ୍ବୁ, ମୃଦୁ ପାନୀୟ ମଦ ଓ ଧୂମପାନ ଇତ୍ୟାଦି । ବହୁ ଲୋକ ବ୍ୟକ୍ତିଗତ କିମ୍ବା ପାରିବାରିକ ଚିନ୍ତା ଓ ସମସ୍ୟାଗ୍ରସ୍ତ ହେଲେ ଏହି ରୋଗର ଲକ୍ଷଣ ବଢ଼ିଯାଏ । ମହିଳାମାନେ ଅଧିକ ମାତ୍ରରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ରତୁଚକ୍ରର ବିରତି ପରେ ଏହି ରୋଗ ଭୋଗ କରନ୍ତି । ମାସିକ ଧର୍ମ ସମୟରେ ଏବଂ ରତୁଚକ୍ରର ବିରତି ପରେ ଏହି ରୋଗ ଦୁଇଗୁଣ ଅଧିକ ହୋଇଥାଏ । ଏହି ରୋଗ ଦୀର୍ଘଦିନ ଧରି ଲାଗି ରହିଲେ ଜୀବନ ଅବସାଦ ପୂର୍ଣ୍ଣ ହୋଇଯାଏ । ଫଳରେ ରୋଗ ପେଟରୁ ଯାଇ ମୁଣ୍ଡରେ ପଶେ । ମୁଣ୍ଡ ଜଳାପୋଡ଼ା କରେ । ଦେହରୁ ମୁହଁରୁ କାନରୁ ନିଆଁ ବାହାରେ । ଛାତି ଧଡ଼ଧଡ଼ ହୁଏ, କେତେକ ରୋଗୀ ହୃଦରୋଗ ଭାବି ଅଧିକ ବିଷାଦଗ୍ରସ୍ତ ହୋଇ ହୃଦରୋଗ ପାଇଁ ଚିକିତ୍ସା କରନ୍ତି । ଅତ୍ୟଧିକ ଝାଳ ବୋହିବା, ଭୋକ ଶୋଷ କମିଯିବାରୁ ଦୁର୍ବଳ ହୋଇପଡ଼ନ୍ତି । ରାତ୍ରିରେ ଭଲ ନିଦ ହୁଏ ନାହିଁ । ସୁଖର କଥା ଆରବିଏମ ରୋଗ ଅଧିକ ଲକ୍ଷଣ ପ୍ରକାଶ କରୁଥିଲେ ମଧ ଏହି ରୋଗରେ ପ୍ରାୟ ମୃତ୍ୟୁ ହୁଏ ନାହିଁ । ଏଥିରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ । ଭୋରୁ ଶଯ୍ୟା ତ୍ୟାଗ, ଯୋଗ ପ୍ରାଣାୟାମ ଭଳି ଅଭ୍ୟାସ ଏହି ରୋଗକୁ ବହୁତ ଭାବରେ ଆୟତ୍ତ କରିଥାଏ । ଏହି ରୋଗ




ଚିହ୍ନିବା ପାଇଁ ସିଗମଏଡ ସ୍କୋପି, କୋଲୋନୋ ସ୍କେପି ଅନ୍ତନଳୀ ପାଇଁ ସ୍ୱତନ୍ତ୍ର ଏକ୍ସରେ ଓ ସିଟି ସ୍କାନ କରାଯାଇଥାଏ । ଏହା ଦ୍ୱାରା ଅନ୍ତନଳୀରେ ଥିବା ଅନ୍ୟ ରୋଗ ସବୁ ମଧ୍ୟ ଧରାପଡ଼ିଥାଏ । ଆଇବିଏମ ଚିକିତ୍ସା ବିଶେଷ ଫଳପ୍ରଦ ନୁହେଁ । ଏହା ସାରା ଜୀବନ ଲାଗି ରୁହେ । କିଛି ଲୋକ ସମ୍ପୂର୍ଣ୍ଣ ଭଲ ହୁଅନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର | ୪

୫ ଡିସେମ୍ବର ୨୦୨୦, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସକରାତ୍ମକ ହେଉ...

ରାଜଧାନୀ ଦିଲ୍ଲୀରେ ଏକସଙ୍ଗେ କୃଷକମାନେ କୃଷି ସଂସ୍କାର ଆଇନକୁ ବିରୋଧ କରିବା ସଙ୍ଗେ ସଙ୍ଗେ ସରକାରଙ୍କ ସହ ଆଲୋଚନା କରି ରଖିଛନ୍ତି। ଚଳିତ ସପ୍ତାହରେ ମଙ୍ଗଳବାର ଦିନ ହୋଇଥିବା ଆଲୋଚନା ବିଫଳ ହେବାପରେ ଗୁରୁବାର ଦିନ ପୁଣି ଥରେ ବିଜ୍ଞାନ ଭବନଠାରେ ଉଭୟପକ୍ଷ ମିଳିତ ହୋଇଥିଲେ। ସରକାରଙ୍କ ପକ୍ଷରୁ କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, ପୀୟୁଷ ଗୋଏଲ ଏବଂ ସୋମ ପ୍ରକାଶ ପ୍ରତିନିଧିତ୍ୱ କରିଥିବାବେଳେ ଲୋକସଂଘର୍ଷ ମୋର୍ଚ୍ଚାର ୪୦ଜଣ କୃଷକ ପ୍ରତିନିଧି ଦୀର୍ଘ ସମୟ ଧରି ନୂତନ କୃଷି ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏଥିରୁ କୌଣସି ନିର୍ଦ୍ଦିଷ୍ଟ ସମାଧାନ ପନ୍ଥା ବାହାରିନଥିଲେ ସୁଦ୍ଧା ପରସ୍ପରର ମତକୁ ପ୍ରତିପକ୍ଷ ଉତ୍ତମ ରୂପେ ଜାଣିବାର ସୁଯୋଗ ପାଇଛନ୍ତି। ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ କୃଷକମାନଙ୍କ ମନରେ ନୂତନ କୃଷି ଆଇନକୁ ନେଇ ଏକାଧିକ ସନ୍ଦେହ ରହିଛି ଏବଂ ତାହା ସେମାନଙ୍କୁ କ୍ଷତିଗ୍ରସ୍ତ କରାଇବ ବୋଲଇ ସେମାନେ ଭୟ କରୁଛନ୍ତି। ପ୍ରଥମତଃ, ସରକାର ନୂତନ ବ୍ୟବସ୍ଥା ଲାଗୁ ପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ବନ୍ଦ କରିଦେବେ ବୋଲି ସେମାନେ ଆଶଙ୍କା କରନ୍ତି। ତେଣୁ ଏହି ବ୍ୟବସ୍ଥାରୁ ସର୍ବାଧିକ ଫାଇଦା ପାଉଥିବା ପଞ୍ଜାବ ଓ ହରିଆନାର କୃଷକମାନେ ହିଁ ସର୍ବପ୍ରଥମେ ବିରୋଧାଭାଷ ପ୍ରକଟ କରିଥିଲେ ଓ ଏବେ ତାହାକୁ ତୀବ୍ର କରିଛନ୍ତି। ଅଦ୍ୟାବଧି ପଞ୍ଜାବ ଓ ହରିଆନା ସମେତ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୁଜୁରାଟ ଆଦି ରାଜ୍ୟର କୃଷକ ସଂଗଠନମାନେ ପ୍ରତିବାଦରେ ସ୍ୱର ମିଳାଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେକ ରାଜ୍ୟରୁ ମଧ୍ୟ ଏହା ବିରୋଧରେ ସ୍ୱର ଶୁଭିବା ଆରମ୍ଭ କରିଛି। ତେବେ ସମସ୍ୟା ଯେତେ ଜଟିଳ ହେଲେ ସୁଦ୍ଧା ଯଦି ସକରାତ୍ମକ ମନୋଭାବର ସହ ଏହାର ସମାଧାନ ସୂତ୍ର ବାହାର କରିବା ସକାଶେ ପ୍ରୟାସ କରାଯାଏ, ତେବେ ସେଥିରୁ ସୁଫଳ ମିଳିପାରିବ। ପ୍ରଥମତଃ ସରକାର କୃଷି ଆଇନ ତିନୋଟିକୁ ଗୃହୀତ କରାଇବା ସମୟରେ ଏବଂ ଏବେସୁଦ୍ଧା କହିଆସୁଛନ୍ତି ଯେ ତାହା କୃଷକମାନଙ୍କୁ କଦାପି କ୍ଷତିରେ ପକାଇବ ନାହିଁ। ବରଂ ଏହା କୃଷି ଓ କୃଷକଙ୍କ ଉପାର୍ଜନ ବୃଦ୍ଧି କରିବ। ପୁନଶ୍ଚ, ପୂର୍ବ ବ୍ୟବସ୍ଥା କାଏମ ରହିବ ଓ କୃଷିକାରୀମାନେ ଚାହିଁଲେ ନୂଆ ବ୍ୟବସ୍ଥାକୁ ଗ୍ରହଣ କରିନପାରନ୍ତି। ମାତ୍ର ତିନି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବାରଣାସୀଠାରେ ଏହି କଥାକୁ ଦୋହରାଇଛନ୍ତି। ଏହା ଅନେକାଂଶରେ ଆନ୍ଦୋଳନରତ କୃଷକଙ୍କ ସନ୍ଦେହ ଦୂର କରିବା କଥା। କିନ୍ତୁ ଆନ୍ଦୋଳନକାରୀ କୃଷକମାନଙ୍କ ସନ୍ଦେହ ଯେ, ସରକାର ତୁଣ୍ଡରେ ଏଭଳି କହି କାର୍ଯ୍ୟରେ ଭିନ୍ନ ପ୍ରକାର ପନ୍ଥା ଆପଣାଇପାରନ୍ତି। ସେମାନଙ୍କ ମନରେ ଏପରି ସନ୍ଦେହ ହେବା ସ୍ୱାଭାବିକ। କିନ୍ତୁ ତାହା ମୋଚନ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ। ଯେଉଁ ପ୍ରତିବଦ୍ଧତା ଓ ବ୍ୟଗ୍ରତାର ପ୍ରଦର୍ଶନ କରି ସରକାର କୃଷି ସଂସ୍କାର ବିଲକୁ ଗୃହୀତ କଲେ, ଦେଶରେ କୃଷକମାନଙ୍କ ବିଶ୍ୱାସଭାଜନ ହେବା ଓ ଏଭଳି ଆନ୍ଦୋଳନାତ୍ମକ ପନ୍ଥାକୁ କୃଷକମାନଙ୍କୁ ନିବୃତ୍ତ କରାଇବା ନିମନ୍ତେ ସେହି ବ୍ୟଗ୍ରତା ପ୍ରଦର୍ଶନ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କାରଣ, ଯେଉଁମାନଙ୍କ ହିତସାଧନ ସକାଶେ ଏହା ଉଦ୍ଦିଷ୍ଟ, ଯଦି ସେମାନଙ୍କ ମନରୁ ସନ୍ଦେହ ସଂପୂର୍ଣ୍ଣରୂପେ ଦୂର ନହୁଏ, ତେବେ ଏଥିରୁ ଈପ୍‌ସିତ ସୁଫଳ ମିଳିବା କଷ୍ଟସାଧ୍ୟ ହୋଇପଡ଼ିବ। ଯେତେ ଫଳପ୍ରସୂ ଔଷଧ ହେଲେ ସୁଦ୍ଧା ରୋଗୀ ଏହାକୁ ମାନସିକ ସ୍ତରରେ ଗ୍ରହଣ ନକରିବା ଭଳି ଘଟଣା ହେବ। ସରକାର କେବଳ ଦେଶର କୃଷକମାନଙ୍କୁ ନୁହେଁ, ସମସ୍ତ ରାଜ୍ୟ ସରକାର ଏବଂ ରାଜନୈତିକ ଦଳଙ୍କୁ ମଧ୍ୟ ଏହାର ଉଦ୍ଦେଶ୍ୟ ବୁଝାଇବା ବାଞ୍ଛନୀୟ। ତଦ୍ୱାରା ଆଉ କେହି ଏହା ବିରୋଧରେ ଆନ୍ଦୋଳନ କରିବେ ନାହିଁ ଅଥବା ଏହି ପ୍ରସଙ୍ଗକୁ ନେଇ କେହି ରାଜନୈତିକ ଫାଇଦା ଉଠାଇବାକୁ ଚାହିଁବେନାହିଁ। ଭାରତୀୟ ଅର୍ଥନୀତିରେ କୃଷିକ୍ଷେତ୍ରରେ ଅବଦାନ ଓ ଗୁରୁତ୍ୱକୁ ଅସ୍ୱୀକାର କରାଯାଇନପାରେ। ଏହା ବିନା ଦେଶରେ ଆର୍ଥିକ ପ୍ରଗତି ଅସମ୍ଭବ। ଭାରତୀୟ କୃଷି ଗତ ସାତ ଦଶନ୍ଧି (ସ୍ୱାଧୀନତା ପରଠାରୁ) ଢ଼େର ପ୍ରଗତି ହାସଲ କରିଛି ଓ ଭବିଷ୍ୟତରେ ପ୍ରଗତିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ପୁଣି କରୋନା କାଳରେ ଏବଂ କରୋନା ପରବର୍ତ୍ତୀ ସମୟରେ ଦେଶର ଅର୍ଥନୀତିକୁ ଆତ୍ମନିର୍ଭରଶୀଳ ହେବା ଦିଗରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେପରିସ୍ଥଳେ କୃଷକମାନଙ୍କ ମନରୁ ସଂଶୟ ମୋଚନ କରିବା, ସେମାନଙ୍କୁ ସକଳ ପ୍ରକାର ପ୍ରୋତ୍ସାହନ ଯୋଗାଣ ମାଧ୍ୟମରେ ଅଧିକ ଉତ୍ପାଦନକ୍ଷମ ଓ ରୋଜଗାରକ୍ଷମ କରିବା ଦିଗରେ କେବଳ ସରକାର ନୁହଁନ୍ତି, ସବୁ ରାଜନୈତିକ ଦଳ ମଧ୍ୟ ପ୍ରୟାସ ଜାରି ରଖିବା ଉଚିତ୍। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, କୃଷକମାନଙ୍କ ସମର୍ଥନ ସବୁ ରାଜନୈତିକ ଦଳଙ୍କ ପାଇଁ ଲୋଡ଼ା। ତେଣୁ ପ୍ରସଙ୍ଗର ରାଜନୀତିକରଣ କରାନଯାଇ ଏହା ଯେତେଶୀଘ୍ର ସମାଧାନ ହୋଇପାରିବ ସେ ଦିଗରେ ତତ୍ପରତା ପ୍ରଦର୍ଶନ କରିବା ବାଞ୍ଛନୀୟ।

# ଆମେ ସ୍ୱାଧୀନ ?

**ସୀତାରାମ ପାତ୍ର**



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଠିକ୍ ସେହିପରି ମହିଳାମାନଙ୍କ କ୍ଷେତ୍ରରେ ଦେଖିବାକୁ ଗଲେ ମହିଳାଙ୍କ ସ୍ୱାମୀ କିମ୍ବା ଦଳୀୟ ନେତା ସର୍ବେସର୍ବା ହୋଇଥିବା ବେଳେ ନିର୍ବାଚିତ ମହିଳା କେବଳ ରବର ଷ୍ଟାମ୍ପ ଭଳି ମନେ ହୁଅନ୍ତି। ସୋରବ୍ଲକର ମହୁମୁହାଣ ଗ୍ରାମପାୟତ ଏହାର ଏକ ସଶକ୍ତ ଉଦାହରଣ। ସେହିପରି ଆମ ଦେଶ ଓ ଆମ ରାଜ୍ୟର ବିଭିନ୍ନ ଅଂଚଳରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି।

ଅପରପକ୍ଷରେ ଚାକିରୀ କ୍ଷେତ୍ରରେ ସଂରକ୍ଷଣ କାରଣରୁ ବହୁ ଯୋଗ୍ୟ ବ୍ୟକ୍ତି ଚାକିରୀ ପାଉ ନଥିବା ବେଳେ ଯୋଗ୍ୟତା ନଥାଇ ସଂରକ୍ଷଣ ପାଇଁ ଚାକିରୀ ପାଇବା ଓ ପଦୋନ୍ନତି ପାଇବା ଫଳରେ ଶାସନ କ୍ଷେତ୍ରରେ ବିଫଳତା ଦେଖିବାକୁ ମିଳୁଛି, ଯାହାର ଫଳ ସ୍ୱରୁପ ନାନାଦି ବିଶୃଙ୍ଖଳା ସୃଷ୍ଟି ହେଉଛି। ସେହିପରି ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ଯୋଗୁ ଅନୁସୂଚିତ ଜାତି ଓ ଜନଜାତି (ସ୍ୱଚ୍ଛଳ ବର୍ଗର ତଥା ସରକାରୀ କର୍ମଚାରୀଙ୍କ ପିଲା ହୋଇଥିଲେ ମଧ୍ୟ) ସରକାରୀ ଷ୍ଟାଇଫେପାଉଥିବା ବେଳେ ଜଣେ ସାଧାରଣ ବର୍ଗର ଗରୀବ ପିଲା ପାଇଁ ସେହି ସୁବିଧା ଉପଲବ୍ଧ ନାହିଁ। ସ୍ୱାଧୀନତା ପାଇଁ ଜୀବନକୁ ବଳିଦାନ ଦେଇଥିବା ସଂଗ୍ରାମୀ ମାନେ କଣ ଏହିଭଳି ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ ? ସବୁଠାରୁ ବଡ଼ ପ୍ରସଙ୍ଗ ହେଲା, ବର୍ତ୍ତମାନର ଶାସନ ପଦ୍ଧତି। ସମ୍ବିଧାନ ଅନୁସାରେ ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ର। ବର୍ତ୍ତମାନ ଆମଦେଶରେ ଗଣତନ୍ତ୍ର ଚାଲିଛି ନା' ରାଜନୈତିକ ଦଳ ତନ୍ତ୍ର ଚାଲିଛି ? କଂଗ୍ରେସ ଦଳ ନେହେରୁ-ଗାନ୍ଧୀ ପରିବାରର ମାଲିକାନାରେ ଥିବା ବେଳେ ଆଳିକ ଦଳ ଗୁଡ଼ିକ ବିଭିନ୍ନ ବ୍ୟକ୍ତିଙ୍କ ମାଲିକାନାରେ ରହିଛି। ଯେପରି- ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ମାଲିକାନା ମମତା ବାନାର୍ଜ୍ଜିଙ୍କ ହାତରେ, ସମାଜବାଦୀ ପାର୍ଟିର ମାଲିକାନା ମୁଲାୟମ ଯାଦବଙ୍କ ଠାରେ, ଆର.ଜେ.ଡିର ମାଲିକାନା ଲାଲୁ ଯାଦବ ଓ ତାଙ୍କ ପରିବାର ହାତରେ, ଏପରିକି ଓଡ଼ିଶାର ବିଜେଡିର ମାଲିକାନା ନବୀନ ପଟ୍ଟନାୟକଙ୍କ ହାତରେ ଥିବା ଭଳି ଦେଶର ପ୍ରତି ରାଜ୍ୟରେ ଥିବା ଆଳିକ ଦଳ ଗୁଡ଼ିକ କୌଣସି ନା' କୌଣସି ରାଜନେତାଙ୍କ ମାଲିକାରେ ରହିଛି। ତେଣୁ ଏହି ରାଜନୈତିକ ଦଳ ଗୁଡ଼ିକ କ୍ଷମତାକୁ ଆସିଲେ ତାହା ଗଣତନ୍ତ୍ର ଶାସନ, ନା' ପରିବାର ତନ୍ତ୍ର (ପରୋକ୍ଷ ରାଜତନ୍ତ୍ର) ଶାସନ( ?) ଜାଣି ହେଉନାହିଁ।

ସବୁଠାରୁ ବଡ଼ କଥା ହେଲା, ସ୍ୱାଧୀନ ଦେଶର ନାଗରିକଙ୍କର ପ୍ରମୁଖ ଅଧିକାର ହେଲା ବାକ୍ ସ୍ୱାଧୀନତା। କିନ୍ତୁ ଆମ ଦେଶରେ ଦେଖିବାକୁ ମିଳେ ଲୋକଙ୍କର ଏହି ଅଧିକାର ଶାସକ ମାନଙ୍କ ଦ୍ୱାରା କ୍ଷୁର୍ଣ୍ଣ ହେଉଛି। ୨୫ ଜୁନ୍ ୧୯୭୫ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଜାରୀ କରି ଲୋକଙ୍କୁ ବାକ୍ ସ୍ୱାଧୀନତାର ଅଧିକାରୁ ବିତ କରିଥିଲେ। ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇଥିଲେ। ଏପରିକି ଗଣମାଧ୍ୟମର କଣ୍ଠରୋଧ କରିବାକୁ ମଧ୍ୟ ପଛାଇନଥିଲେ। ଜରୁରୀକାଳୀନ ପରିସ୍ଥିତି ଜାରୀ ସମୟରେ ସମଗ୍ର ଦେଶରେ ପ୍ରେସ୍ ସେନ୍‌ସରସିପ୍ ଲାଗୁ କରିଥିଲେ। ପ୍ରେସ ଇନଫରମେସନ ବ୍ୟୁରୋ କାର୍ଯ୍ୟାଳୟରେ ସେନସର ଅଫିସର ନିଯୁକ୍ତି ଦିଆଯାଇଥିଲା, ଯାହା ସରକାରଙ୍କର ପବ୍ଲିସିଟି ଶାଖା ଥିଲା। ଦେଶର ଥିବା ପ୍ରମୁଖ ୫ଟି ନ୍ୟୁଜ୍ ଏଜେନ୍ସି (ପିଟିଆଇ, ୟୁଏନ୍ଆଇ, ଏଏନ୍ଆଇ, ହିନ୍ଦୁସ୍ତାନ ସମାଚାର ଓ ସମାଚାର ଭାରତୀ)କୁ ପ୍ରତି ଘାରେ କପି (ନ୍ୟୁଜ୍) ଏହି କାର୍ଯ୍ୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯିବା ସହିତ କପିରୁ ଯେଉଁ ନ୍ୟୁଜ ପ୍ରକାଶ କରାଯିବନାହିଁ ତାହା ଉପରେ ନାଲିଗାର ଟାଣି ବାକି ନ୍ୟୁଜ୍ ପ୍ରକାଶ କରିବାକୁ ଅନୁମତି ଦିଆ ଯାଉଥିଲା ଏବଂ ସେହି ନ୍ୟୁଜ୍ ହିଁ ପ୍ରକାଶିତ ହେଉଥିଲା। ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଇନ୍ଦିରା ଗାନ୍ଧୀ ଶେଷରେ ୧୯୭୬ ଫେବୃଆରୀ ୧୬ତାରିଖରେ ୫ଟିଯାକ ନ୍ୟୁଜ୍ ଏଜେନ୍ସିକୁ ବନ୍ଦ କରି 'ସମାଚାର' ନାମରେ ଏକ ଏଜେନ୍ସି ପ୍ରତିଷ୍ଠା କରିଥିଲେ। ୧୯୭୭ ମସିହା ନିର୍ବାଚନରେ ଇନ୍ଦିରା ଗାନ୍ଧୀ ହାରିବା ପରେ ଜନତାଦଳ ସରକାର ଗଠନ କରିଥିଲା ଏବଂ ପ୍ରଧାନମନ୍ତ୍ରୀ ହୋଇଥିଲେ ମୋରାରଜୀ ଦେଶାଇ। ଏହାପରେ ଏପ୍ରିଲ ୧୯୭୮ ମସିହାରେ ନ୍ୟୁଜ୍ ଏଜେନ୍‌ସି ଗୁଡ଼ିକ ଉପରୁ ପ୍ରତିବନ୍ଦକ ଉଠାଇବା ପରେ ସେହି ବର୍ଷ ସେପ୍ଟେମ୍ବର ଠାରୁ ପୂର୍ବଭଳି ଏଜେନ୍ସି ଗୁଡ଼ିକ କାର୍ଯ୍ୟକରିଥିଲା।

ବର୍ତ୍ତମାନ ଏହି ଘଟଣାର ପ୍ରତିଛବି ଦେଖିବାକୁ ମିଳୁଛି ଓଡ଼ିଶାରେ। ବିଜେଡି ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମର ତିଚିପିବାରେ ଲାଗିଛନ୍ତି। ଲୋକସେବା ଭବନ ମଧ୍ୟକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା, କଟକ ବଡ଼ ମେଡିକାଲ ଭିତରକୁ ପ୍ରବେଶ ବନ୍ଦ କରିବା, ବର୍ଷବର୍ଷ ଧରି ଓଟିଭିକୁ ଆକ୍ରୋଶ ମୂଳକଭାବେ ବିଭିନ୍ନ ଭାବରେ ହଇରାଣ ହରକତ କରିବା (ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଓ-ଟିଭି ସାମ୍ବାଦିକଙ୍କ ପ୍ରବେଶକୁ ବାରଣ କରିବା, ଓ-ଟିଭିର ବୁମ୍‌କୁ ଦୂରେଇ ଦେବା ଏବଂ ନିକଟରେ ବିଶ୍ୱଜିତ୍ ଓ ଲକ୍ଷ୍ମୀକାନ୍ତଙ୍କ ଅଡିଓ ବାର୍ତ୍ତାଳାପକୁ କେନ୍ଦ୍ରକରି ଓ-ଟିଭି କୁ ପୋଲିସର ରାତିଅଧିଆ ନୋଟିସ ସହିତ ଚୋର, ଡକାୟତ, ହତ୍ୟାକାରୀ, ଧର୍ଷଣକାରୀଙ୍କ ଭଳି ବ୍ୟବହାର କରିବା ଭଳି ଘଟଣା) ନବୀନଙ୍କ ଗଣମାଧ୍ୟମର କଣ୍ଠରୋଧ କରିବାର ପ୍ରୟାସ ଜରୁରୀକାଳୀନ ପରିସ୍ଥିତି ସମୟରେ ଇନ୍ଧିରା ଗାନ୍ଧୀଙ୍କ ଦ୍ୱାରା ଯେପରି ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା, ତାହା ଠାରୁ କୌଣସି ଗୁଣରେ କମ୍‌ନୁହେଁ। ଅପରପକ୍ଷରେ ଗଣମାଧ୍ୟମ ହେଉଛି ଜନତାର ସ୍ୱର। ଗଣମାଧ୍ୟମର କଣ୍ଠରୋଧର ପ୍ରୟାସ ଜନତାଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ କହିଲେ ଭୁଲ୍ ହେବ ନାହିଁ। ଏହାପରେ କଣ ଆମେ କହିପାରିବା, ଆମେ ସ୍ୱାଧୀନ ? ସର୍ବଶେଷରେ ଆଲୋଚ୍ୟ ପ୍ରସଙ୍ଗଟି ହେଲା 'ଭିଆଇପି' ସଂସ୍କୃତି। ଗଣତନ୍ତ୍ରର ପ୍ରକୃତ ଶାସକ ଜନତା ହୋଇଥିବା ବେଳେ ବିଧାୟକ, ସାଂସଦ, ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଜନତାଙ୍କ ପ୍ରତିନିଧି ହୋଇଥିବା ବେଳେ ପ୍ରଶାସକ, ଯଥା - ସଚିବ, ମୁଖ୍ୟ ସଚିବ, କମିସନର, ଆରଡିସି, ଜିଲ୍ଲାପାଳ, ଡିଜିପି, କମିସନର ଅଫ ପୋଲିସ, ଏସ୍‌ପି ଇତ୍ୟାଦି ସମସ୍ତ ଅଧିକାରୀଙ୍କ ୧ରୁ ଆରମ୍ଭ କରି ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜନତାଙ୍କ ସେବକ। କିନ୍ତୁ ଯାହା ଦେଖିବାକୁ ମିଳେ ଭାରତରେ ଚାଲିଥିବା 'ଭିଆଇପି' ସଂସ୍କୃତିରେ ପ୍ରକୃତ ଶାସକ (ଜନତା)ଙ୍କୁ 'ଭିଆଇପି' ମାନ୍ୟତା ମିଳିନଥିବା ବେଳେ ଭିଆଇପି ବୋଲଉଛନ୍ତି ପ୍ରକୃତ ଶାସକ(ଜନତା)ଙ୍କ ପ୍ରତିନିଧି ଓ ସେବକମାନେ। ଜନପ୍ରତିନିଧି ଓ ଜନତାଙ୍କ ସେବକମାନଙ୍କ ଯାତାୟତ ସମୟରେ ଜନତାଙ୍କୁ ବାଟ ଛାଡ଼ି ଦେବାକୁ ହେଉଛି, ଯାହା ରାଜତନ୍ତ୍ର ସମୟରେ ଦେଖିବାକୁ ମିଳୁଥିଲା। ତେବେ, ବର୍ତ୍ତମାନ କେଉଁ ଶାସନ ଚାଲିଛି 'ଗଣତନ୍ତ୍ର' ନା' 'ରାଜତନ୍ତ୍ର( ?), ତାହା ପାଠକେ ନିଜକୁ ନିଜେ ପଚାରି ଉତ୍ତର ବାହାର କରିବାକୁ ଅନୁରୋଧ। ଏହା ବ୍ୟତୀତ ଏହି ଜନପ୍ରତିନିଧି ଓ ସେବକମାନଙ୍କ ଦ୍ୱାରା ଜନତା ଶୋଷିତ। ଦୁର୍ନିତିର ଅକ୍ଟୋପାସ୍ ବର୍ତ୍ତମାନ ସାରାଦେଶକୁ କବଳିତ କରିସାରିଥିବା ବେଳେ ତାହାର ନିରାକରଣ ପାଇଁ କୌଣସି ପ୍ରୟାସ ନାହିଁ କିମ୍ବା ଲକ୍ଷ/ଉଦ୍ଦେଶ୍ୟ ମଧ୍ୟ ନାହିଁ। ଦୁର୍ନିତିର ମାଳାରେ ତଳସ୍ତରର କର୍ମଚାରୀ ଠାରୁ ଆରମ୍ଭକରି ଉଚ୍ଚପଦସ୍ଥ ଅଧିକାରୀ, ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ବନ୍ଧା। ତେଣୁ ଅଭିଯୋଗ କଲେ ମଧ୍ୟ ଫଳ ଶୂନ୍। ବିଚାର ବିଭାଗ ସମ୍ପର୍କରେ କାହାରି କଛି କହିବାର ଅଧିକାର ନାହିଁ। କିଛି କହିଲେ ଅଦାଲତ ଅବମାନନା ମାମଲାରେ ଫସିବା ନିଶ୍ଚିତ। ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ବିଚାର ବିଭାଗରେ କଣ ଚାଲିଛି, ସେ ସମ୍ପର୍କରେ ଜାଣିବା କିମ୍ବା ମତାମତ ଦେବାର ଅଧିକାର ଜନତାଙ୍କର ନାହିଁ। ଏହା କଣ ଆମର ସ୍ୱାଧୀନତା ?ଅତଏବ, ଉପରୋକ୍ତ ଘଟଣାବଳୀକୁ ତର୍ଜମା କରି ପାଠକେ ନିଜକୁ ନିଜେ ପଚାରନ୍ତୁ, ଆମେ ଭାରତବାସୀ କଣ ପ୍ରକୃତରେ ସ୍ୱାଧୀନ ?


ସୋର/ବାଲେଶ୍ୱର,
ମୋ: ୯୪୩୭୩୪୦୮୫୦


# ଭାରତରେ ଅସ୍ଥିରତା

**ଶ୍ରୀକୃଷ୍ଣ ସାମଲ**

ଭାରତ ବର୍ଷରେ ସବୁବେଳେ ଅସ୍ଥିରତା ସୃଷ୍ଟି ହେବାର ଦୁଇଟି ମୁଖ୍ୟ କାରଣ ହେଲା ବହୁ ଦଳୀୟ ଗଣତନ୍ତ୍ରର ଶାସନ ବ୍ୟବସ୍ଥା ଓ ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କର ଏଠାରେ ବସବାସ । ବହୁ ଦଳୀୟ ଗଣତନ୍ତ୍ର ଶାସନ ବ୍ୟବସ୍ଥା ଏକ ସୁନ୍ଦର ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବାକୁ ପ୍ରୟାସ ଯେ ଏଥିରେ ଉଦ୍ଦିଷ୍ଟ ଏହାକୁ ଏଡାଇ ଯାଇ ହେବ ନାହିଁ । କିନ୍ତୁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଦେଖା ଯାଉଛି ଏହି ବ୍ୟବସ୍ଥା ଦେଶରେ ଅସ୍ଥିରତା ସୃଷ୍ଟି କରିବା ବ୍ୟତୀତ ଏହା ଦ୍ୱାରା ଆଉ କିଛି ସୁଫଳ ମିଳୁ ନାହିଁ । ଉଦାହରଣ ସ୍ୱରୂପ କେନ୍ଦ୍ରରେ ୫୪୭ ଆାସନ ବିଶିଷ୍ଟ ସାଂସଦ ମାନେ ଯଦି ବହୁ ଦଳରୁ ନିର୍ବାଚିତ ହୋଇ ଆସନ୍ତି ତାହା ହେଲେ ସବୁ ଦଳ କିମ୍ବା ସଂଖ୍ୟା ଗରିଷ୍ଠ ଦଳ ଗୁଡିକ ଯଦି ସମଭାବାପନ୍ନ ନ ହେଲେ ଦେଶରେ ଶାସନ ପ୍ରତିଷ୍ଠା ସମ୍ଭବପର ହେବ ନାହିଁ । ଫଳରେ ଦେଶରେ ଅସ୍ଥିରତା ସୃଷ୍ଟି ହୋଇ ଆଉ ଏକ ନିର୍ବାଚନକୁ ଅପେକ୍ଷା କରିବାକୁ ପଡିବ ଓ ଏଥିପାଇଁ ରାଜକୋଷରୁ ଅଯଥା ଅର୍ଥ ଅପଚୟ କରିବାକୁ ପଡିବ । ଏହାର ଜ୍ୱଳନ୍ତ ଉଦାହରଣ ବିଭିନ୍ନ ନିର୍ବାଚନରେ ଏ ବ୍ୟତିକ୍ରମ ଆମ ଦୃଷ୍ଟିଗୋଚରକୁ ଆସିଥାଏ । ସଂଖ୍ୟା ଗରିଷ୍ଠ ଦଳ ଗୁଡିକ ସରକାର ଗଢିବାକୁ ପ୍ରୟାସୀ ହୋଇ ଆବଶ୍ୟକୀୟ ହେଉଥିବା ସାଂସଦ ସଂଖ୍ୟା ଯୋଗାଡ କରିବାକୁ ହେଲେ ଅସମଭାବାପନ୍ନ ଦଳ ସହିତ ସମ୍ପର୍କ ସ୍ଥାପନ କଲେ ସେମାନେ ଏଥିପାଇଁ ଗଣତନ୍ତ୍ର କଥା ଭୁଲି ଯାଇ ନିଜର ବ୍ୟକ୍ତି ସ୍ୱାର୍ଥ, ପଦ ମର୍ଯ୍ୟାଦା, ଅର୍ଥ ଓ ପଦ ପଦବୀ ପାଇଁ ଅଡି ବସନ୍ତି । ଯାହା ଦେଶ ଶାସନରେ ଅସ୍ଥିରତା ସୃଷ୍ଟି କରେ । ଘୋଡା ବେପାର ଚ୍ଚଲେ । ନତୁବା ଅଯୋଗ୍ୟ ସାଂସଦ ମାନଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଏ । ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ କରାଯାଏ । ସର୍ବଦା ତାଙ୍କର ମନମାନୀରେ ଶାସନ ଚ୍ଚଲେ । ଅଥବା ସ୍ଥଳ ବିଶେଷରେ ଶାସନ ଭୁଷୁଡି ପଡେ । ଏଥିପାଇଁ ଆଉ ଏକ ନିର୍ବାଚନ ବୋଝ ଦେଶ ଉପରେ ଲଦି ହୋଇଯାଇଯାଏ ଓ ଏହାର କୁପରିଣାମ ସିଧାସଳଖ ଜନସାଧାରଣଙ୍କ ଉପରେ ପଡେ । ଦରଦାମ୍ ହୁ ହୁ ହୋଇ ବଢିଯାଏ । ଏଥିପାଇଁ ଭାରତୀୟ ନାଗରିକମାନେ ସଚେତନ ହେବା ଆବଶ୍ୟକ ଓ ନିର୍ବାଚନ ବେଳେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଭାବେ ଯୋଗ୍ୟ ଦଳ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚନରେ ଜୟଯୁକ୍ତ କରାଇବା ଉଚିତ୍ । ଅପର ପକ୍ଷରେ ପୃଥିବୀର ଅଧିକାଂଶ ରାଷ୍ଟ୍ର ଖ୍ରୀଷ୍ଟିୟାନ ଓ ମୁସଲମାନ ରାଷ୍ଟ୍ର । ସେଠାରେ ଅନ୍ୟ ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ମଧ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ସେମାନେ ଯେତେ ଯାହା ହେଲେ ବି ନିଜ ଧର୍ମ ପାଇଁ ସ୍ୱର ଉତ୍ତୋଳନ କରି ପାରନ୍ତି ନାହିଁ । ନିଜ ପରିବାର ଗହଣରେ ତଥା ଗୃହ ଅଭ୍ୟନ୍ତରରେ ନିଜ ଧର୍ମର ରୀତିନୀତି ସହିତ ବସବାସ କରିଥାନ୍ତି । ତଥାପି ବି ଏମାନେ ଶାନ୍ତିରେ ସେଠାରେ ବସବାସ କରିବାକୁ ପ୍ରମାଦ ଗଣୁଥାନ୍ତି । ହେଲେ ଆମ ଭାରତବର୍ଷର କଥା ଅଲଗା । ଏଠାରେ ବିଭିନ୍ନ ସମ୍ପ୍ରଦାୟ ଓ ବିଭିନ୍ନ ଧର୍ମାବଲମ୍ବୀମାନେ ବାସ କରନ୍ତି । ଏହା ଏକ ଧର୍ମଭିତ୍ତିକ ରାଷ୍ଟ୍ର ନୁହେଁ । ଏଇଥି ପାଇଁ ଭାରତବର୍ଷରେ ବେଳେବେଳେ ସାଂପ୍ରଦାୟିକ ଭେଦଭାବ ସୃଷ୍ଟି ହୋଇ ଦେଶରେ ଅସ୍ଥିରତା ସୃଷ୍ଟି ହୁଏ । ହେଲେ ଦେଖାଯାଏ ଭାରତବର୍ଷରେ ବିଭିନ୍ନ ଧର୍ମାବଲମ୍ବୀ ଓ ସଂପ୍ରଦାୟର ଲୋକମାନଙ୍କ ଭିତରେ ଉତ୍ତମ ସମ୍ପର୍କ ରହିଥାଏ । କେବଳ ଶତ୍ରୁ ରାଷ୍ଟ୍ରର ଷଡଯନ୍ତ୍ର ପାଇଁ ଏମାନଙ୍କ ଭିତରେ ବିଭେଦତା ସୃଷ୍ଟି ହୁଏ । ହେଲେ ବ୍ୟତିକ୍ରମ ଏତିକି ଯେ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସୁସଂପର୍କ ଗଢି ଉଠୁଥିଲେ ମଧ ସେମାନେ ପୃଥିବୀର ସେମାନଙ୍କ ଧର୍ମର ରାଷ୍ଟ୍ରମାନଙ୍କ ପ୍ରତି ଅଧିକ ଦରଦ ପ୍ରକଟିତ କରନ୍ତି । ହେଲେ ସେମାନେ କସ୍ମିନକାଳେ ପୃଥିବୀର ଅନ୍ୟ ରାଷ୍ଟ୍ର ମାନଙ୍କରେ ଯାଇ ବସବାସ କରି ପାରିବେ ନାହିଁ କି ସେହି ରାଷ୍ଟ୍ରର ଲୋକମାନେ ଆସି ଭାରତବର୍ଷରେ ବସବାସ କରି ପାରିବେ ନାହିଁ । ଏହା ଆକାଶ କୁସୁମ ଭଳି । ଏଣୁ ଭାରତବର୍ଷରେ ବାସ କରୁଥିବା ଅନ୍ୟ ସଂପ୍ରଦାୟର ଲୋକ ତଥା ଅନ୍ୟ ଧର୍ମାବଲମ୍ବୀମାନେ ନିଜର ଜନ୍ମଭୂମି ଭାରତବର୍ଷ ପ୍ରତି ଅନୁରାଗୀ ଓ ଆସକ୍ତି ରଖିଲେ ଭାରତବର୍ଷରେ ଅସ୍ଥିରତା ତଥା ଦେଶଦ୍ରୋହ ଆଦୌ ଦେଖାଦେବ ନାହିଁ।


ଶ୍ରୀକୃଷ୍ଣ ନିବାସ
କରିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯


# ଫୋନିସ ଆଶ୍ରମ ଓ ଗାନ୍ଧି

**ସୁରେନ୍ଦ୍ରନାଥ ଦାଶ**



୧୯୦୪ ମସିହାରେ ଗାନ୍ଧିଜୀ ଯୋହେନ୍ସବର୍ଗରୁ ଟ୍ରେନରେ ଡରବାନ ଗଲା ବେଳେ ଷ୍ଟେସନରେ ତାଙ୍କୁ ହେନେରି ପୋଲକ ବିଦାୟ ସମୟରେ ଏକ ପୁସ୍ତକ ଉପହାର ଦେଲେ । ପୁସ୍ତକଟିର ନାମ ଥିଲା, "ଅନ୍ ଟୁ ଦି ଲାଷ୍ଟ" । ଲେଖକ ଥିଲେ ଜନ ରସକିନ । ପୁସ୍ତକଟି ଚାରିଟି ପ୍ରବନ୍ଧ ମାଧ୍ୟମରେ ୧୮୬୦ ମସିହାରେ କ୍ୟାର୍ମିଲ ମାଗାଜିନରେ ପ୍ରକାଶ ପାଇଥିଲା । ପ୍ରକାଶିତ ବିଷୟ ବସ୍ତୁ ଉପରେ ପ୍ରତିବାଦ ହେବାରୁ ଏହାର ପ୍ରକାଶନ ବନ୍ଦ ହୋଇଗଲା । ମାତ୍ର ରସକିନ ଡରି ନଯାଇ ୧୮୬୨ ମସିହାରେ ଏହାକୁ ସଂପୂର୍ଣ୍ଣ ପ୍ରକାଶ କଲେ । ଏହି ପୁସ୍ତକଟି ଗାନ୍ଧିଙ୍କୁ ଏତେ ଭଲ ଲାଗିଲା ଯେ ସେ ଏହାକୁ ଏକା ଥରକେ ପଢି ଦେଲେ ବୋଲି ବର୍ଣ୍ଣନା କରିଥିଲେ ।

ଜନ ରସକିନ ମତ ଦେଇଥିଲେ, 'ବ୍ୟକ୍ତିର ମଙ୍ଗଳରେ ହିଁ ସମାଜର ମଙ୍ଗଳ । ଜଣେ ଓକିଲ ଓ ଜଣେ ବାରିକର ଅବଦାନ ସମାଜ ପାଇଁ ସମାନ ଅଟେ । ସମସ୍ତଙ୍କର ସମାନ ଭାବରେ ବଂଚିବାର ଅଧିକାର ଅଛି । ଯେଉଁମାନେ ପରିଶ୍ରମ କରି ବଂଚୁଛନ୍ତି, ସମାଜ ପାଇଁ ସେମାନଙ୍କ ଦାମ ଅଧିକ ଅଟେ । ସମାଜର ସମ୍ବଳ ସମ ଭାବରେ ସମସ୍ତେ ଉପଭୋଗ କରିବା ଉଚିତ' । ସେ ସମୟରେ ମୁଣ୍ଡ ଟେକୁଥିବା ପୁଞ୍ଜିବାଦ ବିରୋଧରେ ଏହା ଥିଲା ସମାଜବାଦର ପ୍ରଥମ ଝଙ୍କାର । ସେ ଏକ ସ୍ୱାବଲମ୍ବୀ ସମାଜ ଗଠନ ଉପରେ ଜୋର ଦେଇଥିଲେ । ଗାନ୍ଧିଙ୍କୁ ରସକିନଙ୍କ ମତ ଏତେ ଭଲ ଲାଗିଲା ଯେ, ସେ ଏହା ଉପରେ ପରୀକ୍ଷା ଆରମ୍ଭ କରିଦେଲେ । ଡରବାନ ଠାରୁ ୧୪ ମାଇଲ ଦୁର ଏକ ପାହାଡ ଉପରେ ଶହେ ଏକର ଜମି କିଣି ସେ ଫିନିସ ଆଶ୍ରମ ନାମରେ ଏକ ଯୌଥ ପରିବାରର ପରିକଳ୍ପନା କଲେ । ପ୍ରଥମେସେ ତାଙ୍କ ଅଫିସରେ କାମ କରୁଥିବା ଲୋକ ଓ ପ୍ରେସରେ ଥିବା କର୍ମଚାରୀ ମାନଙ୍କୁ ପରିବାର ସହ ସେଠାରେ ରହିବା ପାଇଁ ଆମନ୍ତ୍ରଣ କଲେ । ଜଣେ ଭାରତୀୟ ବନ୍ଧୁ ତାଙ୍କ ଘରେ ପଡିଥିବା ଗୁଡାଏ ଲୁହା ରଡ ଓ ଟିଣ ଚାଦର ତାଙ୍କୁ ଦେଇଦେଲେ । ଗାନ୍ଧିଙ୍କ ଲୋକମାନେ ନିଜେ ପରିଶ୍ରମ କରି ୭୦ ଫୁଟ ଓ ୫୦ ଫୁଟ ଲମ୍ବର ଦୁଇଟି ଘର ତିଆରି କଲେ । ସେଠାରେ ସମସ୍ତେ ଏକାଠି ରହିଲେ । ଏକାଠି ରୋଷେଇ ହେଲା । ପିଲାଙ୍କ ପାଇଁ ଏକାଠି ସ୍କୁଲ ଖୋଲାହେଲା । ଇଣ୍ଡିଆନ ଓପିନିଅନର ପ୍ରେସକୁ ସେଠାକୁ ଉଠେଇ ଆଣିଲେ । ଜମି ଚାଷ କରି ସମସ୍ତେ ଫସଲ ଲଗାଇଲେ । ଗାଈ ରଖି ଖିର ପାଇଲେ । ଫଳ ଚାଷ କଲେ । କାଠ କାମ ପାଇଁ ବଢେଇ କାମ ଶିଖିଲେ । ନିଜେ ଜୋତା ତିଆରି କଲେ ଓ ଏକ ସ୍ୱାବଲମ୍ବଶୀଳ ସମାଜର ଆନନ୍ଦ ଅନୁଭବ କଲେ । ଏହି ନୂତନ ଜୀବନ ଶୈଳିକୁ ଆକୃଷ୍ଟ ହୋଇ ତାଙ୍କର ଅନେକ ବିଦେଶୀ ବନ୍ଧୁ ହେନେରି ପୋଲକ, ଆଲବର୍ଟ ୱେଷ୍ଟ ଓ କାଲାନ ବ୍ୟାକ୍ ପରିବାର ସହ ସେଠାକୁ ଆସି ରହିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ଦୁର୍ଭାଗ୍ୟର ଶଯ୍ୟା

**ସୁରଂଜନ ପାତ୍ର**

ଇଛାକୁ ଲଗାମ ଲଗାଇବାକୁ ହେବ
ପାଦକୁ ଶିକୁଳି
ପକ୍ଷୀ ତୁ ଆକାଶରେ ଉଡୁଛୁ ତ
ସେମିତି ଉଡୁଥା
ଶବ୍ଦ ସବୁ ଶୋଇ ଯାଅ
ନୀରବ ନୀଦରେ।
ଏଠି ନଈ ସବୁ ମରୁଭୂମି
ରକ୍ତରେ ଜୁଡୁବୁଡୁ ମାଟି
କଂକ୍ରିଟ ଜଙ୍ଗଲେ ବସିଛି
ସଭ୍ୟତାର ବାଘ
ଜୀବନର ମାନଚିତ୍ର
ଦାରୁଣ ଦୁଃଖେ କଲବଲ।
ଆ କହିଲେ ଆକାଶ ଆଉ
ଛୁଉଁ ନାହିଁ ସୋହଗର ଛାତି
ପାଷାଣର ଚିତ୍ର ଭିତରେ
ନିରୁଦ୍ଦିଷ୍ଟ ଶୀଳ୍ପି
ପତ୍ରଝଡ଼ା ଜଂଗଲେ ଝୁଲୁଛି
ସମୟର ଶବ।
ଯା' ଯା' ଫେରିଯା ଶ୍ରାବଣ
ତୋ ପ୍ରେମେ ଭିଜିବା ଆଗୁ
ଜଳିତ ଯାଇଛି ବସୁଧା
ଧାନ ପଟାଳିରେ ଉଡୁଛି ଆତ୍ମାହୁତି
ଦେଇଥିବା
ଚାଷୀର ପାଉଁଶ।
ଯା' ଯା' ଫେରିଯା ଫଗୁଣ
ତୋ ଚୁମ୍ବନ ପାଇବା ଆଗୁ
ଗୋଲାପି ଛୁରୀରେ କ୍ଷତାକ୍ତ
ଋତୁମତୀ ଫୁଲ।
ସୂର୍ଯ୍ୟଙ୍କୁ ପ୍ରଣାମ ବାଡୁଥିବା
ଅଙ୍କୁରିତ ବୀଜର ଶିରେ
ବିନାଶର ପାଦ
କୃଷ୍ଣଚୂଡ଼ା ସନ୍ଧିରେ ମଉଳିଯାଇଛି
ପ୍ରକୃତିର ହସ।
ସମୁଦ୍ରକୁ ଛାତି ପାତି ବସିଥିବା କବି
ପାରୁନି ଲେଖି ଆଉ
ସମୁଦ୍ରକୁ ଶରୀର କରିଥିବା
ନୋଳିଆର କଥା
ଅନୁପ୍ରବେଶ ଅପରାଧେ ବନ୍ଦି ତା' କବିତା
ସମୁଦ୍ରର ଗର୍ଭେ।
ଏଠି ସେଠି ସବୁଠି
ବଦଳୁଛି ପାଣ୍ଡୁଲିପି
ଗାଇବାକୁ ମନା
ହୃଦୟର ଗୀତ
ଛଟପଟ ଜୀବନ ସଢୁଛି
ଦୁର୍ଭାଗ୍ୟର ଶରଶଯ୍ୟାରେ।


+ ନୂଆଗାଁ, ଶିଙ୍ଗାଖୁଂଟା, ସୋର,
ବାଲେଶ୍ୱର-୪୫
ମୋ: ୯୫୮୩୯୩୬୭୫୬





## କବିତା....

**ଡ.ମନୋରଂଜନ ବିଷୋୟୀ**

ଶବ୍ଦ ଓ ଭାବକୁ ନେଇ
କବିତା ଲେଖିଥାଏ।

ସୂକ୍ଷ୍ମ ଅନୁଭବର
ଉଚ୍ଚାରଣ ଭିତରେ
କହିପାରି ନଥିବା
ଅନେକ କଥା
କବିତାରେ କହିଥାଏ।

ହରାଇଥିବା ସ୍ମୃତି
ସାଇତି ଥିବା ସ୍ୱପ୍ନ
ପାଇଥିବା ସତ୍ୟକୁ
କବିତାରେ ଗୁନ୍ଥିବାକୁ
ଶବ୍ଦ ଖୋଜୁଥାଏ।

ପ୍ରତିଶବ୍ଦରେ ପ୍ରତିଶ୍ରୁତିର
ବହଳ ଅଙ୍ଗୀକାର
ଅନୁଭବ କରି
ଜୀବନର ନକ୍ସା ଆଙ୍କୁଥାଏ।

ତେଣୁତ ନିଜକୁ
ଚରାଚର ଭିତରେ
ଚରାଚରକୁ ନିଜ ଭିତରେ
ବ୍ୟକ୍ତ କରିବାର
ସୃଜନଶୀଳତାରେ
ସର୍ବଦା ମଗ୍ନ ଥାଏ।

ଭୋଗରେ ଯେତିକି ବିଳାସ
ତ୍ୟାଗରେ ସେତିକି ଆନନ୍ଦ
ଅନୁଭବ କରି
ଶବ୍ଦରେ ରୂପାନ୍ତର ପାଇଁ
ଅଭିଷେକ କରୁଥାଏ।

ତଥାପି ଅନେକ କଥା
କବିତାରେ କହିନପାରି
ଅକୁହା ରହିଯାଏ।

ଯାହା କାଗଜ ପୃଷ୍ଠାର
ଶବ୍ଦରେ ଧରା ନଦେଇ
ଲୁହ ହୋଇ ବୋହିଯାଏ।


+ ସ୍ନାତକୋତ୍ତର ଓଡ଼ିଆ ବିଭଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍:୮୮୯୫୧୪୧୭୨୭


## ବଉଳ...

**ଅଶୋକ କୁମାର ପ୍ରଧାନ**

ସବୁଦିନେ ତାର ମୁହଁକୁ ନଦେଖିଲେ
ମନଟା ଭାରୀ ଭାରୀ ଲାଗେ
ସତେକି ମୁଣ୍ଡ ଉପରେ
କୋଉ ଗୋଟେ ଓଜନିଆ ପାହାଡ଼ଟି
ସବାର ହୋଇଛି ପ୍ରତି ମୁହୂର୍ତ୍ତରେ
ମୋ ଜୀବନ ପ୍ରବାହ
ମୋର ନିଃଶ୍ୱାସ ପ୍ରଶ୍ୱାସ ଓ ସ୍ପନ୍ଦନ
ମୋର ଭାବ ଆବେଗ ସବୁକିଛି
ଉଭେଇ ଯାଏ
ତାର ନିମିଷେ ବିଚ୍ଛେଦରେ।
ସେ ପାଖରେ ଥିଲେ ସତେ ଯେପରି
ମୋ ଭିତରେ
ସୃଷ୍ଟି ହୁଏ ଆନନ୍ଦର ପ୍ରବାହ
ମୋ ହୃଦୟରେ ନିମିଷକେ ତୋଳି ହୁଏ
କଳାର କୋଣାର୍କ
ଜୀବନ ମୋ ପ୍ରତିଟି କ୍ଷଣରେ
ପାଲଟି ଯାଏ
ମୋକ୍ଷ ମାର୍ଗର ତୀର୍ଥକ୍ଷେତ୍ର
ପାଖରେ କିଛି ନଥାଇ ବି ସ୍ପନ୍ଦିତ ମନ
ଯେପରି ପୁରିଲା ପୁରିଲା ଅନୁଭବ ହୁଏ
ଏକ ଅଦୃଶ୍ୟ ଅସ୍ପୃର୍ଶ ଆଶିର୍ବାଦ ପାଇ।
ପିଲାଟି ଦିନରୁ ତାରି ସହ
ସମ୍ପର୍କ ଗଢ଼ିଉଠିଛି
କେତେବେଳେ କେଜାଣି ମୁଁ ଜାଣେନା
ଯାହାର ସଂଯୋଗତା
ବି ଜାଣିବାକୁ ଚାହିଁନି ଦିନଟିଏ କେବେବି
ବାଲିଖେଳରୁ ବାସ୍ତବତା ଯାଏଁ
ପିଲାଖେଳରୁ ଜୀବନର ରହସ୍ୟ
ଯେମିତି ଯୋଡ଼ି ହୋଇଛି ତା ସହିତ
ସତେ ଯେପରି ଆକାଶ ପାଇଁ ପୃଥିବୀ
ସୂର୍ଯ୍ୟ ପାଇଁ ସରସିଜ
ଆଉ କୁମୁଦ ପାଇଁ ଶଶୀ
ଏକ ଅଭୁଲା ସମ୍ପର୍କରେ
ଯୋଡ଼ି ହୋଇଛନ୍ତି
କୋଉ ଅନାଦି କାଳରୁ
ଏବେ ଏବେ ତା'ର ବିଚ୍ଛେଦ
ମୋ ପାଇଁ ନିଷ୍ଠୁର ଅଭିଶାପ
ପାଷାଣୀ ଅହଲ୍ୟଶ ପରି
ପୁଣି ଅପେକ୍ଷା କରିବାକୁ ହେବ
କେତେ ଯୁଗ
ସହିବାକୁ ହେବ
କେତେ ଯାତନାର ପାହାଡ଼
ପାଖରେ ପୁଣି ଥରେ ପାଇବାକୁ
ସେହି ପୁରୁଷୋତ୍ତମ ରାମଚନ୍ଦ୍ର
ଆଉ ଗୌତମଙ୍କୁ
ଅବ୍ୟକ୍ତ ମୋ ଅନୁତପ୍ତ ହୃଦୟର କଥା
ତଥାପି ସମ୍ପର୍କର ସୁତା ଖିଅରେ
ତା ସହିତ ମୁଁ ବାନ୍ଧି ହୋଇଛି
ସବୁଦିନ ପାଇଁ
ସେ ପରା ମୋ ବଉଳ
ମୋ ଜୀବନର ସୁଖ ଦୁଃଖ ହସ କାନ୍ଦ
ଆଉ ମୋ ଭାଗ୍ୟ ରେଖାର
ପ୍ରତିଟି ଭଲମନ୍ଦ।


+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଂଜାମ
ମୋ: ୮୨୪୯୧୧୯୧୩୦

# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୫

ବାଲେଶ୍ୱର ♣ ଶନିବାର, ଡିସେମ୍ବର ୫, ୨୦୨୦


# ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ରୋଗ!


**ଶରତ କୁମାର ରାଉତ**




୧୯୮୩ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ନୀତି ଘୋଷଣା ବେଳେ ଦେଶର ନୀତି ନିର୍ଦ୍ଧାରକ ମାନେ ଦୁଇହଜାର ମସିହା ସୁଦ୍ଧା ଦେଶବସୀଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା କରାଯିବାର ଘୋଷଣା କରିଥିଲେ । ଏହା ନିଶ୍ଚୟ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା । ମାତ୍ର ଆଜି ୩୬ ବର୍ଷ ପରେ ସେହି ଘୋଷଣା ଦିବା ସ୍ୱପ୍ନରେ ପରିଣତ ହୋଇଛି । ଆଜି ମଧ ଭାରତ ମାରାତ୍ମକ ମ୍ୟାଲେରିଆ, ଡାଇରିଆ, ଡେ଼ଙ୍ଗୁ, ମିଳିମିଳା, ଯକ୍ଷ୍ମା, ଫାଇଲେରିଆ, ପାରାଲିସିସ୍, ହଇଜା, ଜାପାନୀ ଏନ୍‌ସେଫାଲାଇଟ୍‌ସ, ଅନାହାର ଆଦି କବ୍‌ଜାରେ ରହିଛି । ଏଡ୍‌ସର ଆତଙ୍କ ଧିରେ ଧିରେ ବଢି ଚାଲିଥିବା ବେଳେ ହୃଦରୋଗ ଓ କ୍ୟାନସର ମଧ ନିଜ ନିଜର ଶକ୍ତି ବିସ୍ତାର କରି ଚାଲିଛନ୍ତି । ଭାରତର ୩୨.୮୭ ଲକ୍ଷ ବର୍ଗ କି.ମି. କ୍ଷେତ୍ରଫଳରେ ୭୪.୨୯ ଭାଗ ଗ୍ରାମାଂଚଳ ରହିଥିବା ବେଳେ ୭୫ ଭାଗ ଡାକ୍ତର ମାତ୍ର ୨୫ ଭାଗ ସହରାଂଚଳରେ କେନ୍ଦ୍ରୀଭୂତ ଅଛନ୍ତି । ଫଳତଃ ସ୍ୱାଧୀନତାର ୭୨ ବର୍ଷ ପରେ ମଧ ଗ୍ରାମାଂଚଳରେ ନକଲି ଡାକ୍ତରଙ୍କ ଉତ୍ପାତ ବଳବତର ରହିଛି । ଏବେ ସବୁ ସ୍ତରରେ କୁହା ଯାଉଛି ଯେ, ସ୍ୱାର୍ଥପର ଡାକ୍ତରମାନେ ଗ୍ରାମାଂଚଳକୁ ଯାଉନାହାଁନ୍ତି । ହେଲେ ଏହାର କାରଣ ସଂପର୍କରେ କେହି କେବେ ଭାବି ନାହାଁନ୍ତି । ଆଜି ପର୍ଯ୍ୟନ୍ତ କାହିଁକି ଗ୍ରାମାଂଚଳକୁ ଅତ୍ୟାବଶ୍ୟକ ସଡକ, ବିଜୁଳି, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇନି ? ତେବେ କ'ଣ କେବଳ ଡାକ୍ତର ପହଂଚି ଗଲେ ଗ୍ରାମାଂଚଳର ବିକାଶ ହୋଇଯିବ ? ବାସ୍ତବତା ଦେଖିଲେ, ନିର୍ଦ୍ଦିଷ୍ଟ ମାପଦଣ୍ଡ ଅନୁଯାୟୀ ସହରାଂଚଳରେ ମଧ ଆବଶ୍ୟକୀୟ ଡାକ୍ତର ନାହାଁନ୍ତି । ଏଥିରୁ ଗାଁର ସ୍ଥିତି ଅନୁମାନ କରା ଯାଇପାରେ । ତେବେ ସ୍ୱାସ୍ଥ୍ୟ ବିଭାଗରେ ୧୬୦୦୬ଟି ପଦବୀ ଖାଲି ପଡ଼ିଛି । ରାଜ୍ୟରେ ୧୦,୦୦୦ରୁ ଅଧିକ ଡ଼ାକ୍ତରଙ୍କର ଆବଶ୍ୟକତା ଥିବାବେଳେ ମଂଜୁରୀପ୍ରାପ୍ତ ୬୭୧୯ ଡ଼ାକ୍ତର ପଦବୀରୁ ୨୯୭୮ ପଦବୀ ଖାଲି ପଡ଼ିଛି । ଏଥିଯୋଗୁ ରୋଗୀମାନେ ଚିକିତ୍ସା ସେବାରୁ ବଂଚିତ ହେଉଛନ୍ତି । ସେହିପରି ରାଜ୍ୟ ମୁଖ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ କରିବାକୁ ଡ଼ାକ୍ତର ନାହାନ୍ତି । ଡ଼ାକ୍ତରଙ୍କ ପାଇଁ ୧୦୫ ଟି ପ୍ରଶାସନିକ ପଦବୀ ଥିବାବେଳେ ୬୧ଟି ପଦବୀ ଖାଲି ପଡ଼ିଛି । ସରକାରୀ ନିୟମ ତଥା ଜନସଂଖ୍ୟା ଅନୁପାତରେ ରାଜ୍ୟରେ ୧୨ହଜାରରୁ ଅଧିକ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହେବାର ଜରୁରୀ ଥିବାବେଳେ ଏବେ ମାତ୍ର ୬୬୮୮ଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି । ଅନ୍ୟପକ୍ଷରେ ପ୍ରତିବର୍ଷ ୨ହଜାରରୁ ଅଧିକ ବିଭାଗୀୟ କର୍ମଚାରୀ/ଅଧିକାରୀ ଅବସର ନେଉଛନ୍ତି । କିନ୍ତୁ ସେହି ଅନୁପାତରେ ନିଯୁକ୍ତି ହେଉନାହିଁ । ଆମ ଦେଶରେ ସ୍ୱାସ୍ଥ୍ୟ କମିଟି ଗଠନ ଓ ଭଙ୍ଗ ପ୍ରାଚୀନ ପରମ୍ପରା ଅଟେ । ସ୍ୱାଧୀନତାଠାରୁ ଆଜିଯାଏ ବହୁ କମିଟି ଆସିଛି ଓ ଯାଇଛି, କିନ୍ତୁ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଦର୍ଶ କରିପାରିନି । ବିଭିନ୍ନ କମିଟି ଦ୍ୱାରା ଦିଆଯାଇଥିବା ପରାମର୍ଶ ଉପରେ ବିଶ୍ଳେଷଣ କରା ଯାଇଥିଲେ ମଧ ରାଜନୈତିକ ଓ ପ୍ରଶାସନିକ ଅପାରଗତା ଯୋଗୁଁ ଆମର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇ ଚାଲିଛି । କୌଣସି ରାଷ୍ଟ୍ରର ସ୍ୱାସ୍ଥ୍ୟ ସେବାର ସକ୍ଷମତା ଓ ସଫଳତା ଦେଶର ଶିଶୁ ଓ ମାତୃ ମୃତ୍ୟୁହାରରୁ ସ୍ପଷ୍ଟ ହେଉଥିବା ବେଳେ ଏଥିରେ ଅନ୍ୟାନ୍ୟ ବିକାଶଶୀଳ ଦେଶ ଅପେକ୍ଷା ଆମ ଦେଶ ବହୁ ଜଟିଳ ଅବସ୍ଥାରେ ରହିଛି । ଏକ ସମୀକ୍ଷାରୁ ଜଣାପଡିଛି ଯେ, ସହରାଂଚଳରେ ୮୦ଭାଗ ଲୋକେ ଘରୋଇ ଚିକିତ୍ସା ଉପରେ ନିର୍ଭର କରୁଥିବା ବେଳେ ସରକାରୀ ଚିକିତ୍ସାସେବା ଉପରେ ମାତ୍ର ୨୦ଭାଗ ଲୋକ ନିର୍ଭର କରନ୍ତି । ଏଠାରେ ଗୋଟିଏ ପ୍ରଶ୍ନ ଉଠୁଛିଯେ, ସରାକାରୀ ସ୍ୱାସ୍ଥ୍ୟ ସେବା ମାଗଣାରେ ମିଳୁଥିବା ବେଳେ ଲୋକେ ଖର୍ଚ୍ଚାନ୍ତ ହୋଇ ଘରୋଇ ଚିକିତ୍ସାଳୟକୁ ଯାଆନ୍ତି କାହିଁକି ? ମାତ୍ର ଏ ସଂପର୍କରେ କେହି ମୁଣ୍ଡ ଖେଳାଉ ନାହାନ୍ତି । ସତରେ କ'ଣ ଆମ ଦେଶରେ ସରକାରୀ ଚିକିତ୍ସା ସେବା ଅତି ନିମ୍ନମାନର ? ବର୍ତ୍ତମାନ ଆମ ରାଜ୍ୟବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୯ଟି ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ ସମେତ ୨୨ଟି ଘରୋଇ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ, ୩୨ଟି ଜିଲ୍ଲା ସ୍ତରୀୟ ହସ୍ପିଟାଲ, ୨୨ଟି ଉପଖଣ୍ଡସ୍ତରୀୟ ଚିକିତ୍ସାକେନ୍ଦ୍ର, ୩୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୧୬୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୩୨୮ଟି ପରିବାର କଲ୍ୟାଣ କେନ୍ଦ୍ର, ୬୬୮୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର, ୧୨୦ଟି ଅନ୍ୟାନ୍ୟ ଚିକିତ୍ସା କେନ୍ଦ୍ର, ଶହଶହ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସାକେନ୍ଦ୍ର ତଥା ଅନେକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ରହିଛି । ତଥାପି ଓଡିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛରେ ପଡିଛି କାହିଁକି ? ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ତଥା ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ ସଂସ୍ଥାରୁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି । ଏହାଛଡ଼ା ୧୯୮୩-୮୪ରେ ଜାତୀୟ ସ୍ୱାସ୍ଥ୍ୟ ନୀତି, ୧୯୮୭-୮୮ରେ ପ୍ରଜନନ ଶିଶୁସ୍ୱାସ୍ଥ୍ୟ ପ୍ରକଳ୍ପ, ୧୯୯୯-୨୦୦୭ରେ ଓଡ଼ିଶା ସ୍ୱାସ୍ଥ୍ୟ ଉନ୍ନୟନ ପ୍ରକଳ୍ପ, ୨୦୦୧-୦୨ରେ ଶିଶୁ ମୃତ୍ୟୁହାର ହ୍ରାସ ମିସନ୍, ୨୦୦୨-୦୩ରେ ସମନ୍ୱିତ ସ୍ୱାସ୍ଥ୍ୟସେବା ନୀତି ଓ କୌଶଳ ଭିଜନ୍-୧୦, ୨୦୦୫ରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ୍, ୨୦୦୭ରୁ ନରୱେ ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗ (ନିପି)ରେ ଯଶୋଦା ନିଯୁକ୍ତି ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ଯୋଜନା, ୨୦୧୧ ଅକ୍ଟୋବର ୧୯ରୁ ମମତା ଯୋଜନା, ୨୦୧୮ରେ ନିର୍ମଳ, ସୁନେତ୍ର, ସଂପୂର୍ଣ୍ଣ ସୁରକ୍ଷା କବଚ ଓ ସହାୟ ଯୋଜନାର ଶୁଭାରମ୍ଭ ହୋଇଥିଲା ବେଳେ ୨୦୧୭ ଡ଼ିସେମ୍ବର ୩ୟ ସପ୍ତାହରେ "ନିଦାନ", "ଆମ କ୍ଲିନିକ୍" ଓ "ଅନମୋଲ୍ ଟାବ୍‌ଲେଟ୍"ଭଳି ଯୋଜନା ଆଦି କାର୍ଯ୍ୟକାରୀ ହୋଇ ଫେଲ୍ ମାରିଛି । ଏସବୁ ଯୋଜନା ଗୁଡ଼ିକରୁ ବିଶେଷ ସୁଫଳ ମିଳି ନାହିଁ । ଏବାବଦରେକୋଟିକୋଟି ଟଙ୍କା ବାଟମାରଣା ହେଉଛି । ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଓ ସ୍ୱାସ୍ଥ୍ୟସେବା ଯୋଗାଣ ଜନିତ ତୃଟି ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶା ବାସୀ ଓ ସରକାରଙ୍କ ପାଖରେ ଉତରଦାୟୀ । ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ କେବଳ ଯୋଜନା ପ୍ରସ୍ତୁତ କରି ସରକାର ନିଜ କର୍ତବ୍ୟ ଶେଷ ହେଲା ବୋଲି ଭାବୁଛନ୍ତି । ଯୋଜନାର ସୁଫଳ ଲୋକମାନଙ୍କ ପାଖରେ ପହଂଚିଲା କି ନାହିଁ, ତାହାର ପ୍ରାୟ ସମୀକ୍ଷା ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗରେ ଆଇନ ପ୍ରଣୟନ ଓ କାର୍ଯ୍ୟକାରୀ ହେବା ମଧ୍ୟରେ ଆକାଶ-ପାତାଳ ଫରକ୍ । ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ହାତରେ କୌଣସି କ୍ଷମତା ନାହିଁ କି ସେମାନେ କୌଣସି ନୀତି ନିର୍ଦ୍ଧାରଣ କରନ୍ତି ନାହିଁ । ସବୁ କ୍ଷମତା ଥାଏ ଅମଲା ମାନଙ୍କ ହାତରେ । ମନ୍ତ୍ରୀ ଓ ବିଧାୟକ ମାନଙ୍କ ଫୋନ୍ ଦ୍ୱାରା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଭାଗ୍ୟ ନିର୍ଦ୍ଧାରଣ କରାଯାଏ । ଡ଼ାକ୍ତର, କର୍ମଚାରୀ ଓ ରୋଗୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗର କୌଣସି ସହାନୁଭୁତି ନଥାଏ । ବିଭାଗୀୟ କେତେକ ଅସ୍ୱାଭାବିକ କାର୍ଯ୍ୟ ଯୋଗୁ ରାଜ୍ୟରେ କାର୍ଯ୍ୟରତ ଅଧିକାଂଶ ଡ଼ାକ୍ତର ଓ କର୍ମଚାରୀ ମାନସିକ ଯନ୍ତ୍ରଣାର ଶିକାର ହେଉଛନ୍ତି ଓ ପରିଣତି ସ୍ୱରୁପ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ ହୋଇ ପାରୁନାହିଁ । ତେବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପ୍ରଶାସନିକ ନିଷ୍କ୍ରିୟତା ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶରେ ବ୍ୟାଘାତ ସୃଷ୍ଟି କରୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି । ଅନ୍ୟ ସରକାରୀ ନିର୍ଦ୍ଦେଶାଳୟ ଭଳି ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ପ୍ରଶାସନିକ ସେବା ଅଧିକାରୀ ପଦବୀ ନାହିଁ । ଯୁଗ୍ମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମାନେ ହେଉଛନ୍ତି ଡାକ୍ତର ପାହ୍ୟାର । ଦ୍ୱିତୀୟ ଈଶ୍ୱର ବୋଲି ଖ୍ୟାତ ଡାକ୍ତରମାନେ ପ୍ରଶାସନିକ ଜ୍ଞାନରେ ଅଜ୍ଞ ବୋଲି ସାଧାରଣରେ ମନେ କରାଯାଏ । ପ୍ରାୟତଃ ଚାକିରି ଶେଷ ବେଳକୁ ସେହି ଡାକ୍ତର ପଦୋନ୍ନତି ପାଇ ନିର୍ଦ୍ଦେଶକ ଆସନରେ ବସନ୍ତି । ସେମାନେ ଶାସନତନ୍ତ୍ରକୁ ସୁଦୃଢ କରିବା ପାଇଁ ଉଦ୍ୟମ କରୁ କରୁ ଅବସର ନିଅନ୍ତି । ଏଣୁ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଶାସନତନ୍ତ୍ରକୁ ସୁଦୃଢ ଓ ନିର୍ମଳ କରାଯିବାକୁ ଅତି କମ୍‌ରେ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଗୋଟିଏ ଆଇଏଏସ୍ ପଦବୀ ସୃଷ୍ଟି କରାଯିବା ଉଚିତ୍ । ଅନ୍ୟାନ୍ୟ ଅନୁଷଙ୍ଗିକ ବ୍ୟବସ୍ଥାର ପରିବର୍ତନ କରାଯିବା ଉଚିତ୍ । ଏସବୁ ନିର୍ଭର କରୁଛି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ପ୍ରସାଶନିକ ଦକ୍ଷତା ଉପରେ । ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ପ୍ରକୃତରେ ଆନ୍ତରିକତାର ଅଭାବ ରହିଛି । ଅତଏବ ସ୍ୱାସ୍ଥ୍ୟ ବିଭାଗ ଓ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ପ୍ରଶାସନକୁ ନିର୍ମଳ ଓ ସକ୍ରିୟ କରାଇବା ରାଜ୍ୟ ସରକାରଙ୍କର ପ୍ରଥମ ଓ ପ୍ରଧାନ କର୍ତବ୍ୟ ହେବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।


**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮**


# ଜନ୍ମଗତ ହୃଦରୋଗ



ଜନ୍ମଗତ ହୃଦରୋଗ କହିଲେ ବିଭିନ୍ନ ପ୍ରକାର ପିଲାଟିର ଜନ୍ମ ସମୟରୁ ଥାଏ । ଆମ ଜଣ ପିଲା ହୃଦଯନ୍ତ୍ରଜନିତ ତ୍ରୁଟି ନେଇ ଏହି ରୋଗଗୁଡ଼ିକୁ ହାର୍ଟର 'ହୋଲ' ବା କରାଯାଇଥାଏ । ଏହି ରୋଗ ଏସ୍ୟାନୋଟିକ୍ ଏବଂ ସ୍ୟାନୋଟିକ୍ । ପିଲାଙ୍କ ପାଖରେ ପ୍ରକଟ ହୋଇଥାଏ । ବାଲ୍ୟକାଳରେ ଲୁକ୍କାୟିତ ରହି କିଶୋର ବା ହୋଇପାରେ ।

ଗଠନଗତ ତ୍ରୁଟିକୁ ବୁଝାଏ, ଯାହା ଦେଶର ପ୍ରତି ହଜାରରେ ୭-୮ ଜନ୍ମିଥାନ୍ତି । ସାଧାରଣ ଭାଷାରେ କଣା ଭାବରେ ବର୍ଣ୍ଣନା ସାଧାରଣତଃ ଦୁଇ ପ୍ରକାର - ଏପରି ରୋଗ କେତେକ ନବଜାତ ଏବଂ କେତେକ ରୋଗ ପୂର୍ଣ୍ଣ ବୟସରେ ମଧ ପ୍ରକଟ

ଗ୍ରହଣ ଖଣ୍ଡିଆ ବା କ୍ଲବ୍ ଫୁଟ୍ ରୋଗ ପରି ଜନ୍ମଗତ୍ ହାର୍ଟ ରୋଗ ବାହାରୁ ଜଣାପଡ଼େ ନାହିଁ । ଏଗୁଡ଼ିକ ରୋଗର ଲକ୍ଷଣରୁ ଠଉରାଇବାକୁ ପଡ଼େ । ଏ କ୍ଷେତ୍ରରେ ପିତାମାତା, ଅଙ୍ଗନୱାଡ଼ି କର୍ମୀମାନଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ।



ଅନେକାଂଶରେ ବାରମ୍ବାର ଥଣ୍ଡା, କାଶ ଜ୍ୱର ହେବା ସାମାନ୍ୟ ଥଣ୍ଡା କାଶରୁ ନିମୋନିଆ ହୋଇ ଆଣ୍ଟିବାୟୋଟିକ୍ସ ଦରକାର ପଡ଼ିବା, ପିଲା କ୍ଷୀର ପିଇବା ସମୟରେ ଶୀଘ୍ର ଧଇଁସଇଁ ହେବା ଏବଂ ପିଲାର କପାଳରେ ବୁନ୍ଦାବୁନ୍ଦା ଝାଳ ଆସିବା, ପିଲା ଆବଶ୍ୟକ ପରିମାଣର କ୍ଷୀର ପିଇ ନପାରିବାରୁ ବାରମ୍ବାର କାନ୍ଦିବା, ଓଜନ ନବଢ଼ିବା ବା ଶାରୀରିତକ ଏବଂ ମାନସିକ ଅଭିବୃଦ୍ଧିରେ ବିଳମ୍ବହେବା, ପିଲାର ଓଠ ଏବଂ ନଖ ନେଳି ପଡ଼ିବା ତଥା କାନ୍ଦିବା ସମୟରେ ନୀଳପଣ ଅଧିକ ବଢ଼ି, ପିଲା ହାତ ମୁଠା କରି ମୂର୍ଚ୍ଛା ଯିବା ଆଦି ଏହାର ଲକ୍ଷର । ଏପରି ଦେଖାଗଲେ ପିଲାମାନଙ୍କୁ ତୁରନ୍ତ ଶିଶୁ ଡାକ୍ତରଙ୍କୁ ଦେଖାଇ ପରାମର୍ଶ ନେବା ଏବଂ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଇନେବା ଆବଶ୍ୟକ ।

ପ୍ରାଥମିକ ନିର୍ଣ୍ଣୟ ପରେ ଇକୋକାର୍ଡିଓଗ୍ରାଫି ବା ହାର୍ଟ ଅଲଟ୍ରାସାଉଣ୍ଡ ଦ୍ୱାରା ନିଶ୍ଚିତ ଡାଏଗ୍ନୋସିସ୍ ଏବଂ ଚିକିତ୍ସା ପଦ୍ଧତି ନିରୂପଣ କରାଯାଇଥାଏ । ଗଠନଗତ ତ୍ରୁଟି ହୋଇଥିବାରୁ, ଏହି ରୋଗ କେବଳ ଶଲ୍ୟ ଚିକିତ୍ସା ଦ୍ୱାରା ଉପଶମ କରିହୁଏ । ଅଶୀ ପ୍ରତିଶତ ପିଲାଙ୍କ କ୍ଷେତ୍ରରେ ଏହାକୁ ଅପରେସନ ଦ୍ୱାରା ସମ୍ପୂର୍ଣ୍ଣ ଠିକ୍ କରିବା ସମ୍ଭବ । ସମୟକ୍ରମେ ଶଲ୍ୟ ଚିକିତ୍ସାର ପ୍ରଗତି ତଥା ଉନ୍ନତ ଆଇସିୟୁ କେୟାର ଯୋଗୁ ନବଜାତ ପିଲାଙ୍କର ସର୍ଜରୀ ମଧ ନିରାପଦରେ ସମ୍ଭବ । ଅନେକାଂଶରେ ଦେଖାଯାଏ, ଏହି ପିଲାମାନଙ୍କୁ ଶୀଘ୍ର ଚିକିତ୍ସା କଲେ ଅପରେସନ ରିସ୍କ କମିଥାଏ । ଆଜିକାଲି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯେପରିକି OSTF କିମ୍ବା RBSK ଅନ୍ତର୍ଗତ ଏହି ଅପରେସନ ବେସରକାରୀ ଏବଂ ସରକାରୀ ଡାକ୍ତରଖାନାରେ ସମ୍ପୂର୍ଣ୍ଣ ମାଗଣାରେ କରାଯାଇ ପାରୁଛି ।

# ଅଧିକ ଅଣ୍ଡା ଖାଇବା ହୋଇପାରେ ମୃତ୍ୟୁର କାରଣ



ଅଣ୍ଡାରୁ ଆବଶ୍ୟକ ଭିଟାମିନ ଓ ମିନେରାଲସ ମିଳେ । ସେଥିପାଇଁ ଅଣ୍ଡାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି କୁହାଯାଏ । ଅଣ୍ଡାରୁ ଶରୀରକୁ ସମସ୍ତ ପୋଷକ ତତ୍ତ୍ୱ ମିଳେ ଓ ଆପଣଙ୍କ ଶରୀରକୁ ସତେଜ ରଖିବାରେ ସାହାଯ୍ୟ କରେ । ସେଥିପାଇଁ ଲୋକମାନେ ପ୍ରତିଦିନ ଅଣ୍ଡାକୁ ଖାଇଥାନ୍ତି । କିନ୍ତୁ ଆପଣ ଜାଣିଛନ୍ତି କି ? ଅଣ୍ଡାକୁ ଅତ୍ୟଧିକ ଖାଇବା ଦ୍ୱାରା ଏହା କ୍ଷତି କରିଥାଏ । ଏହା ହୃଦରୋଗ ସହିତ ଅନ୍ୟ ବେମାରୀକୁ ମଧ ଆମନ୍ତ୍ରଣ କରିଥାଏ । ଅଣ୍ଡାର ଅଧିକ ସେବନ ଦ୍ୱାରା ପ୍ରୋଷ୍ଟେଟ୍ କ୍ୟାନସର ପରି ରୋଗର ମଧ ବିପଦରେ ପକାଇଥାଏ । ଦିନକୁ ୨ କିମ୍ବା ୩ଟିରୁ ଅଧିକ ଅଣ୍ଡା ଖାଇବା ଦ୍ୱାରା ଏହି ରୋଗ ହେବାର ସମ୍ଭାବନା ଥାଏ । ହାଇବ୍ଲଡ୍‌ପ୍ରେସର, ଡାଇବେଟିସ୍ କିମ୍ବା ହୃଦୟରୋଗୀମାନେ ଅଣ୍ଡାର ହଳଦିଆ ଅଂଶକୁ ଖାଇବା ଉଚିତ୍ ନୁହେଁ । ଏଥିରେ କୋଲେଷଷ୍ଟ୍ରାଲର ମାତ୍ରା ଅଧିକ ହେବା କାରଣରୁ ଆପଣଙ୍କ ପାଇଁ ହାନିକାରକ ମଧ ହୋଇପାରେ ।

# ଫାଷ୍ଟଫୁଡ ଆଲର୍ଜି

*ଆଜିକାଲି ପିଲାମାନେ ଫାଷ୍ଟ ଫୁଡ୍ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ହେଲେ ଜାଣନ୍ତି କି ଏଥିରେ ଥିବା ରାସାୟନିକ ଉପାଦାନଗୁଡ଼ିକ ନାନା ପ୍ରକାର ଆଲର୍ଜି ସୃଷ୍ଟି କରେ ?*

*ଏବେ ଜୀବନ ଶୈଳୀରେ ଦୃତ ପରିବର୍ତ୍ତନ ଘଟୁଛି । ବଡ଼ ବା ସାନ ସମସ୍ତେ ତାଳ ଦେଇ ବଦଳି ଚାଲିଛନ୍ତି । ବଦଳି ଚାଲିଛି ଆମ ଖାଦ୍ୟାଭ୍ୟାସ । ଶପିଂ ମଲ୍, ସିନେମା ହଲ୍, ବଜାର ଆଦିରେ ଭୋକ ଲାଗିଲେ କିମ୍ବା କିଛି ଖାଇବାକୁ ଇଚ୍ଛା ଖାଇବାକୁ ଇଚ୍ଛା ହେଲେ- ମିଳିଯାଏ ଫାଷ୍ଟ ଫୁଡ୍ । ପାଟିକୁ ସୁଆଦିଆ ଏଇ ଖାଦ୍ୟଗୁଡ଼ିକ ଶରୀର ପାଇଁ ଖୁବ୍ ଖରାପ । ତେବେ ପିଲାମାନେ ଫାଷ୍ଟଫୁଡ୍ ଖାଇବାକୁ ସଦାବେଳେ ଆଗଭର । ନାନା ରଙ୍ଗ, ଆକର୍ଷଣୀୟ ପ୍ୟାକେଟ୍, ମଜାଳିଆ ନାଁ ଓ ସ୍ୱାଦରେ ମିଳୁଥିବା ଏଇ ଖାଦ୍ୟର ମୋହ ଏଡ଼ାଇବା ଛୋଟ ପିଲାମାନଙ୍କ ପାଇଁ ଅସମ୍ଭବ । ଅଧିକାଂଶ ଅଭିଭାବକ ସମୟ ଅଭାବରୁ ପିଲାଙ୍କୁ ଫାଷ୍ଟ ଫୁଡ୍ ଖୁଆନ୍ତି । ହେଲେ ଏଭଳି ଖାଦ୍ୟକୁ ଅଧିକ ସମୟ ଭଲ ଓ ସୁଆଦିଆ ରଖିବାକୁ ମୋନୋସୋଡ଼ିଆମ୍ ଗ୍ଲୁଟାମେଟ୍ ଓ ପ୍ରେଜର୍ଭେଟିଭ୍ ବ୍ୟବହାର ହୋଇଥାଏ । ଯାହା ନାନା ଆଲର୍ଜି ସୃଷ୍ଟି କରିବା ସହିତ ସାସ୍ଥ୍ୟ ହାନି କରେ ।*





### ଆଲର୍ଜି କ'ଣ:

ଆଲର୍ଜି ହେଲା ସ୍ୱର୍ଶ କାତରତା ତଥା ବିପରୀତ ପ୍ରତିକ୍ରିୟା । ସମସ୍ତଙ୍କ ଶରୀରକୁ ସବୁକିଛି ସହିପାରେ ନାହିଁ । ଖାଦ୍ୟ, ନିଃଶ୍ୱାସ, ସ୍ୱର୍ଶ ବା ଇଞ୍ଜେକ୍‌ଶନ୍ ଦ୍ୱାରା ଶରୀରରେ ବିପରୀତ ପ୍ରତିକ୍ରିୟା ସୃଷ୍ଟି ହେଲେ, ଜାଣିବେ ସେଇ ବସ୍ତୁ ପ୍ରତି ବ୍ୟକ୍ତି ଜଣକର ଆଲର୍ଜି ଅଛି । ଏହାକୁ ଆଲାର୍ଜେନ ବା ଆଣ୍ଟିଜେନ କୁହାଯାଏ । ଏଗୁଡ଼ିକ ପ୍ରୋଟିନ ଜାତୀୟ ପଦାର୍ଥ । ଶରୀରରେ ପଶି ରକ୍ତର ଗାମା ଗ୍ଲୋବିଉଲିନରେ ଆଣ୍ଟିବଡି ତିଆରି କରେ । ଭବିଷ୍ୟତରେ କୌଣସି ଆଣ୍ଟିଜେନ ଶରୀରରେ ପ୍ରବେଶ କରି ଏଇ ଆଣ୍ଟିବଡି ଗୁଡ଼ିକ ସହିତ ପ୍ରତିକ୍ରିୟା ସୃଷ୍ଟି କରି କେତେକ ରାସାୟନିକ ପଦାର୍ଥ କ୍ଷରିତ କରାଏ । ସେଗୁଡ଼ିକ ମଧ୍ୟରୁ ପ୍ରଧାନ ହେଲା ହିଷ୍ଟାମିନ୍ । ଏହାଦ୍ୱାରା ଛିଙ୍କ, କାଶ, କୁଣ୍ଡାଇ ହେବା, ତ୍ୱଚାରେ ଲାଲ ବୃତ୍ତାକାର ଦାଗ, ଶ୍ୱାସକଷ୍ଟ ଭଳି ଲକ୍ଷଣ ଦେଖାଯାଏ ।



### ଫାଷ୍ଟ ଫୁଡଜନିତ ଆଲର୍ଜି:

ପିଲାଙ୍କର ପ୍ରିୟ ଫାଷ୍ଟ ଫୁଡ୍-ବର୍ଗର, ଚାଓମିନ, ରୋଲ୍ ଓ ବିରିୟାନି । ଚାଓମିନର ନୁଡଲ୍ସ ମଇଦାରେ ତିଆରି । ଅଟା ବା ମଇଦା ଜାତୀୟ ଖାଦ୍ୟରୁ ଆଲର୍ଜି ହେବାର କାରଣ ଗ୍ଲୁଟିନ ନାମକ ପ୍ରୋଟିନର ଉପସ୍ଥିତି । ନୁଡଲ୍ସ, ପାସ୍ତା, ରୋଲରୁ ଆଲର୍ଜି ହେବା ସ୍ୱାଭାବିକ । ଏହା ବ୍ୟତୀତ ରେସ୍ତୋରାଁ ଗୁଡ଼ିକରେ ଖାଦ୍ୟକୁ ରଙ୍ଗୀନ ଓ ସୁଆଦିଆ କରିବା ଲାଗି ନାନା ରାସାୟନିକ ପଦାର୍ଥ ମିଶାଯାଏ । ସବୁଠାରୁ ଅଧିକ ବ୍ୟବହୃତ ରାସାୟନିକର ନାଁ ଆଜିନାମୋତୋ । ଏହାର ରାସାୟନିକ ନାଁ ମନୋସୋଡିୟମ ଗ୍ଲୁଟାନେଟ୍ । ଏହା ନାନା ପ୍ରକାର ଆଲର୍ଜିକ ରିଆକଶନ୍ ସୃଷ୍ଟି କରେ, ଯେପରିକି ଆଖି, ମୁହଁ ଲାଲ ହୋଇଯିବ, ଦେହ ଗରମ ହେବା, ଛାତିରେ ଚାପ ସୃଷ୍ଟି ହେବା, ହାତଗୋଡ଼ ଅବସନ୍ନ ହେବା, ଓଠ ଓ ପାଟି କୁଣ୍ଡାଇ ହେବା । 'ଚାଇନିଜ୍ ରେସ୍ତୋରାଁ ସିଣ୍ଡ୍ରୋମ'ର ଉତ୍ସ ହେଲା ଖାଦ୍ୟରେ ବ୍ୟବହୃତ ରାସାୟନିକ ପଦାର୍ଥ । ସେହିପରି ସସକୁ ଦୀର୍ଘ ସମୟ ଭଲ ରଖିବା ପାଇଁ ନାଇଟ୍ରେଟ୍, ନାଇଟ୍ରାଇଟ୍ ଓ ନାଇଟ୍ରୋମାଇଆମିନ ଭଳି ଉପାଦାନ ମିଶାଯାଏ, ସେଗୁଡ଼ିକ ଆଲର୍ଜେନ ତଥା କାର୍ସିନୋଜେନ ଅର୍ଥାତ୍ କ୍ୟାନ୍ସର ସୃଷ୍ଟିକାରୀ ।



## ଏମିତି କରନ୍ତୁ......

## ଖାଦ୍ୟ ସଂରକ୍ଷିତ ରହିବ

ରୋଷେଇରେ ବେଳେ ବେଳେ ଶୀଘ୍ର କାମ ଶେଷ କରିବାକୁ ହୁଏ । ପୁଣି ଖାଦ୍ୟ ପଦାର୍ଥ ସଂରକ୍ଷିତ ରଖିବାକୁ ପଡ଼େ । ଏଥିପାଇଁ କେତେକ ସରଳସୂତ୍ର ଆପଣାଇପାରିବେ ।

★ବାଦାମରୁ ଶୀଘ୍ର ଚୋପା ଛଡ଼ାଇବା ଲାଗି ଚାହୁଁଥିଲେ ଏହାକୁ ୧ମିନିଟ ଯାଏ ଉଷୁମ ପାଣିରେ ଭିଜାଇ ଦିଅନ୍ତୁ ।

★ଖୋଲା କିମ୍ବା ଫାଟିଯାଇଥିବା ନଡ଼ିଆକୁ ସତେଜ ରଖିବା ଲାଗି ତା ଭିତରେ କିଛି ଲୁଣ ଘଷିଦିଅନ୍ତୁ । ଏହା ଶୁଖିବ ନାହିଁ ।

★ପକୁଡ଼ି ଛାଣିସାରିବା ପରେ ପରଷିବା ପୂର୍ବରୁ ତା ଉପରେ କଳାଲୁଣ ଛିଞ୍ଚି ଦିଅନ୍ତୁ । ଏହାର ସ୍ୱାଦ ବଢ଼ିଯିବ ।

★ତେନ୍ତୁଳିରେ ପୋକ ନଲାଗିବା ପାଇଁ ସେଥିରେ ଲୁଣ ଗୋଳାଇ ବନ୍ଦ ଡବାରେ ରଖନ୍ତୁ ।

★ଲଙ୍କାଗୁଣ୍ଡରେ ଫଙ୍ଗସ୍ ଏବଂ ଜାଲ ନହେବା ପାଇଁ ସେଥିରେ ଗୋଟା ଲୁଣ ରଖିଦିଅନ୍ତୁ ।

★ଜାମ ଜେଲି ଆଦିକୁ ପିମ୍ପୁଡ଼ି ନଲାଗିବା ପାଇଁ କପଡ଼ାରେ ସୋରିଷ ତେଲ ଲଗାଇ ଏହାର ଖୋଳରେ ଗୁଡ଼ାଇଦେବେ ।

★ପଲଉ ପ୍ରସ୍ତୁତ କରିବା ସମୟରେ ଫୁଟନ୍ତା ପାଣିରେ ଚାଉଳ ପକାନ୍ତୁ । ଦୁଇଟିଯାକ ସମାନ ତାପମାତ୍ରାରେ ରହିଲେ ଭାତ ସୁନ୍ଦର ଦେଖାଯାଏ ।









# ବାରିପଦା ପୌରପରିଷଦରେ ଠିକାଦାର ଓ ପୌର କର୍ମଚାରୀଙ୍କ ମଧ୍ୟରେ ଅସାଧୁ ମେଂଟ

## ବିନା ଟେଣ୍ଡରରେ ଆଦାୟ ହେଉଛି ମାସୁଲ(ଦାଣ୍ଡିଆ), ଲକ୍ଷାଧିକ ଟଙ୍କାର ରାଜସ୍ୱ ଲୁଟ

ବାରିପଦା,୪।୧୨ (ନି.ପ୍ର): ବାରିପଦା ପୌରପରିଷଦର ରାସ୍ତା ପାର୍ଶ୍ୱ ଓ ବଜାରରେ ବ୍ୟବସାୟ ଚଳାଇଥିବା ପ୍ରାୟ ୩ ହଜାରରୁ ଅଧିକ ଅଣଲାଇସେନ୍ସ ପ୍ରାପ୍ତ କ୍ଷୁଦ୍ର ଓ ଉଠା ବେପାରୀମାନଙ୍କ ନିକଟରୁ ମାସୁଲ ବା ଦାଣ୍ଡିଆ ଆଦାୟ ନିମନ୍ତେ ହୋଇଥିବା ଟେଣ୍ଡରର ଅବଧି ପରିସମାପ୍ତି ହୋଇ ସାରିଥିଲେ ମଧ୍ୟ ନୂତନ ଟେଣ୍ଡର ହୋଇ ପାରି ନାହିଁ । ମାତ୍ର ପୂର୍ବରୁ ଟେଣ୍ଡର ନେଇଥିବା ଠିକାଦାର ବଜାରରୁ ଅଣଲାଇସେନ୍ସ ପ୍ରାପ୍ତ କ୍ଷୁଦ୍ର ଓ ଉଠା ବେପାରୀମାନଙ୍କ ନିକଟରୁ ମାସୁଲ ବା ଦାଣ୍ଡିଆ ଆଦାୟ ଜାରି ରଖିଛି । ଫଳରେ ପୌରପରିଷଦ ରାଜସ୍ୱ ହରାଉଥିବା ବେଳେ ପୂର୍ବତନ ଠିକାଦାର ପକେଟ ଭର୍ତ୍ତି କରି ଚାଲିଛି । ତେବେ ପୌରପରିଷଦର କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଂଟ ଫଳରେ ଏହା ସମ୍ଭବ ହୋଇଛି ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି , ବାରିପଦା ପୌରପରିଷଦରେ ରାସ୍ତା ପାର୍ଶ୍ୱ ଓ ବଜାରରେ ବ୍ୟବସାୟ ଚଳାଇଥିବା ଅଣଲାଇସେନ୍ସ ପ୍ରାପ୍ତ କ୍ଷୁଦ୍ର ଓ ଉଠା ବେପାରୀମାନଙ୍କ ନିକଟରୁ ମାସୁଲ ବା ଦାଣ୍ଡିଆ ଆଦାୟ ନିମନ୍ତେ ପ୍ରତ୍ୟେକ ବର୍ଷ ପୌରପରିଷଦ ପକ୍ଷରୁ ଟେଣ୍ଡର ହୋଇଥାଏ । ଗତ ୨୦୧୮ରେ ୧୫ ଲକ୍ଷ, ୨୦୧୯ରେ ୨୫ ଲକ୍ଷ ଟଙ୍କାରେ ଟେଣ୍ଡର ଦିଆଯାଇଥିବା ସମୟରେ ୨୦୨୦-୨୧ରେ ବାରିପଦା ପୌରପରିଷଦର କମଲ ତୋଷନିୱାଲ ୨୬ ଲକ୍ଷ ଟଙ୍କାରେ ଟେଣ୍ଡର ନେଇ ବ୍ୟବସାୟୀମାନଙ୍କ ନିକଟରୁ ଦୈନିକ ୧୦ ଟଙ୍କା ଦାଣ୍ଡିଆ(ମାସୁଲ) ଆଦାୟ କରାଯାଉଥିଲା । ଉକ୍ତ ଟେଣ୍ଡରର ଅବଧି ଗତ ଜୁନ ମାସରେ ଶେଷ ହେଉଥିବା ବେଳେ ମହାମାରୀ କରୋନାକୁ ନେଇ ଲକ-ଡ଼ାଉନ ଓ ସଟ୍-ଡାଉନ ଫଳରେ କ୍ଷତି ସହିଥିବାର ଦର୍ଶାଇ ଠିକାଦାର କମଲ ଅବଧିକୁ ବୃଦ୍ଧି କରାଇବା ନିମନ୍ତେ ପୌରପ୍ରଶାସନ ନିକଟରେ ଆବେଦନ କରିଥିଲେ । ଫଳରେ ଟେଣ୍ଡର ପରିସମାପ୍ତିର ଅବଧିକୁ ପ୍ରଥମେ ୩ ମାସ ଓ ଦ୍ୱିତୀୟ ଥର ଏକ ମାସ ଅର୍ଥାତ୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଅଧିକ ୪ ମାସ ବୃଦ୍ଧି କରାଯାଇଥିଲା । ନିୟମ ଅନୁସାରେ ଗତ ନଭେମ୍ବର ୧ ଠାରୁ ଟେଣ୍ଡର ନେଇଥିବା କମଲ ବ୍ୟବସାୟୀମାନଙ୍କ ନିକଟରୁ ଦାଣ୍ଡିଆ(ମାସୁଲ) ଆଦାୟକୁ ବନ୍ଦ କରିବା ବଦଳରେ ପୌରପରିଷଦର ରାସ୍ତା ପାର୍ଶ୍ୱ ଓ ବଜାରରେ ବ୍ୟବସାୟ ଚଳାଇଥିବା ଅଣଲାଇସେନ୍ସ ପ୍ରାପ୍ତ କ୍ଷୁଦ୍ର ଓ ଉଠା ବେପାରୀମାନଙ୍କ ନିକଟରୁ ମାସୁଲ ବା ଦାଣ୍ଡିଆ ଆଦାୟ କାର୍ଯ୍ୟ ପୂର୍ବ ପରି ଜାରି ରଖିଛନ୍ତି । ଯାହା ଆଇନ ବା ନିୟମ ଅନୁସାରେ ଏକ ଅପରାଧ ହୋଇଥିବା ବେଳେ ପୌରପ୍ରଶାସନ କୌଣସି କାରଣରୁ ଏ ଦିଗରେ ଆଖି ବନ୍ଦ କରିଦେଇଛି । ଫଳରେ ଠିକାଦାର ପ୍ରାୟ ଦୈନିକ ୩୦୦୦ ଘ ୧୦ଟ. ଘ ୩୨ଦିନ= ୯,୬୦,୦୦୦ ଟଙ୍କା ମୁନାଫା କମାଇଥିବା ବେଳେ ପୌରପରିଷଦ ରାଜସ୍ୱ ବାବଦକୁ ଏଥିରୁ କାଣି କଉଡ଼ିଟିଏ ପାଇ ପାରିଲା ନାହିଁ । ବାରିପଦା କଚେରୀ ବଜାର ଦୈନିକ ମାର୍କେଟରେ କୁଳିଅଣା ବ୍ଲକ ଅଞ୍ଚଳର ପରିବା ବ୍ୟବସାୟୀ ହିମାଂଶୁ କର ଓ ବାରିପଦା ତଖତପୁର ଅଞ୍ଚଳର ମୁନା କର ପ୍ରତ୍ୟେକ ଦିନ ମାସୁଲ ବାବଦରେ ୧୦ ଟଙ୍କା ଲେଖାଁ ଠିକାଦାରଙ୍କ ଦାଣ୍ଡିଆ ଆଦାୟ କରୁଥିବା ଛାଟିଆକୁ ଦେଇ ଆସୁଥିବାର ପ୍ରକାଶ କରିଛନ୍ତି । ସେହିପରି ସୁକୁମାର ପ୍ରଧାନଙ୍କ କହିବା ଅନୁସାରେ ପୌରପରିଷଦ ପକ୍ଷରୁ ଠିକାଦାର କେଉଁ ପ୍ରକାରର ବ୍ୟବସାୟୀମାନଙ୍କ ନିକଟରୁ କେତେ ପରିମାଣରେ ଦାଣ୍ଡିଆ(ମାସୁଲ) ଆଦାୟ କରି ପାରିବେ ସେଥି ନିମନ୍ତେ ଏକ ତାଲିକା ଜାରି କରାଯାଇଥିଲା ଏବଂ ଏହା ସର୍ବସାଧାରଣ ସ୍ଥାନମାନଙ୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଡ଼ିସପ୍ଲେ କରାଯିବାର ନିୟମ ରହିଥିଲେ ମଧ୍ୟ ଏହାକୁ ଉଭୟ ପୌରପ୍ରଶାସନ ଓ ଠିକାଦାର ଅଣଦେଖା କରିଆସୁଛନ୍ତି । ଫଳରେ ବ୍ୟବାସାୟୀମାନେ ଶୋଷଣର ଶିକାର ପାଲଟିଛନ୍ତି । ସେହିପରି ଟେଣ୍ଡରର ଅବଧି ଶେଷ ହୋଇ ସାରିଥିବା ବେଳେ ଠିକାଦାର ବ୍ୟବସାୟୀମାନଙ୍କ ନିକଟରୁ ଜବରଦସ୍ତ ଦାଣ୍ଡିଆ ଆଦାୟ କରିବା ଆଇନରେ ଅପରାଧ ହୋଇଥିବାରୁ ତାଙ୍କ ବିରୋଧରେ ପୌରପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାଙ୍ଗକୁ ଆଦାୟ କରିଥିବା ସମସ୍ତ ଅର୍ଥ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉ ବୋଲି ଶ୍ରୀପ୍ରଧାନ ପ୍ରକାଶ କରିଛନ୍ତି । ତେବେ ପୌରପରିଷଦର କେତେକ କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଫଳରେ ଏହା ସମ୍ଭବ ହୋଇଛି ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଘଟଣା ନଜରକୁ ଆସିଛି, ଏହା ଉପରେ ବିଧିବଦ୍ଧ ଭାବେ ତଦନ୍ତ କରିବେ ବୋଲି ପୌରନିର୍ବାହୀ ଅଧିକାରୀ ପି ଅନ୍ୱେଷା ରେଡ୍ଡୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିବାର ଜଣାପଡ଼ିଛି । ପ୍ରକାଶ ଥାଉକି, ଦାଣ୍ଡିଆ ଆଦାୟ ନିମନ୍ତେ ପୌରପରିଷଦ ପକ୍ଷରୁ ୩ ଥର ଟେଣ୍ଡର ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କୌଣସି ବ୍ୟକ୍ତି ଟେଣ୍ଡର ପ୍ରତି ଆଗ୍ରହ ପ୍ରକାଶ ନ କରିବା ପଛରେ ଏକ ର୍ୟାକେଟ କାର୍ଯ୍ୟ କରୁଛି ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି ।

# ବାଲେଶ୍ୱର ମଲ୍ଲିକ ରାସ୍ତା ପାଇଁ ଜମି ଦାନ କଲେ:ବ୍ଲକ ପ୍ରଶାସନ ସମ୍ବର୍ଦ୍ଧନା କଲା

କନ୍ଧମାଳ,୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପିରିକୁଡି ଗ୍ରାମପଂଚାୟତର ଅଧିନରେ ଥିବା ଗୁମୀ ଗ୍ରାମରେ ଦୀର୍ଘ ୫୦ବର୍ଷ ହେବ ଜମି ସମସ୍ୟା ଯୋଗୁଁ ଗୁମି ଗାଁକୁ ରାସ୍ତା ନିର୍ମାଣ ହୋଇପାରୁନଥିଲା । କିଛିଦିନ ତଳେ ନିକଟରେ ଗ୍ରାମରେ ବ୍ଲକ ବିଡିଓ ରବିନ୍ଦ୍ରନାଥ କହଁର,ଖଜୁରିପଡା ଜିଲ୍ଲା ପରିଷଦ ସଦସ୍ୟା ,ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,,ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର ଯାଇ ଗ୍ରାମବାସୀଙ୍କ ସହ ଏକ ବୈଠକରେ ରାସ୍ତା ସମସ୍ୟା ଉପରେ ଆଲୋଚନା କରିଥିଲେ । କାରଣ ଉକ୍ତ ରାସ୍ତା ଯାଉଥିବା ଜାଗାରେ ଜଣେ ବ୍ୟାକ୍ତିଙ୍କ ପଟ୍ଟା ଜାଗା ରହିଥିବାରୁ ରାସ୍ତା ନିର୍ମାଣରେ ସମସ୍ୟା ଉପୁଜିଥିଲା । ବୈଠକରେ ଆଲୋଚନା ପରେ ଉକ୍ତ ବ୍ୟାକ୍ତିଙ୍କୁ ବୁଝାସୁଝା କରିବାରେ ଶେଷରେ ବ୍ୟକ୍ତି ଜଣକ ତାଙ୍କ ଯାଗାରୁ କିଛି ରାସ୍ତା ତିଆରି ପାଇଁ ପ୍ରଦାନ କରିବାକୁ ରାଜି ହୋଇ ରାସ୍ତା ତିଆରି ପାଇଁ ନିଜ ଜମି ଦାନ କରିଥିଲେ । ଦାତପାଙ୍କୁ ଠାରୁ ଗୁମି ଗ୍ରାମକୁ ପ୍ରାୟ ୩ କିମି ହେବ ଏହି ଗ୍ରାମକୁ ରାସ୍ତା ନିର୍ମାଣ କରିବାପାଇଁ ଅନେକ ଥର ଚେଷ୍ଟା କରିଥିଲେ ମଧ୍ୟ ଜମି ସମସ୍ୟା ଯୋଗୁଁ ରାସ୍ତା ନିର୍ମାଣ ହୋଇପାରୁନଥିଲା । କିଛି ଦିନ ତଳେ ବିଧାୟକ ଅଙ୍ଗଦ କହଁର,ବିଡିଓ ରବିନ୍ଦ୍ର ନାଥ କହଁର,ପ୍ରମୁଖ ଗୁମି ଗ୍ରାମ ଯାଇ ଗ୍ରାମବାସୀ ସହିତ ଏକ ବୈଠକ ଆୟୋଜନ କରି ରାସ୍ତା ସମସ୍ୟା ଉପରେ ଆଲୋଚନା କରିଥିଲେ । ଜାଣିବାକୁ ପାଇଲେ ଯେ ରାସ୍ତା ଯାଉଥିବା ଜମି ବାଲେଶ୍ୱର ମଲ୍ଲିକଙ୍କ ନାମରେ ପଟ୍ଟା ଥିବାରୁ ଉକ୍ତ ବ୍ୟାକ୍ତି ବୁଝୁ ବୁଝାସୁଝା କରିଥିଲେ । ଶେଷରେ ବାଲେଶ୍ୱର ନିଜ ପଟ୍ଟାଜମି ସରକାରଙ୍କୁ ଦାନ କରିଥିଲେ । ବାଲେଶ୍ୱରଙ୍କ ଏହି ମହାନ କାର୍ଯ୍ୟକୁ ବ୍ଲକ ପ୍ରଶାସନ ଖୁସିହୋଇ ତାଙ୍କୁ ତାଙ୍କର ଏହି ମହତ କାମପାଇଁ ସମ୍ମାନ ଓ ସମ୍ବର୍ଦ୍ଧନା କରିଥିଲେ । ଉଭୟଙ୍କ ପ୍ରଚେଷ୍ଟାରେ ଦୀର୍ଘ ୭୩ ବର୍ଷ ପରେ ଗୁମି ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିବ । ସମସ୍ତେ ବାଲେଶ୍ୱର ମଲ୍ଲିକ ଓ ପ୍ରଶାସନଙ୍କୁ ଅଂଚଳବାସୀ ଧନ୍ୟବାଦ ଜଣାଇଛନ୍ତି ।

# ବିଶ୍ୱ ଏକତା ସହଭାଗୀ ଦାୟିତ୍ୱକୁ ନେଇ ପ୍ରତିଯୋଗିତା

କନ୍ଧମାଳ,୪।୧୨ (ନି.ପ୍ର): କନ୍ଧମାଳ ଜିଲା ଟିକାବାଲି ଏ.ଏମ୍.ସି.ଏସ୍ ମହାବିଦ୍ୟାଳୟରେ ବିଶ୍ୱ ଏକତା ଓ ସହଭାଗୀ ଦାୟିତ୍ୱକୁ ନେଇ ଏକ ତର୍କ ଓ ଶ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଶ୍ରୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଜାତୀୟ ସେବା ଯେଜାନା ଅଧିକାରୀ ଅଧ୍ୟାପକ ଦିନବନ୍ଧୁ ମହାନ୍ତି , କାର୍ଯ୍ୟକ୍ରମ ଅଧିକାରୀ ବନମାଳି ବେହେରା ,ନରେନ୍ଦ୍ର ଦିଗାଲ ,ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ବିରୁପାକ୍ଷ ତ୍ରିପାଠୀ ,ରବି ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ରେଡ୍ ରିବନ୍ କ୍ଲବ ଓ ରେଡ଼କ୍ରସର ସହଯୋଗ ଓ ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ସହାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ରେଡ଼କ୍ରସ୍ ଦାୟିତ୍ୱରେ ଥିବା ଅଧ୍ୟାପକ ଶଙ୍କର ପାଢୀ ଏହାକୁ ପରିଚାଳନା କରିଥିଲେ । ଅଧ୍ୟାପକ ଡ଼.ବସନ୍ତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠିତ ତର୍କ ପ୍ରତିଯୋଗିତରେ ଚିନ୍ମୟୀ କହଁର , ଦିପାଞ୍ଜଳୀ କହଁର ଓ ଲିପସ୍ା ବେହେରା ପ୍ରଥମ , ଦ୍ୱିତୀୟ ଓ ତୃତୀୟ ହୋଇତିବା ବେଳେ ଶ୍ଲୋଗାନ ପ୍ରତିଯୋଗିତାରେ କୁନିଆ ପ୍ରଧାନ , ମନଥ ମଲିକ , ଦିଲିପ ପ୍ରଧାନ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରଷ୍କୃତ ହୋଇଥିଲେ ।

# ମୟୂରଭଞ୍ଜ-୧ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି ଶିକ୍ଷା ଦିବସ ପାଳିତ

ବାରିପଦା,୪।୧୨ (ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଶାମାଖୁଂଟା ବ୍ଲକସ୍ଥିତ ମୟୂରଭଞ୍ଜ -୧ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶାମାଖୁଂଟା ବ୍ଲକର ଗୁଣ୍ଡିହୁଡ଼ି ଗ୍ରାମରେ କୃଷି ଶିକ୍ଷା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସଂଘମିତ୍ରା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷି ଶିକ୍ଷା ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ ଉପରେ ଆଲୋକପାତ କରାଇବା ସଂଗେସଂଗେ କୃଷି ଶିକ୍ଷା କୃଷକମାନଙ୍କ ନିମନ୍ତେ କିପରି ଜରୁରୀ ଏବଂ କୃଷି ଶିକ୍ଷା ଗ୍ରହଣ କରି ଏହାକୁ ଚାଷ କାର୍ଯ୍ୟରେ କିପରି ଭାବେ ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ସେହିପରି କେନ୍ଦ୍ରର ଗୃହ ବିଜ୍ଞାନୀ ଝୁନିଲତା ଭୂୟାଁ କୃଷି ଶିକ୍ଷାର ପ୍ରକାର ଏବଂ କେଉଁ ଶିକ୍ଷା ମଣିଷର ବ୍ୟବହାର, ଆଚରଣ, ଉଚ୍ଚାରଣକୁ ଉତମ ଦିଗରେ ନେଇ ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଆଜିର ଯୁଗରେ ସମସ୍ୟାକୁ ଦେଖି କୃଷି ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ଅବଗତ କରାଇଥିଲେ । ଶାମାଖୁଂଟା ବ୍ଲକର ସମନ୍ୱିତ ଶିଶୁ ବିକାଶ ଯୋଜନାର ମହିଳା ପରିଦର୍ଶୀକା ବିଚୁ ଟୁଡୁ କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧରେ ଆଲୋଚନା କରିଥିଲେ । ସର୍ବଶେଷରେ ସମନ୍ୱିତ ମହିଳା ଶିଶୁ ବିକାଶ ଯୋଜନା ଅଧିକାରୀ ଉର୍ମିଳା ବେହେରା ଶିକ୍ଷା ଆମ ସମାଜରେ କିପରି ଭାବେ ଶିଷ୍ଟାଚାର ଆଣିପାରିବ ସେ ସମ୍ପର୍କରେ ମତପୋଷଣ କରିବା ସହ ବାଲ୍ୟ ବିବାହକୁ ଦୃଢ଼ ଭାବେ ନିନ୍ଦା କରି କିଶୋରୀମାନେ ବାଲ୍ୟ ବିବାହକୁ ବିରୋଧ କରିବା ନିମନ୍ତେ ଆଗେଇ ଆସିବାକୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ୫୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ିକର୍ମୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ କୃଷି ପାଣିପାଗ ବିଜ୍ଞାନୀ ଜ୍ୟୋତି ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମା’ ସ୍ୱପ୍ନେଶରୀ ସନ୍ତୋଷୀ ମାତାଙ୍କ ମନ୍ଦିର ପ୍ରତିଷ୍ଠା ଆସନ୍ତା ୯ ରେ: କରୋନା କଟକଣା ମଧ୍ୟରେ ପାଳିତ ହେବ ୪ ଦିନ ବ୍ୟାପୀ ଉତ୍ସବ

ଭଦ୍ରକ,୪।୧୨ (ନି.ପ୍ର): କଥାରେ ଅଛି, ଭକ୍ତି ଥିଲେ ଭଗବାନ ଦେଖା ଦିଅନ୍ତି । ଏହିଭଳି ଏକ ଭକ୍ତିମୟ ପ୍ରସଙ୍ଗରୁ ସ୍ୱପ୍ନରେ ମା’ ସନ୍ତୋଷୀଙ୍କ ଆଗମନ ଓ ପୂଜା ପାଇବାର ପୀଠସ୍ଥଳିକୁ ମା’ ନିଜେ ଚିହ୍ନାଇଦେବା ଭଳି ଘଟଣାରୁ କିଭଳି ଯେ ଏକ କାରୁକାର୍ଯ୍ୟମୟ ସୁଦୃଶ୍ୟ ଦେବୀ ମନ୍ଦିର ପ୍ରତିଷ୍ଠା ହୋଇପାରେ, ତାହାର ନିଚ୍ଛକ ପ୍ରତିଛବି ଦେଖିବାକୁ ମିଳିଛି ଏହି ଜିଲାର କଲେଇ ପଂଚାୟତ ଚୁନିଦା ସ୍ଥିତ ମା’ କ୍ଷେତ୍ରବାସିନୀଙ୍କ ପୀଠରେ । ଘଟଣାର ପ୍ରାସଙ୍ଗିକତାକୁ ବୁଝିବାକୁ ହେଲେ ଆମକୁ ଯିବାକୁ ପଡିବ ଏହି ଅଂଚଳକୁ । ଏବଂ ୨୦୧୫ ମସିହା ଅକ୍ଷିତୃତୀୟା ଠାରୁ ଏଯାବତ୍ ନିର୍ମାଣ ହୋଇ ଶେଷ ପର୍ଯ୍ୟାୟରେ ପହଂଚିଥିବା ମା’ ସ୍ୱପ୍ନେଶରୀଙ୍କ ମନ୍ଦିର ପ୍ରତିଷ୍ଠାର ଇତିବୃତ୍ତ ଜାଣିବାକୁ ହେବ । ହିନ୍ଦୁ ଧର୍ମର ଦେବୀ ମହାତ୍ମ୍ୟ କହେ ସନ୍ତୋଷୀ ମା’ ପ୍ରକୃତରେ ବନଦୁର୍ଗାଙ୍କ ଏକ ଅବତାର । ଦିନ ଥିଲା ମା’ଙ୍କ ଅଲୌକିକ ଘଟଣାବଳୀ ଏଭଳି ଚରମ ସୀମାରେ ପହଂଚିଥିଲା ଯେ ଦେବୀଙ୍କୁ ନେଇ ବହୁ ଯାତ୍ରା, ସିନେମା ତାଙ୍କର ଜୟଗାନ କରିଥିଲା । ଏବେବି ଆମ ଭାରତ ବର୍ଷର ମା’ ଙ୍କର ବହୁ ମନ୍ଦିରର ପ୍ରତିଷ୍ଠା ହୋଇଥିଲେ ବି ଚୁନିଦା ସ୍ଥିତ କ୍ଷେତ୍ରବାସିନୀ ପୀଠରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ମନ୍ଦିରର କାରୁ କାର୍ଯ୍ୟ ବେଶ୍ ଉଚ୍ଚରେ । ଶତାଧିକ ଶିଳ୍ପୀଙ୍କ ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ମନ୍ଦିରର ଉଚ୍ଚତା ୧୧ ଫୁଟ୍ ଓ ପରିସୀମା ୬୦ ଫୁଟ୍ର ୪୦ ଫୁଟ୍ ରହିଥିବାବେଳେ ଏହାର ଖୋଦେଇ କାରୁକାର୍ଯ୍ୟ ଲୋକଙ୍କ ମନରେ ବେଶ୍ ଭକ୍ତିଭାବନା ଆଣିବ । ଏହି ମନ୍ଦିର ପ୍ରତିଷ୍ଠାକୁ ନେଇ ଯେଉଁ ରୋଚକ ସତକଥା ରହିଛି, ତାହା ଏହିଭଳି । ଚୁନିଦା ଗ୍ରାମର ବିଶିଷ୍ଟ ସମାଜସେବୀ ୰ ଦୁର୍ଯ୍ୟୋଧନ ବେହେରାଙ୍କର କନ୍ୟା ବାସନ୍ତୀଲତା ସ୍ଥାନୀୟ ଲାଙ୍ଗୁଡି ନିବାସୀ ପିତାମ୍ବର ପରିଡାଙ୍କୁ ବିବାହ କରି କଟକରେ ରୁହନ୍ତି । ପିଲାଦିନରୁ ବାସନ୍ତୀ ମା’ ସନ୍ତୋଷୀ ମାତାଙ୍କୁ ଭକ୍ତିଭାବନାର ସହ ପୂଜା କରିଆସୁଥିବାବେଳେ ବିବାହ ପରେ ହଠାତ୍ ସ୍ୱପ୍ନ ଦେଖିଲେ ଯେ ମା’ ତାଙ୍କର ଏକ ମନ୍ଦିର ପ୍ରତିଷ୍ଠା ପାଇଁ ଆଦେଶ ଦେଉଛନ୍ତି । ଏହାପରେ ସେ ମନ୍ଦିର ପ୍ରତିଷ୍ଠାର ସ୍ଥାନ ନିରୂପଣ ପାଇଁ ବହୁ ସ୍ଥାନ ଭ୍ରମଣ କରିବା ସମୟରେ ପୁନର୍ବାର ମା’ ତାଙ୍କ ପୁତ୍ରଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ ଏକ ନଦୀପାର୍ଶ୍ୱ ଦେବୀପୀଠର ସୂଚନା ଦେଇଥିଲେ । ଯାହା ଚିହ୍ନଟ କରିବା ପାଇଁ ବାସନ୍ତୀ ବହୁ ସ୍ଥାନ ବୁଲିବା ମଧ୍ୟରେ ନିଜ ଗ୍ରାମକୁ ଆସି କପାଳୀ ନଦୀର ତଟରେ ପୂଜା ପାଉଥିବା ମା’ କ୍ଷେତ୍ରବାସିନୀଙ୍କ ପୀଠ ସ୍ୱପ୍ନାଦେଶର ସୁନିର୍ବାଚିତ ସ୍ଥାନ ବୋଲି ହୃଦୟଙ୍ଗମ କରିଥିଲେ । ଏହାପରେ ମନ୍ଦିର ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇ ଶେଷପର୍ଯ୍ୟାୟରେ ପହଂଚିଛି । ମା’ ସନ୍ତୋଷୀ ତାଙ୍କୁ ସ୍ୱପ୍ନାଦେଶ ଜରିଆରେ ପୂଜା ପାଇବାକୁ ଯାଉଥିବାରୁ ଏହି ଦେବୀ ମନ୍ଦିରର ନାମ ମା’ ସ୍ୱପ୍ନେଶରୀ ସନ୍ତୋଷୀ ରହିଛି । ଏହି ମନ୍ଦିରର ସମ୍ମୁଖ ଭାଗରେ ବିରାଟ ସିଂହ ନିର୍ମାଣ ହୋଇଥିବାବେଳେ ଚତୁଃପାର୍ଶ୍ୱରେ ବହୁ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାନ ପାଇଛି । ଏହାର ଗମ୍ବୁଜ, ଗର୍ଭଗୃହର ସୂକ୍ଷ୍ମ କାରୁକାର୍ଯ୍ୟ ବେଶ୍ ଚିତାକର୍ଷକ । ଏହି ପୀଠରେ ମା’ କ୍ଷେତ୍ରବାସିନୀଙ୍କ ବହୁ ପର୍ବ ପାଳିତ ହୋଇଆସୁଥିବାବେଳେ ମକର ପର୍ବର ସ୍ୱତନ୍ତ୍ରତା ରହିଛି । ଆସନ୍ତା ୮ ତାରିଖ ମଙ୍ଗଳବାର ଦିନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ୯ ତାରିଖ ଦିନ ସୂର୍ଯ୍ୟପୂଜା, କଳସ ଯାତ୍ରା, ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ୧୦ ତାରିଖ ଗୁରୁବାର ଦିନ ମଣ୍ଡଳ ପୂଜା, ଗୀତାଯଜ୍ଞ, ନାମଯଜ୍ଞ, ଆହୁତି ପ୍ରଦାନ ଏବଂ ଶେଷ ଦିବସ ୧୧ ତାରିଖ ଶୁକ୍ରବାର ଦିନ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଜ୍ଞ ପଣ୍ଡିତ, ବ୍ରାହ୍ମଣ ଓ ବେଦ ବିଜ୍ଞାନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ମନ୍ଦିର ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଅଂଚଳବାସୀ ବେଶ୍ ଉତ୍ସାହିତ ହୋଇପଡିଥିବାବେଳେ ଏହା କେବଳ ଏହି ଜିଲା ନୁହେଁ ସମଗ୍ର ଓଡ଼ିଶାରେ ଏକ ଶ୍ରେଷ୍ଠ ଦେବୀପୀଠର ମାନ୍ୟତା ପାଇବାକୁ ଯାଉଥିବାରୁ କୋଭିଡ୍ କଟକଣା ମଧ୍ୟରେ ସମସ୍ତେ ଅଂଶଗ୍ରହଣ କରି ଦେବୀକୃପା ଲାଭ କରିବାକୁ ବାସନ୍ତୀଲତାଙ୍କ ଭାଇ ତଥା ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା ଓ ପୁତ୍ର ଶୁଭଜିତ୍ ପରିଡା ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ।

# ବେଆଇନ ପଥର କୁଆରୀ ଓ କ୍ରସର ବନ୍ଦ ଦାବି

ନୂଆପଡା,୪।୧୨ (ନି.ପ୍ର): ନୂଆପଡା ଜିଲ୍ଲାରେ ଥିବା ବେଆଇନ ପଥର କୁଆରୀ ଓ କ୍ରସରକୁ ବନ୍ଦ କରିବାକୁ ଦାବୀ ହେଉଛି । ପଥର କୁଆରୀ ଓ କ୍ରସର ସକାଶେ ସରକାରଙ୍କ ଖଣିଜ ବିଭାଗ ସହ ତହସିଲ କାର୍ଯ୍ୟାଳୟରେ ବିଧିବଦ୍ଧ କାଗଜାତ କରି ପଥର ଖନନ କରିବାର ଆଦେଶ ଏବଂ କ୍ରସର ସ୍ଥାପନ କରିବାର ଆଦେଶ ନିତାନ୍ତ ଜରୁରୀ ଅଟେ । ଜିଲ୍ଲାର ବୋଡେନ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅନେକ ବେଆଇନ ପଥର ଖନନ କୁଆରୀ ଓ କ୍ରସରକୁ ବନ୍ଦ କରାଯାଇଛି । ଏହି ପଦକ୍ଷେପ ଏକ ସ୍ୱାଗତ ପଦକ୍ଷେପ ହୋଇଥିବା ବେଳେ ଜିଲାର ଅନ୍ୟ ବ୍ଲକ ଖଡିଆଳ, ସିନାପାଲି, କୋମନା, ନୂଆପଡାରେ ମଧ୍ୟ ବେଆଇନ ଭାବରେ ଥିବା ପଥର କୁଆରୀ ଓ କ୍ରସରକୁ ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# କୁନିଝିଅର ଗାଲ କାଟିଲା ସାବତ ମାଆ: ଝିଅକୁ ଉଦ୍ଧାର କଲା ଚାଇଲ୍ଡଲାଇନ

କନ୍ଧମାଳ,୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲ ବାଲିଗୁଡା ଥାନା ଅଂଚଳରେ ଜଣେ କୁନୀ ଝିଅର ଗାଲକୁ ବ୍ଲେଡରେ କାଟି ଦେଇଛି ତାର ସାବତ ମାଆ ପରିବାରରେ କୁନିପିଲାଙ୍କ କଳିକୁ ନେଇ ଘଟିଛି ଏହିଭଳି ଘଟଣା । ସୂଚନା ପାଇ ଚାଇଲ୍ଡଲାଇନ୍ ଟିମ୍ ସେଠାରେ ପହଂଚି ଆହତ କୁନି ଝିଅକୁ ସେଠାରୁ ଉଦ୍ଧାର କରିବା ସହିତ ଥାନାରେ ଏତଲା ମଧ୍ୟ ଦେଇଛି ଚାଇଲ୍ଡ ଲାଇନ୍ । ସୂଚନା ଅନୁାସରେ ବାଲିଗୁଡା କାମପଡା ଗ୍ରାମର ଦିଲ୍ଲିପ ଦିଗାଲଙ୍କ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ଘଟିବାପରେ ସେ ଦ୍ୱିତୀୟ ବିବାହ କରିଥିଲେ । ହେଲେ ତାଙ୍କର ପ୍ରତମ ସ୍ତ୍ରୀଙ୍କର ଗୋଟିଏ ୯ବର୍ଷର ଝିଅ ଅଛି । ଆଜି ସେହି ଝିଅର ତାର ସାବତ ମାଆର ପୁଅ ସହିତ କୌଣସି କାରଣରୁ ଝଗଡା ହୋଇଥିଲା । ଏହି ପିଲା କଳିରେ ଉତକ୍ଷିପ୍ତ ହୋଇ ତାର ସାବତ ମାଆ ଗୋଟିଏ ଧାରୁଆ ବ୍ଲେଡରେ ସାବତ ଝିଅର ଗାଲକୁ କାଟିଦେଇଛି । ଖବର ପାଇଁ ଚାଇଲ୍ଡଲାଇନ୍ ଟିମ ସେଠାରେ ପହଂଚି ଝିଅକୁ ଉଦ୍ଧାର କରିବା ସହିତ ବାଲିଗୁଡା ଥାନାରେ ଏ ନେଇ ଏକ ଅଭିଯୋଗ କରିଥିବା ଜଣାପଡିଛି । କୁନି ଝିଅକୁ ବାଲିଗୁଡା ଥାନା ପୋଲିସ ସହାୟତାରେ ଉଦ୍ଧାର କରାଯାଇଛି ଏବଂ ତାକୁ ଶିଶୁ ସୁରକ୍ଷା କମିଶନଙ୍କ ପାଖରେ ପହଂଚାଇବାପରେ ତାଙ୍କ ନିଷ୍ପତି ଅନୂସାରେ ତାର ଥଇଥାନ କରାଯିବ ବୋଲି ଚାଇଲ୍ଡଲାଇନ ପକ୍ଷରୁ କୁହାଯାଇଛି ।

# ଚିଙ୍ଗୁଡି ଚାଷ ଯୋଗୁଁ ଉଜୁଡୁଛି ଧାନ ଫସଲ: ଚାଷୀଙ୍କ ଧାରଣା

ଭଦ୍ରକ,୪।୧୨ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ବ୍ଲକ୍ରେ ବେଆଇନ୍ ଚିଙ୍ଗୁଡି ଚାଷୀଙ୍କ ଉପଦ୍ରବ ଏବେ ଚରମ ସୀମାରେ ପହ୍ଞ୍ଛି । ଯେଉଁମାନଙ୍କ ଉତ୍ପୀଡନରେ ପ୍ରାୟ ୨୦ ଟି ପଂଚାୟତର ଧାନଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । ଯେଉଁଠି ପାରି ସେଇଠି ଏହି ବେଆଇନ୍ ଚିଙ୍ଗୁଡି ଚାଷ ହେବା ଫଳରେ ପାଖରେ ଥିବା ଧାନ ଚାଷ ଜମି ଲୁଣାପାଣି ମାଡି ଉଜୁଡି ଯାଉଛି ଫସଲ । ବର୍ଷ ବର୍ଷ ଧରି ଏହିଭଳି କ୍ଷତିଗ୍ରସ୍ତ ହେଉଥିବା ଶତାଧିକ ଚାଷୀ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏଣୁ ଏଭଳି ଘଟଣାର ପ୍ରତିବାଦରେ ଆଜି ଶହ ଶହ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଏକ ଶୋଭାଯାତ୍ରାରେ ଆସି ସ୍ଥାନୀୟ ତହସିଲ ସମ୍ମୁଖରେ ଗଣଧାରଣା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହି ଚାଷୀଙ୍କ ଅଭିଯୋଗରୁ ଯାହା ଜଣାଯାଏ ଆରଡି, ବାଲିଗାଁ, ତେନ୍ତୁଳିଡିହି, ଚରଡିଆ, ଧାମରା, ନୂଆଗାଁ, ବାଂଶଗଡା ଭଳି ପ୍ରାୟ ୨୦ ଟି ପଂଚାୟତର ବିଭିନ୍ନ ସ୍ଥାନରେ ହୁ ହୁ ହୋଇ ବଢିଚାଲିଛି ହଜାର ହଜାର ଚିଙ୍ଗୁଡି ଘେରି । ଚିଙ୍ଗୁଡି ଚାଷ କରୁଥିବା ଧନୀ ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବାବେଳେ ଧାନଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଥିବା କ୍ଷୁଦ୍ର ଚାଷୀ ଏବେ ନିଜ ବିଲକୁ ଦେଖି ଆଖିରୁ ଲୁହ ଗଡାଉଛି । କାହିଁକି ନା ଚିଙ୍ଗୁଡି ପୋଖରୀରୁ ବିଷାକ୍ତ ଲୁଣା ଓ ରାସାୟନିକ ପାଣି ଲିକ୍ ହୋଇ ଧାନବିଲକୁ ମାଡିଯାଉଛି । ଫଳରେ ବିଲରେ ଆଉ ଧାନଗଛ ଉଠୁନାହିଁ । ଅନେକ ଚାଷୀ ଏହି ମାଫିଆଙ୍କ ଉତ୍ପୀଡନରେ ଚାଷକାର୍ଯ୍ୟ ଛାଡିଦେଲେଣି । ଏହିଭଳି ଦୀର୍ଘ ପ୍ରାୟ ୧୦ ବର୍ଷ ହେବ ନାମକୁ ମାତ୍ର କ୍ଷୁଦ୍ର ଚାଷୀମାନେ କ୍ଷତି ସହିଚାଲିଛନ୍ତି । ଏଥିନେଇ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଆସୁଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ । ଏଣୁ ଉକ୍ତ ଘଟଣାର ପ୍ରତିବାଦ କରି ବିଭିନ୍ନ ପଂଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଆଜି ତହସିଲ ସମ୍ମୁଖରେ ଧାରଣା ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ଆଗାମୀ ଦିନରେ ସେମାନଙ୍କ ଦାବିର କୌଣସି ସମାଧାନ ସହ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ ଆନ୍ଦୋଳନ ତୀବ୍ରତର ହେବା ସହ ତହସିଲ ସମ୍ମୁଖରେ ସେମାନେ ଆତ୍ମାହୂତି ଦେବେବୋଲି ଚେତାବନୀ ଦେଇଛନ୍ତି । ଅବଶ୍ୟ ଅତିରିକ୍ତ ତହସିଲଦାର ଉକ୍ତ ଧାରଣା ସ୍ଥଳରେ ପହ ଼ ସେମାନଙ୍କ ଅଭିଯୋଗର ସମାଧାନ ଖୁବଶୀଘ୍ର କରାଯିବାର ପ୍ରତିଶ୍ରୁତିଦେବା ପରେ ଚାଷୀଙ୍କ ଆଜିର ଗଣଧାରଣା ପ୍ରତ୍ୟାହୃତ ହୋଇଛି ।

# ପଂଚାୟତ ସମିତି ମିଶନ ଶକ୍ତିର ସମୀକ୍ଷା ବୈଠକ: ପ୍ରତ୍ୟେକ ଗୋଷ୍ଠୀଙ୍କୁ ମିଳିବ ୫୦ ହଜାର ସହାୟତା

କେନ୍ଦ୍ରପଡ଼ା,୪।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ମିଶନ ଶକ୍ତି ମହାସଂଘର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ପରିସର ରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଅଶ୍ୱିନି କୁମାର ଦାସ ଅଧକ୍ଷତା କରିଥିଲେ । କେନ୍ଦ୍ରାପଡା ପଂଚାୟତ ସମିତି ଅଧକ୍ଷ ଶିବ ପ୍ରସାଦ ଭଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାସଂଘ ର ସଭାପତି ବାସନ୍ତି ସାହୁ ପରିଚାଳିକା ଶୈଳବାଳା ସାମଲ, ନିରୁପମା ମହାନ୍ତି, ସୁପରଭାଇଜର ମାମାଲି ମ୍ୟାଡାମ, ଶ୍ରାବଣୀ ପଣ୍ଡା, ବିକାଶ ମହାନ୍ତିଙ୍କ ସମେତ ପ୍ରତ୍ୟେକ ପଂଚାୟତ ରୁ ପ୍ରତିନିଧି ମାନେ ବୈଠକରେ ଯୋଗ ଦେଇଥିଲେ । ଋଣ କରି ଜୀବିକା ମିଶନ ଶକ୍ତିର ସଦସ୍ୟ ମାନେ ଆତ୍ମ ନିର୍ଭରଶୀଳ ହେବାପାଇଁ ଉଦ୍ୟମ କଲେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ମହିଳା ମାନଙ୍କୁ ରୋଜଗାର ଯୋଗାଇବା , ଆତ୍ମ ନିର୍ଭରଶୀଳ ହେବା ପାଇଁ ପ୍ରତ୍ୟେକ ଗୋଷ୍ଠୀକୁ ୫୦ ହଜାର ଟଙ୍କା କରି ଋଣ ପ୍ରଦାନ କରାଯିବ । ବ୍ଲକ ଅଧିନରେ ଥିବା ୧୫ଟି ଗୋଷ୍ଠି ଏହି ଋଣର ସୁବିଧା ପାଇପାରିବେ ଏହା ସହ ଯେଉଁମାନେ ଅଧିକ ଉପାର୍ଜନ ପାଇଁ ଉଦ୍ୟମ କରିବେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ବ୍ଲକ ଅଧକ୍ଷ ଶ୍ରୀ ଭଲ ସୂଚନା ଦେଇଥିଲେ । ଚଳିତ ମାସ ୮ ତାରିଖରୁ ଫ୍ରେବୃୟାରୀ ମାସ ୨୮ ତାରିଖ ପର୍ଯ୍ୟନ୍ତ ଭିତରକନିକା ରେ ହେବାକୁ ଥିବା ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହାସଂଘ କେନ୍ଦ୍ରାପଡା ବ୍ଲକ ପକ୍ଷରୁ ଏକ ଷ୍ଟଲ ଖୋଲାଯିବ । ଏଥିରେ ବଡି, ପାମ୍ପଡ, ପାପୋଛ, ପିନାଇଲ, ପ୍ରଭୃତି ଗୋଷ୍ଠି ପକ୍ଷରୁ ଉତ୍ପାଦିତ ସାମଗ୍ରୀ ଗୁଡିକ ଏହି ଷ୍ଟଲ ରେ ଉପଲବ୍ଧ ହେବ । ସେହିପରି ଅନ୍ୟତମ ପରିଚାଳିକା ବାରୁଅ ର ସଂପଦ ପରିଡା ନିଜ ଉଦ୍ୟମରେ ଇକୋ ରିଟ୍ରିଟ୍ ସ୍ଥାନରେ ଗୋଲଡେନ ଗ୍ରାସ ଉତ୍ପାଦିତ ସାମଗ୍ରୀର ଏକ ସ୍ୱତନ୍ତ୍ର ଷ୍ଟଲ ନିଜ ଉଦ୍ୟମରେ ଖୋଲିବେ ବୋଲି ବୈଠକରେ ନିଷ୍ପତି ନିଆଯାଇ ଥିଲା ।

# ବିଶ୍ୱ ଭିନ୍ନକ୍ଷମ ଦିବସରେ ବୃଦ୍ଧାଙ୍କୁ ହ୍ୱିଲ ଚେୟାର ପ୍ରଦାନ

କେନ୍ଦ୍ରପଡ଼ା,୪।୧୨ (ନି.ପ୍ର): ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସର ରେ ଶ୍ରୀ ଜଗନ୍ନଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଭିନ୍ନକ୍ଷମ ବୃଦ୍ଧାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ଗ୍ରାମର ଦୋଳବେଦୀ ନିକଟରେ ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ରୋଗାଗ୍ରସ୍ତ ମହିଳା ଭାରତୀ ବାରିକ(୬୭) ଅସହାୟ ଅବସ୍ଥାରେ ଚଳତଶକ୍ତି ହୀନ ଭାବେ ଶର୍ଯ୍ୟାଶାୟୀ ରହିଥିଲେ । ଖବର ପାଇ ଏହି ଟ୍ରଷ୍ଟର ସଦସ୍ୟ ମାନେ ଫଳ, ବିସ୍କୁଟ ପ୍ରଭୃତି ଶୁଖିଲା ଖାଦ୍ୟ ସହ ଏକ ହ୍ୱିଲ ଚେୟାର ଶ୍ରମତୀ ବାରିକଙ୍କୁ ପ୍ରଦାନ କରିଥିଲେ ।

# ଖଡିଆଳ ବ୍ଲକରେ ନୂତନ ୫ ଆରଆଇ ଅଫିସ

ନୂଆପଡା,୪।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକରେ ନୂତନ ୫ ଗୋଟି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ(ଆରଆଇ) ଅଫିସ ଖୋଲାଯାଇଛି । ସେ ସବୁ ହେଲା ସରଧାପୁର, କିରିକିଟା, ବାଦୀ, ବିରିଘାଟ ଓ ଚିନ୍ଦାଗୁଡା । ପ୍ରତି ଆରଆଇ ସର୍କଲରେ ୩ ଗୋଟି ପଂଚାୟତକୁ ସଂପୃକ୍ତ କରାଯାଇଛି । ଏକ୍ରମରେ ସରଧାପୁର ଆରଆଇ ସର୍କଲରେ ସରଧାପୁର, ଖାସବାହାଲ ଏବଂ ଦୋହେଲପଡା ଗ୍ରାମ ପଂଚାୟତକୁ ମିଶାଯାଇଥିବା ବେଳେ ଖାସବାହାଲ ଓ ଦୋହେଲପଡା ପ ାୟତବାସୀ ଏହାକୁ ବିରୋଧ କରିଛନ୍ତି । ପୂର୍ବରୁ ଏହି ପ ାୟତ ସବୁ ତୁକଲା ଆଇଆଇ ଅଧିନରେ ଥିଲା ଓ ୪ କିଲୋମିଟର ଦୂରତାରେ ଥିଲା । ଗମନାଗମନ ସୁବିଧା ସହ ଶିକ୍ଷା, ସ୍ୱାସ୍ଥ୍ୟ, ନିତିଦିନିଆ ଚଳଣି ପାଇଁ ତୁକଲା ଉପରେ ନିର୍ଭର ରହୁଥିବାରୁ ଏହା ସେମାନଙ୍କ ପାଇଁ ସୁବିଧାଜନକ ହେଉଥିଲା । ନୂତନ ଆରଆଇ ଅଫିସ ସରଧାପୁରରେ ଏହି ୨ ପଂଚାୟତକୁ ବିନା ସମ୍ମତିରେ ମିଶା ଯାଇଥିବା ଅଭିଯୋଗ ହେଉଛି । ଗମନାଗମନର ଅସୁବିଧା ସହ ଜଙ୍ଗଲ ରାସ୍ତା ହେତୁ ଲୋକେ ନିରାପଦ ମଣୁ ନାହାନ୍ତି । ବିଶେଷ କରି ମହିଳା ମାନେ କିପରି ଜଙ୍ଗଲ ରାସ୍ତା ଦେଇ ୮ କିଲୋମିଟର ରାସ୍ତା ଯିବେ ଚିନ୍ତାରେ ପଡି ଯାଇଛନ୍ତି । କୌଣସି ବସ ଚଳାଚଳ ମଧ୍ୟ ନଥିବାରୁ ବିଭିନ୍ନ କାମରେ ଲୋକେ ଏତେ ଦୂର କିପରି ଯିବେ ଚିନ୍ତାରେ ପଡି ଯାଇଛନ୍ତି । ପ୍ରଶାସନ ଏଦିଗରେ ବିଚାର କରି ପୂର୍ବ ପରି ତୁକଲାରେ ଏହି ୨ ପଂଚାୟତକୁ ରଖିବାକୁ ଅଥବା ୩ ପଂଚାୟତର ସୁବିଧା ଦୃଷ୍ଟିରୁ ଖାସବାହାଲରେ ଆଇଆଇ ଅଫିସ ସ୍ଥାପନ କରିବାକୁ ଲୋକେ ଦାବୀ କରିଛନ୍ତି ।

# ଜିଲା ଯୋଗାଣ ଅଧିକାରିଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଜୟପୁର,୪।୧୨ (ନି.ପ୍ର): କୋରାପୁଟ ଜିଲା ଜିଲା ଯୋଗାଣ ବିଭାଗ କୁ ଆଜି ବି ସିଂପୁର ଅଂଚଳର ଚାଷି ମାନେ ଦ୍ୱାରସ୍ଥ ହୋଇଛନ୍ତି । ପୁବତନ ମନ୍ତ୍ରୀ ରବି ନାରାୟଣ ନିନ୍ଦ ଙ୍କ ନେତୃତ୍ୱରେ ଚାଷି ମାନେ ଦ୍ୱାରସ୍ଥ ହୋଇ ଉଦବେଗ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଖରିଫ ଧାନ ମଣ୍ଡି ଆରମ୍ଭ ହୋଇ ୧୬ ଦିନ ରୁ ଅଧିକ ବିତି ଯାଇଥିଲେ ବି ଜିଲାର ବିଭିନ୍ନ ମଣ୍ଡି ରେ ମନ୍ଥର ଗତିରେ ଚାଲିଛି । ଚାଷୀକୁ ଟୋକନ ପ୍ରଦାନରେ ବିଳମ୍ବିତ ଆଉ କେତେ ବେଳେ ଚାଷୀଙ୍କ ପଞ୍ଜିକରଣରେ ବ୍ୟାପକ ତୃଟି କାରଣରୁ ଅନେକ ଚାଷୀ ତାଲିକାରୁ ବାଦ ପଡିଛନ୍ତି । ଯାହାକୁ ନେଇ ବୋରିଗୁମ୍ମା ବ୍ଲକ ଅଂଚଳର ଅନେକ ଚାଷୀ ନିଜର ନାମ ପଞ୍ଜିକରଣ କରିଥିଲେ ସୁଦ୍ଧା ଧାନ ବିକ୍ରି କରିବା ତାଲିକାରେ ତାଙ୍କ ନାମ ବାଦ୍ ପଡିଛି । ଫଳରେ ବାଦ ପଡିଥିବା ଅସନ୍ତୋଷ ଚାଷୀ ମାନେ ଆଜି ଜିଲା ଯୋଗାଣ ଅଧିକାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଚାଷୀମାନେ ଅଭିଯୋଗ କରିଥିଲେ ଯେ ରାଜସ୍ୱ ବିଭାଗ ଘଟଣା ସ୍ଥଳକୁ ନଯାଇ ଘରେ ବସି ତାଲିକା କରିଛନ୍ତି । ଯାହାଦ୍ୱାରା ପ୍ରକୃତ ଚାଷୀ ପଞ୍ଜିକରଣ କରିବାରୁ ବଂଚିତ ହୋଇଛନ୍ତ ତ ଆଉ କେତେକ ଚାଷ କରି ଧାନ ବିକ୍ରି କରିପାରୁ ନାହାଁନ୍ତି ।ଏଭଳି ବି ସଂପୁର ପଂଚାୟତ ରେ ସର୍ବାଧିକ ହୋଇଛି । ଫଳରେ ଅନେକ ଚାଷି ଧାନ ବିକ୍ରିରୁ ବଂଚିତ ହୋଇଛନ୍ତି । ଆଉ ତାଲିକାରେ ଯେଉଁ ଚାଷି ମାନଙ୍କ ନାମ ନାହିଁ ସେ ମାନଙ୍କୁ ପୁଣି ଥରେ ତଦନ୍ତ କରି ଚାଷୀଙ୍କୁ ତାଲିକା ଭୁକ୍ତ କରିବା କୁ ଦାବି କରିଛନ୍ତି ।

## ଫୋନିସ ଆଶ୍ରମ...

ପୃଷ୍ଠା ୪ର ଅବଶିଷ୍ଟାଂଶ....

ରସକିନଙ୍କ ପୁସ୍ତକର ଗୁଜୁରାଟୀ ଭାଷାରେ ଅନୁବାଦ କରି ଗାନ୍ଧି ତାହାର ନାମ ରଖିଲେ 'ସର୍ବୋଦୟ' । ପରବର୍ତ୍ତି କାଳରେ ଯୋହେନ୍ସ ବର୍ଗ ନିକଟରେ ଗାନ୍ଧି ଆଉ ଗୋଟିଏ ଆଶ୍ରମ ତିଆରି କରିଥିଲେ । ଏହାର ନାମ ଥିଲା, 'ଟଲଷ୍ଟୟ ଆଶ୍ରମ'। ଏବେ ଏହି ଉଭୟ ଆଶ୍ରମ ଗାନ୍ଧିଙ୍କ ଆନ୍ଦୋଳନ ବେଳେ ଆନ୍ଦୋଳନ କାରୀଙ୍କ ପରିବାରକୁ ଖାଦ୍ୟ ଓ ଆଶ୍ରୟ ପ୍ରଦାନ କରୁଥିଲେ । ଦକ୍ଷିଣ ଆଫ୍ରିକା ଛାଡି ଗାନ୍ଧି ଭାରତ ଆସିଲା ପରେ ଫିନିସ ଆଶ୍ରମକୁ ଏକ ଟ୍ରଷ୍ଟ ଚଳାଉ ଥିଲା । ୧୯୮୫ ମସିହାରେ ସାଂପ୍ରଦାୟୀକ ଦଙ୍ଗା ବେଳେ ଆଶ୍ରମକୁ ପୋଡି ଦିଆଗଲା । ବାମାୟାଲ ଲୋକମାନେ ଆଶ୍ରମକୁ ଜବରଦସ୍ତି ଅଧିକାର କରିନେଲେ । ପରେ ୨୦୦୦ ମସିହା ଫେବୃୟାରୀ ୨୭ ତାରିଖ ଦିନ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ସେହି ଆଶ୍ରମ ପୁଣିଥରେ ତିଆରି ହେଲା । ଦକ୍ଷିଣ ଆଫ୍ରିକା ସରକାର ଜମି ସବୁ ଫେରାଇ ଆଣିଲେ । ଏହାର ଉଦ୍ଘାଟନି ଉତ୍ସବରେ ଦକ୍ଷିଣ ଆଫ୍ରିକାର ପ୍ରେସିଡେଂଟ ଥାବୋ ମେବକି ଜୁଲୁ ମାନଙ୍କ ରଜା ଜେଡ୍ ୱେଲିଟିଂ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ବାମାୟାଲ ଲୋକଙ୍କ ନେତା ଭିକ୍ଟର ଗାଙ୍ଗୁସା ଅତୀତରେ ଆଶ୍ରମ ପ୍ରତି କରା ଯାଇଥିବା ଅନ୍ୟାୟ ପାଇଁ ଦୁଃଖ ପ୍ରକାଶ କଲେ । ଯେଉଁ ଜମି ଆମର ନୁହେଁ ତାହାକୁ ଆମେ ଜବର ଦସ୍ତି ଅଧିକାର କରିଥିଲୁ । ଆଜି ଭୁଲର ସଂଶୋଧନ ହୋଇଗଲା । ପ୍ରେସିଡେଂଟ ଥାବୋ ପ୍ରକାଶ କରିଥିଲେ ଯେ ଗାନ୍ଧିଙ୍କ ଆଦର୍ଶରେ ବର୍ଣ୍ଣ ବୈଷମ୍ୟରୁ ମୁକ୍ତି ପାଇଁ ଆମେ ମଧ୍ୟ ଅନେକ ସଂଗ୍ରାମ କରିଛୁ । କଥା ଛଳରେ ବିଶ୍ୱ କବି ରବିନ୍ଦ୍ରନାଥ ଟାଗୋରଙ୍କ 'ହୋୟାର ଦି ମାଇଣ୍ଡ ଇଜ ଉଇଦାଉଟ ଫିଅର' କବିତାର ଅବତାରଣା କରିଥିଲେ । ଗାନ୍ଧିଙ୍କ ରାଜ୍ୟରେ ମଣିଷ ପାଇଁ ବାସ୍ତବ ସୁଖ ଶାନ୍ତି ମିଳି ପାରିବ । ବର୍ତମାନ ଏହି ଆଶ୍ରମଟି ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ । ଏଠାରେ ଏକ ହସପିଟାଲ, ଏଚ.ଆଇ.ଭି. କ୍ଲିନିକ ଓ ଗାନ୍ଧି ବାଣୀର ପ୍ରସାର ପାଇଁ ଏକ ମ୍ୟୁଜିୟମ ଓ ଲାଇବ୍ରେରୀ ସ୍ଥାପିତ ହୋଇଛି । ଆମ ନିଜ ଦେଶରେ ଗାନ୍ଧିଙ୍କର ସ୍ମୃତି ପୀଠମାନ ଭାଙ୍ଗି ରୁଜି ଯାଇ ଜମି ମାଫିଆଙ୍କ ଅକ୍ତିଆରକୁ ଚାଲିଗଲା ବେଳେ ଏକ ବିଦେଶୀ ରାଷ୍ଟ୍ରରେ ସ୍ମୃତି ପୀଠର ପୂନଃ ନିର୍ମାଣ ଆମ ପାଇଁ ଏକ ଶିକ୍ଷା ଭଳି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

## ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସଚେତନତା କର୍ମଶାଳା



ଜଳେଶ୍ୱର, ୪/୧୨ (ନିପ୍ର) : ସରକାରଙ୍କ ଶିକ୍ଷାବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନ ସଚେତନତା ଜଳେଶ୍ୱର ବ୍ଲକ ସ୍ତରୀୟ କର୍ମଶାଳା ଆଜି ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱର ବିଇଓ ଜଳେଶ୍ୱର ବ୍ଲକ ସ୍ତରୀୟ ବିରଞ୍ଜନ ଦାସ ମହାପାତ୍ର ଅଧ୍ୟକ୍ଷତା କରି ଯୋଜନାର ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଶିକ୍ଷା ବିଭାଗରେ ସଂସ୍କାର ଆଣିବା ମୋ ସ୍କୁଲ ଅଭିଯାନର ଲକ୍ଷ୍ୟବୋଲି କହିଥିଲେ । ବିଶିଷ୍ଟ ଅତିଥିଭାବେ ଜିଲା ଶିକ୍ଷାଅଧିକାରୀ ରଂଜନ କୁମାର ଗିରି ଯୋଗ ଦେଇ ସ୍କୁଲକୁ ମୋ ପରିବାର ସହିତ ସମାନ କରି ଅଭିଭାବକ, ପୁରାତନ ଛାତ୍ରସଂଘ ଓ ଶିକ୍ଷକମାନେ କାର୍ଯ୍ୟକରିବା ଉଚିତ୍ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ବିଜ୍ଞାନ ସୁପର ଭାଇଜର କୃଷ୍ଣ ମୋହନ ସିଂହ, ପ୍ରକଳ୍ପର ସଂଯୋଜକ ସନ୍ଦିପ କୁମାର ଖଟୁଆ, ଲଲାଟେନ୍ଦୁ କେଶରୀ ଜେନା, ସୁଶାନ୍ତ କୁମାର ଜେନା, ଅଜୟ କୁମାର ଜେନା, ମନୋରଂଜନ ଦାସ, ପ୍ରଧାନ ଶିକ୍ଷକ କୁଂଜ ବିହାରୀ ପ୍ରଧାନ ଓ ବଂଶୀଧର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହାପରେ ଉପସ୍ଥିତ ଥିବା ଶିକ୍ଷକ, ଅଭିଭାବକ ମାନଙ୍କୁ ଏକ ପ୍ରଶିକ୍ଷଣ ଦିଆଯାଇଥିଲା । ମଂଚ ଆହ୍ୱାନ ଡ. ଅଜିତ୍ କୁମାର ମହାନ୍ତି କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗଗନ ବିହାରୀ ପରିଡା, ହରେକୃଷ୍ଣ ଜେନା, ସୁକୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ହରେନ୍ଦ୍ର ମହାନ୍ତ, ପ୍ରାଣକୃଷ୍ଣ ଗିରି, ବନ୍ଦିତା ଦାସ ମହାପାତ୍ର, ସତ୍ୟରଂଜନ ଦାସ, ଖଗେନ୍ଦ୍ର ପାଳ, ସରୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ...

ସେଥିପାଇଁ ସେ ମିଶନ ଶକ୍ତିର ମା ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ପରିମଳକୁ ଜୀବନର ମନ୍ତ୍ର କରିବା ସହିତ ନିଜ ପାଇଁ ତଥା ନିଜ ପିଲାମାନଙ୍କୁ ଏକ ସୁସ୍ଥ ସୁନ୍ଦର ପରିବେଶ ସୃଷ୍ଟିରେ ସହାୟକ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜିର ଏହି କାର୍ଯ୍ୟକ୍ରମ ରାଉରକେଲାକୁ ଦେଶର ଏକ ସ୍ୱଚ୍ଛ ସହରର ପରିଚୟ ହେବାରେ ସହାୟକ ହେବ । କାର୍ଯ୍ୟକ୍ରମରେ ଏହି ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଏକ ଭିଡ଼ିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ରାଉରକେଲା ମହାନଗର ନିଗମର କମିଶନର ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାତନନ୍ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

### ପରୀକୁ ନ୍ୟାୟ ....

ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇ ନିଜ ପୋଲିସ ବିଭାଗ ବିଫଳ ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି । ଅନ୍ୟ ପଟେ, ମନ୍ତ୍ରୀ ପଦରେ ରହି ସମଗ୍ର ତଦନ୍ତ ପ୍ରକ୍ରିୟାକୁ ମନ୍ତ୍ରୀ ଅରୁଣ ସାହୁପ୍ରଭାବିତ କରିବେ ବୋଲି ଆଜିର ଏହି ଘଟଣାରୁ ସ୍ୱଷ୍ଟ ହୋଇଯାଇଛି । ତେଣୁ ରାଜ୍ୟ ସରକାର ମନ୍ତ୍ରୀ ଅରୁଣ ସାହୁଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ଓ ନିରପେକ୍ଷ, ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ଏବଂ ସର୍ବୋପରୀ ପରୀକୁ ନ୍ୟାୟ ପାଇଁ ସିବିଆଇ ଦ୍ୱାରା ତଦନ୍ତ ଦାବୀ କରୁଛୁ । ନଚେତ ରାଜ୍ୟ ସରକାରଙ୍କ ସ୍ୱଛେଚାରିତା ମନୋଭାବ ଓ ଆଚରଣ ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ପଟ୍ଟନାୟକ ସୁଚନା ଦେଇ କହିଛନ୍ତି ।

ଏହି ବିକ୍ଷୋଭ ଓ ଘେରାଓ କାର୍ଯ୍ୟକ୍ରମରେ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ ପ୍ରବକ୍ତା ସୋନାଲୀ ସାହୁଙ୍କ ସମେତ ଇରାନୀ ରାୟ, କାନନବାଲା ପଟ୍ଟନାୟକ, କସ୍ତୁରୀ ମିଶ୍ରଙ୍କ ସମେତ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

### ପାଠକ ବାପପୁଅଙ୍କ ....

୭ଟି ବ୍ୟାଙ୍କ ଆକାଉଂଟ ଓ ୬ଟି ଇନସୁରାନ୍ସ ପଲିସି ପାଠକ ପରିବାର ନାମରେ ଥିବା ସେ କହିଛନ୍ତି । ବ୍ରହ୍ମପୁରର ବିଭିନ୍ନ ବ୍ୟାଙ୍କରେ ଆକାଶ ପାଠକଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ୪ଟି ଓ ପିତା ଅଭୟ ପାଠକଙ୍କ ନାମରେ ୨ଟି ଆକାଉଂଟ ରହିଛି । ଅଭୟଙ୍କ ଝିଅ ନାମରେ ଗୋଟିଏ ଆକାଉଂଟ ରହିଛି । ମେଡ଼ିକାଲ ଶାଖା ଏସବିଆଇରେ ୪ଟି ବ୍ୟାଙ୍କ ଆକାଉଂଟ ରହିଛି । ଏଥିରୁ ଗୋଟିଏ ଅଭୟକାନ୍ତ ଓ ଆଉ ଗୋଟିଏ ଝିଅ ନାମରେ ରହିଥିବା ବେଳେ ଦୁଇଟି ଆକାଶ ପାଠକଙ୍କ ନାମରେ ରହିଛି । ଏଚଡ଼ିଏଫସି ଓ ଆଇସିଆଇସିଆଇ ବ୍ୟାଙ୍କରେ ତିନୋଟି ଆକାଉଂଟ ଅକାଶ ପାଠକଙ୍କ ନାମରେ ରହିଛି । ସେହିପରି ବିଭିନ୍ନ ବୀମା କମ୍ପାନୀରେ ୬ଟି ପଲିସି ରହିଥିବା ଜଣାପଡିଛି । ଗୋଟିଏ ଅଭୟକାନ୍ତ, ଗୋଟିଏ ତାଙ୍କ ଝିଅ ଏବଂ ଆଉ ୪ଟି ଆକାଶ ପାଠକଙ୍କ ନାମରେ ରହିଥିବା ଏସଆଇଟି ତଦନ୍ତ ବେଳେ ଜଣାପଡିଛି। ୨୧୮ ରେ ବାଜାଜ ଆଲାଏନ୍ସର ଗୋଟିଏ ପଲିସିର ଅବଧି ସରିବା ପରେ ୭ ଲକ୍ଷ ଟଙ୍କା ଉଠାଣ ହୋଇଥିବା ଜଣାପଡିଛି ।

### 'ମୋ ସ୍କୁଲ' ଅଭିଯାନ ....

୨୧.୯୩ ଲକ୍ଷ ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିବାର ଜଣାପଡ଼ିଛି । ଏହି ବୈଠକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ତଦାରଖ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଇଥିଲା ଏବଂ 'ମୋ ସ୍କୁଲ' ଅଭିଯାନ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓ ଗୋଷ୍ଠୀସ୍ତରୀୟ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହି ଜିଲ୍ଲାସ୍ତରୀୟ ତଦାରଖ ଟିମ୍ ପ୍ରତି କାର୍ଯ୍ୟକାରୀ ପରିଷଦର ବୈଠକ ପୂର୍ବରୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ବିଷୟରେ 'ମୋ ସ୍କୁଲ୍' କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ । ପ୍ରତି ଜିଲ୍ଲା ସ୍ତରରେ ଏବଂ ଗୋଷ୍ଠୀ ସ୍ତରରେ ଗୋଟିଏ ଗୋଟିଏ 'ମୋ ସ୍କୁଲ' ସହାୟତା ଦଳ ଗଠନ କରିବା ସହ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତି ନିଆଯିବା ସହ ଓଡ଼ିଶାର ପୁରାତନ ଛାତ୍ରଛାତ୍ରୀମାନଙ୍କଠାରୁ ଗୋଟିଏ ଗୋଟିଏ ଭିଡ଼ିଓ ବାର୍ତ୍ତା ସଂଗ୍ରହ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏ ପର୍ଯ୍ୟନ୍ତ ୨ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ ବିଦ୍ୟାଳୟଗୁଡ଼ିକ ସହ ଯୋଡ଼ି ହୋଇସାରିଛନ୍ତି । ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ନିର୍ଦ୍ଦେଶକ, ମାଧମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଏସ୍‌ସିଇଆର୍‌ଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ, 'ମୋ ସ୍କୁଲ' ଉପସ୍ଥିତ ଥିଲେ ।

## ଉପ-ନିର୍ବାଚନ ସଫଳତାର ଶ୍ରେୟ ଶ୍ରମିକଙ୍କୁ ଦେଲେ ବିଜେଡି ନେତା



ବାଲେଶ୍ୱର,୦୪।୧୨ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନରେ ସକ୍ରିୟ ସହଯୋଗ କରିଥିବା ବିଭିନ୍ନ ବର୍ଗର କର୍ମୀମାନଙ୍କୁ ବିଜେଡି ପକ୍ଷରୁ ଆଜି ଆନୁଷ୍ଠାନିକ ଭାବେ କୃତଜ୍ଞତା ଜ୍ଞାପନ କରାଯାଇଛି । ବିଜେଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁବାସ ସିଂ ଯୋଗଦେଇ ବାଲେଶ୍ୱର ଉପ-ନିର୍ବାଚନରେ ଦଳକୁ ମିଳିଥିବା ସଫଳତାର ଶ୍ରେୟ ସାଧାରଣ କର୍ମୀଙ୍କୁ ଦେଇଥିଲେ । ବାଲେଶ୍ୱରର ରିକ୍ସା ଚାଳକ ସଂଘଠାରୁ ଆରମ୍ଭ କରି ରେଲୱେ କୁଲି, ଖବରକରଗଜ ବିତରକ ସଂଘ, ଅଟୋରିକ୍ସା ଚାଳକ ସଂଘ, ବିଭିନ୍ନ ଶିକ୍ଷାନୁଷ୍ଠାନ ଶ୍ରମିକମାନେ ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ସଙ୍ଗେ ସଙ୍ଗେ ନିର୍ବାଚନ ପରିଚାଳନରେ ସକ୍ରିୟ ସହଯୋଗ କରିଥିଲେ । ଏମିତିକି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶାନୁସାରେ ଦଳ ସପକ୍ଷରେ ମତଦାନ ହାର ବୃଦ୍ଧିରେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ । ପ୍ରକୃତରେ ସେହିମାନେ ହିଁ ଧନ୍ୟବାଦର ପାତ୍ର ଅଟନ୍ତି ବୋଲି ସାଂସଦ ଶ୍ରୀ ସିଂହ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମ କେବଳ ସେହିମାନଙ୍କ ପାଇଁ ସମର୍ପିତ ବୋଲି ସେ ମତ ଦେଇଥିଲେ । ବାଲେଶ୍ୱରର ପୂର୍ବତନ ଲୋକସଭା ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଏବେ ଆମର ଦାୟିତ୍ୱ ବଢ଼ି ଯାଇଛି ବୋଲି କହିଥିଲେ । ସେମାନେ ନିର୍ବାଚନରେ ନିଜ ନିଜର ଦାୟିତ୍ୱ ବେଶ ତୁଲାଇଥିଲେ ଏବେ ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ବିଜେଡି ସରକାର ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ନବ ନିର୍ବାଚିତ ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ଯୋଗଦେଇ ବିଜୁ ଜନତା ଦଳର ଗାରିମା ରକ୍ଷା ସହ ତାଙ୍କୁ ବିଧାୟକ ଭାବେ ନିର୍ବାଚିତ କରିବାରେ ଶ୍ରମିକ ଶ୍ରେଣୀର ଭୂମିକା ସର୍ବଦା ପ୍ରଶଂସନୀୟ ବୋଲି କହିଥିଲେ । ସୁଯୋଗ ଆସିଲେ ସେମାନଙ୍କ ପାଇଁ ନିଶ୍ଚିତ କିଛି କରିବେ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ । ହିନ୍ଦ୍ ମଜଦୁର ସଭାର ଜିଲ୍ଲା ସଭାପତି ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସମାଜସେବୀ ସୁବାସିନୀ ଜେନା, ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ, ବରିଷ୍ଠ ବିଜେଡି ନେତା ସନତ୍ ଦାସ, ବିଜେଡି ଜିଲ୍ଲା ମିଡିଆ ସଂଯୋଜକ ରଘୁନାଥ ଲେଙ୍କା ପ୍ରମୁଖ ଏଥିରେ ଯୋଗଦେଇ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିବା ସବୁ ଶ୍ରେଣୀର ଲୋକଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଶ୍ରମିକ, ରିକ୍ସା ଓ ଅଟୋରିକ୍ସା ଚାଳକ ଓ ରେଲୱେ କୁଲିଙ୍କ ପକ୍ଷରୁ ବିଧାୟକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶ୍ରମିକ ନେତା ଶାନ୍ତନୁ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଧାର ସଂଶୋଧନ କେନ୍ଦ୍ର ଉନ୍ମୋଚିତ




ବାରିପଦା, ,୦୪।୧୨ (ନି.ପ୍ର): କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଧିକ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଆରମ୍ଭ କରିଛନ୍ତି ଜନସେବା କେନ୍ଦ୍ର । ଆଜି ବାରିପଦା ସହରର କଚେରୀ ବଜାର ନିକଟରେ ଥିବା ପଣ୍ଡା ଜେରକ୍ସ କମନ ସର୍ଭିସ ସେଣ୍ଟାରରେ ଆଧାର ସଂଶୋଧନ କେନ୍ଦ୍ର ଉନ୍ମୋଚିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ସୁଦର୍ଶନ ପଣ୍ଡା ଏହି କେନ୍ଦ୍ରକୁ ଲୋକର୍ପିତ କରିଥିଲେ । ଏହା ଦ୍ୱାରା ଜନସାଧାରଣ ବିଭିନ୍ନ ଆଧାର ସେବା ସହଜରେ ପାଇପାରିବେ । ସାଧାରଣତଃ ଅନେକ ଲୋକ ନିଜର ଏବଂ ପରିବାର ଲୋକମାନଙ୍କର ଆଧାର ସଂଶୋଧନ କରିବା ପାଇଁ ବର୍ଷ ବର୍ଷ ଧରି ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଏବେ ଏହା ସହଜରେ ଏବଂ ନିକଟରେ ଉପଲବ୍ଧ ହୋଇ ପାରିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କମନ ସର୍ଭିସ ସେଣ୍ଟାର ଜିଲ୍ଲା ପରିଚାଳକ ଶିବ ଶଙ୍କର ଦାସ, ଅଧ୍ୟାପକ-ପୂର୍ଣ୍ଣ ଚନ୍ଦ୍ର ସେଠୀ, ସନତ କୁମାରା ପ୍ରହରାଜ, ପ୍ରଶାନ୍ତ କୁମାର ସାହୁ, ପଙ୍କଜ କୁମାର ମାହାନ୍ତ, ଶିବ ନାରାୟଣ ବିଶ୍ୱାଳ, ଅଂଶଗ୍ରହଣ କରିଥିଲେ । ପଣ୍ଡା ଜେରକ୍ସର ପରିଚାଳକ ଆଶିଷ କୁମାର ପଣ୍ଡା ଏହି କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ ।

## ବିନା ମାଟିରେ ହାଇଡ୍ରୋପନିକ୍ ପ୍ରଣାଳୀରେ ପରିବା ଚାଷ : ସବୁରି ମୁହଁରେ ରେମୁଣା ସଂଜୟ ଦାସଙ୍କ ପ୍ରଶଂସା



ବାଲେଶ୍ୱର,୦୪।୧୨ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ଚାଷରୁ ଯୁବଗୋଷ୍ଠୀ ମୁହଁ ଫେରାଉ ଥିବା ବେଳେ ଆଧୁନିକ ପ୍ରଣାଳୀରେ ଚାଷ କରି ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତର କାକବରେଇ ଗ୍ରାମର ଯୁବକ ସଂଜୟ କୁମାର ଦାସ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ଇଲେକ୍ଟ୍ରିକାଲ ଇଂଜିନିୟର ଭାବେ ଉତ୍ତୀର୍ଣ୍ଣ ହୋଇ ଚାକିରି କରିବା ପରିବର୍ତ୍ତେ ପିତା କାର୍ତ୍ତିକ ଦାସଙ୍କୁ ଚାଷକାମରେ ସହଯୋଗ କରିବାକୁ ସଂଜୟ ମନସ୍ଥ କରିଥିଲେ । ତେବେ ପାରମ୍ପାରିକ ଚାଷ ପରିବର୍ତ୍ତେ ସେ କିଛି ନୂଆ ଧରଣର ଚାଷ ପାଇଁ ସବୁବେଳ ଚିନ୍ତା କରୁଥିଲେ । ପ୍ରାୟ ଦୁଇବର୍ଷ ଧରି ବାୟୋ ଫ୍ଲକ୍ ପ୍ରଣାଳୀ ଭିତ୍ତିକ କୁଣ୍ଡରେ ମାଛଚାଷ କରି ସଫଳତା ପାଇବା ପରେଏବେ ସମ୍ପୂର୍ଣ୍ଣ ଭିନ୍ନ ଉପାୟରେ ପନିପରିବା ଚାଷ କରି ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ପାଇଁ ପ୍ରେରଣା ହୋଇଛନ୍ତି । ଗଛଟିଏ ବଞ୍ଚିବା ପାଇଁ ମାଟିର ଆବଶ୍ୟକତା ଥିବା ବେଳେ ସଂଜୟ ବିନା ମାଟିରେ ହାଇଡ୍ରୋପନିକ୍ ଚାଷ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି । ହାଇଡ୍ରୋପନିକ୍ ସମ୍ପର୍କରେ ଇଣ୍ଟରନେଟ୍‌ରେ ଦେଖିବା ପରେ ସେ ବିଶେଷ ଆଗ୍ରହୀ ହୋଇ ଗତ ଜାନୁୟାରୀ ମାସରେ ଉତ୍ତର ପ୍ରଦେଶର ଆଗ୍ରାସ୍ଥିତ ଏଗ୍ରିକଲଚର ଇଂଜିନିୟରିଂ କଲେଜରୁ ଏହି ଚାଷ ପ୍ରଣାଳୀରେ ଟ୍ରେନିଂ ନେଇଥିଲେ । ଟ୍ରେନିଂ ପରେ ସେ ନୂତନ ପ୍ରଣାଳୀରେ ଚାଷ ଅଭିଯାନ ଆରମ୍ଭ କରିଥିଲେ । ମାତ୍ର ୨୦ ଡିସିମିଲ ଜମିରେ ୫୦ ହଜାର ଟଙ୍କା ଖର୍ଚ୍ଚ କରି ହାଇଡ୍ରୋପନିକ୍ ପ୍ରଣାଳୀରେ ଚାଷ କରୁଥିବା ସେ କହିଛନ୍ତି । ୪ ଇଞ୍ଚିଆ ପିଭିସି ପାଇପ୍‌ରେ କଣା କରି ତା ମଧ୍ୟରେ ନଡ଼ିଆକତା ଗୁଣ୍ଡ ପୂରାଇ ସେଥିରେ ପନିପରିବା ଚାରା ଲଗାଯାଇଛି । ଜଳସେଚନ ପାଇଁ ଦୁଇଗୋଟି ଡ୍ରମରୁ ପାଇପ୍ ମାଧ୍ୟମରେ ପନିପରିବା ଲଗାଯାଇଥିବା ପାଇପକୁ ପାଣି ଯୋଗାଇ ଦିଆଯାଉଛି । ଗଛପାଇଁ ଆବଶ୍ୟକ ଖାଦ୍ୟସାର ପାଣିରେ ମିଶାଯାଉଥିବାରୁ ଚାରାଗୁଡ଼ିକ ସ୍ୱଚ୍ଛନ୍ଦରେ ବଢ଼ିବା ସହିତ ଫଳ ଉତ୍ପନ୍ନ ହୋଇପାରୁଛି । ଏହି ପ୍ରଣାଳୀରେ ଜହ୍ନି, କଲରା, ବାଇଗଣ, ବିମ୍ସ, ସିମିଳା ମିର୍ଚି, ବିଲାତି ବାଇଗଣ ଗଛ ଲଗାଯାଇଥିବା ଦେଖିବାକୁ ମିଳିଛି । ଏହି ହାଇଡ୍ରୋ ପନିକ୍ ଚାଷ ପ୍ରଣାଳୀ ଇସ୍ରାଏଲ ଦେଶରୁ ଆବିଷ୍କାର କରଯାଇଥିବା ବେଳେ ବାରମ୍ବାର ବ୍ୟବହାର ହେଉଥିବା ପାଣିକୁ ଏହି ଚାଷରେ ବ୍ୟବହୃତ କରାଯାଇଥାଏ । ବିଶେଷ କରି ମରୁ ଅଞ୍ଚଳରେ ପାଣିର ଅଭାବ କାରଣରୁ ଏହି ପ୍ରଣାଳୀରେ ଚାଷ କରାଯାଇଥାଏ ବୋଲି ଇଂଜିନିୟ ସଂଜୟ ପ୍ରକାଶ କରିଛନ୍ତି । ଏହି ନୂଆ ପ୍ରଣାଳୀର ଚାଷ ପ୍ରତି ଲୋକଙ୍କ ଆଗ୍ରହ କ୍ରମଶ ବଢ଼ିବାରେ ଲାଗିଛି । ଏହି ଚାଷରେ ପରିଶ୍ରମ, ଖର୍ଚ୍ଚ, ରାସାୟନିକ ସାର ପ୍ରଭୃତି ପ୍ରୟୋଗ ଆପେକ୍ଷାକୃତ କମ ହେବା ସାଙ୍ଗକୁ ଅଧିକ ଅମଳ କାରଣରୁ ଚାଷୀମାନେ ବିଶେଷ ଲାଭବାନ ହୋଇପାରିବେ ବୋଲି ସଂଜୟ ଆଶା ପ୍ରକାଶ କରିଛନ୍ତି । ଏହି ନୂଆ ପ୍ରଣାଳୀର ଚାଷରେ ପିତା କାର୍ତ୍ତିକ ଓ ଡିଗ୍ରୀ ପଢୁଥିବା ସାନଭାଇ ସତ୍ୟବ୍ରତ ସହଯୋଗ କରୁଥିବା ସେ କହିଛନ୍ତି । ବିଶ୍ୱାଳ ହେଉ ନଥିଲେ ବି ଏହି ନୂଆ ଚାଷ ପ୍ରଣାଳୀ ପ୍ରତି ତାଙ୍କର ଆଗ୍ରହ ବଢୁଥିବା ସାନଭାଇ ସତ୍ୟବ୍ରତ କହିଛନ୍ତି । ଏବେ ଲଗାଯାଇଥିବା ଗଛଗୁଡ଼ିକ ହୁ ହୁ ହୋଇ ବଢୁଥିବା ବେଳେ ହାଇଡ୍ରୋପନିକ୍ ଚାଷରେ ସେ ନିଶ୍ଚିତ ସଫଳ ହେବେ ବୋଲି ସଂଜୟ ଦୃଢ଼ ଆଶା ପ୍ରକାଶ କରିଛନ୍ତି ।

## ଭୁବନେଶ୍ୱରରେ ୨୪ ଘଂଟାରେ ୨୭ ଆକ୍ରାନ୍ତ , ୩୩ ସୁସ୍ଥ

ଭୁବନେଶ୍ୱର,୦୪।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ଦିନ ଆଉ ୨୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୧୩ ଜଣ ସଂଗରୋଧ ଓ ୧୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୩୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି ।

ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୮୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୨୩୧ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୮୮ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୧ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଓଲ୍ଡ ଟାଉନ୍ ରୁ ସର୍ବାଧିକ ୫ ଜଣ, ରସୁଲଗଡ, ଶୈଳଶ୍ରୀ ବିହାର ଓ ନୟାପଲ୍ଲୀରୁ ୩ ଜଣ ଲେଖାଏଁ , ପଟିଆରୁ ୨ ଜଣ ରହିଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ବିୟୋଗରେ ଶୋକ



ବାଲେଶ୍ୱର,୦୪।୧୨ (ନି.ପ୍ର): ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ଅନ୍ୟତମ ପ୍ରମୁଖ କର୍ମକର୍ତ୍ତା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମନୋରଞ୍ଜନ ପାଲଙ୍କ ବିୟୋଗରେ ମଞ୍ଚ ପକ୍ଷରୁ ଏକ ଶୋକସଭା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଶୋକ ପ୍ରସ୍ତାବ ଆଗତ କରି ସ୍ୱର୍ଗତ ପାଲଙ୍କ ସଂକ୍ଷିପ୍ତ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ବାଲେଶ୍ୱର ଜିଲା ପରିଷଦର ପୂର୍ବତନ ଚେୟାରମେନ ଗିରିଶ ଚନ୍ଦ୍ର ଦାଶ, ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, 'ମୋନା'ର ସାଧାରଣ ସମ୍ପାଦିକା ମମତା ମହାପାତ୍ର, ପଣ୍ଡିତ ସୁରେନ୍ଦ୍ର ନାଥ କର, ଦୀନବନ୍ଧୁ ଲେଙ୍କା, ବିଷ୍ଣୁ ପ୍ରସାଦ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମପ୍ରସାଦ ବେହେରା, ଦେବବ୍ରତ ପାଣିଗ୍ରାହୀ, ନିର୍ମଳ ଚନ୍ଦ୍ର ନାୟକ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସିଦ୍ଧେଶ୍ୱର ପଣ୍ଡା, ଦିଲ୍ଲୀପ ଗିରି, ଅନାମ ଚରଣ ପଣ୍ଡା, ନୃତ୍ୟ ସଙ୍ଗୀତ କଳାମନ୍ଦିର ସମ୍ପାଦକ ଶରତ ଚନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦେହୁରୀ, ପ୍ରହଲ୍ଲାଦ ପତି, ଭୁବନାନନ୍ଦ ଦାସ, ଚକ୍ରଧର ମହାନ୍ତି, ସୁଧାଂଶୁ ଶେଖର ଦାସ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ପାଲଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ବାଲେଶ୍ୱର ଜିଲା ରାଜବରହମପୁର ଥାନା ଅନ୍ତର୍ଗତ ତିନିଦେଶ ଗ୍ରାମରେ ଜନ୍ମଗ୍ରହଣ କରି ରେମୁଣା ହାଇସ୍କୁଲରୁ ମେଟ୍ରିକ ଓ ଫକୀର ମୋହନ କଲେଜରୁ ସ୍ନାତକ ପରେ ୧୯୭୦ ଦଶକରେ ଓଡ଼ିଶା ଖଦୀ ବୋର୍ଡ଼, ଭୁବନେଶ୍ୱରଠାରେ ସ୍ୱର୍ଗତ ପାଲ ଚାକିରି ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ବାଲେଶ୍ୱର ସଦର ତହସିଲ, ଜିଲା ଥଇଥାନ ଓ ପୁନର୍ବାସ, ମହିଳା ଓ ଶିଶୁକଲ୍ୟାଣ, ନିଜାରତ ଏବଂ ଶେଷରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଡ଼କ୍ଲର୍କ ଥାଇ ୨୦୦୬ରେ ଅବସର ଗ୍ରହଣ କରିଥିଲେ । ୨୦୧୫ରୁ ସେ ବରିଷ୍ଠ ନାଗରିକ ସଂଗଠନର ଜଣେ ଆଗଧାଡ଼ିର ସଂଗଠକ ଭାବରେ ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱ ତୁଲାଇ ଆସୁଥିଲେ । କରୋନାରେ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗତ ୩ ତାରିଖ ମଧ୍ୟାହ୍ନ ୧୨ଟା ୧୦ ମିନିଟ୍‌ରେ ତାଙ୍କର ବିୟୋଗ ଘଟିଥିଲା । ଜଣେ ନିଷ୍ଠାପର, କାର୍ଯ୍ୟଦକ୍ଷ ଏବଂ ଶୃଙ୍ଖଳିତ ତଥା ଦରଦୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ଅବର୍ତ୍ତମାନରେ ଅପୂରଣୀୟ କ୍ଷତି ହୋଇଛି ବୋଲି ବକ୍ତାମାନେ ମତ ଦେଇଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପାଲଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଦୁଇମିନିଟ ନିରବ ପ୍ରାର୍ଥନା ସହ ସମସ୍ତେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ନେହଲତା ଦାଶ ପତି, ଜିତେନ୍ଦ୍ର ଉପାଧ୍ୟାୟ, ରାଜେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ଦାସ, ଗୋପୀନାଥ ଦାସ, ସୀତାରାମ ପ୍ରଧାନ, ଭାସ୍କର ଚନ୍ଦ୍ର ମହାପାତ୍ର, ମଧୁସୂଦନ ଜେନା, ରମାକାନ୍ତ ମହାନ୍ତି, ଲକ୍ଷ୍ମୀନାରାୟଣ ଘୋଷ, ମିହିର ମହାପାତ୍ର, ମିହିର କୁମାର ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ସମ୍ପାଦକ ଦେବେନ୍ଦ୍ର ନାଥ ଚୌଧୁରୀ ଶେଷର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୭୬୦ ହେଲା

ଭୁବନେଶ୍ୱର,୦୪।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୬୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କେନ୍ଦୁଝର ଜିଲ୍ଲାର ୨ ଜଣ ଥିବା ବେଳେ ମୟୁରଭଂଜ, ନୂଆପଡା ଓ ମାଲକାନଗିରି ଜିଲ୍ଲାର ଜଣେ ଜଣେ ଅଛନ୍ତି । କେନ୍ଦୁଝର ଜିଲ୍ଲାର ଜଣେ ୬୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ମୟୁରଭଂଜ ଜିଲ୍ଲାର ଜଣେ ୭୫ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ମାଲକାନଗିରି ଜିଲ୍ଲାର ଜଣେ ୪୦ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ବିଧାନସଭା ସଚିବାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୦୪।୧୨ (ନି.ପ୍ର): ବିଧାନସଭା ସଚିବାଳୟର ଟ୍ରେଜେରୀ ସରକାର କୃଷ୍ଣଚନ୍ଦ୍ର ମୁଦୁଲିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଶ୍ରୀ ମୁଦୁଲିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭା ସଚିବାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଗୁଣୁପୁର ସଦର ମହକୁମାରେ ଶବ ଦାହପାଇଁ ସ୍ଥାନର ଅଭାବ ଓ ଅବହେଳିତ ଅବସ୍ଥାରେ ଶ୍ମଶାନ ଘାଟ

ଗୁଣୁପୁର, ୪/୧୨ (ନିପ୍ର) : ରାୟଗଡ଼ା ଜିଲ୍ଲାରେ ଗୁଣୁପୁର ସହର କ୍ରମାଗତ ଭାବେ ବିକାଶ ହେବାରେ ଲାଗିଛି । ଏହି ସହରରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଗାଁ ଗହଳି ଲୋକଙ୍କ ସହରାଭିମୁଖୀ, ସହର ମଧ୍ୟରେ ଜନସାଧାରଣଙ୍କ ଅହେତୁକ ସଂଖ୍ୟା ବୃଦ୍ଧି ଅନେକ ନୂଆ ସମସ୍ୟା ଜନ୍ମ ଦେଇଛି । ୧୯୮୦ ମସିହା ପୂର୍ବରୁ ସହରର ପରିସର ୧ କିମି ପରିଧି ମଧ୍ୟରେ ସୀମିତ ଥିବା ବେଳେ ସହରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଂଶଧାରା ନଦୀ କୂଳରେ ଶବ ସତ୍କାର ନିମନ୍ତେ ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା । ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ସ୍ଥାନରେ ସହରବାସୀ ଶବ ସତ୍କାର କରିଚାଲିଛନ୍ତି । ରେଳ ଷ୍ଟେସନ ଠାରୁ ଗୁଣପୁରର ସେଫାଲି ପାହାଡ଼ ପର୍ଯ୍ୟନ୍ତ ଅନବରତ ଭାବେ ସହର ପରିଧି ଓ ବିକାଶ ସହ ଜନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅତି ସମ୍ବେଦନଶୀଳର ବିଷୟ ଯେ ଶବ ଦାହ ନିମନ୍ତେ ଏଯାବତ ସହରରେ ଏକ ସ୍ଥାନ ନିରୂପଣ କରାଯାଇପାରିନାହିଁ । ଆଜିମଧ୍ୟ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ନିମନ୍ତେ ବଂଶଧାରା ନଦୀତଟ ଉପରେ ନିର୍ଭର କରୁଛନ୍ତି ଯାହାକି ୬ କମିରୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି । ସହରର ନୂତନ ଭାବେ ବିକଶିତ ହୋଇଥିବା ରାମେଶ୍ୱର ନଗର, ଶେଖର ନଗର, ବଳରାମ ନଗର, ରଘୁନାଥ ନଗରର ବାସିନ୍ଦା ମାନେ ହିନ୍ଦୁ ରୀତିନୀତି ପ୍ରକାରେ ଶବ ବୋହିନେବା ଏବଂ ବର୍ଷା ଦିନରେ ଶବ ସଂସ୍କାର କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ଥିବା ଶ୍ମଶାନ ଘାଟରେ ଅନୁସାଙ୍ଗିକ ବ୍ୟବସ୍ଥା ନଥିବା ଓ ଅନ୍ୟ ଧର୍ମାବଲମ୍ବୀ ମାନେ ସେଠାରେ କବର ନିର୍ମାଣ କରିବା କାରଣରୁ ଭିନ୍ନ ଧରଣ ସମସ୍ୟମାନ ଉପୁଜିଛି । ପୌର ପରିଷଦ ର ଦୁରଦୃଷ୍ଟିର ଅଭାବ ତଥା ସରକାରଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଶ୍ମଶାନ ନିର୍ମାଣରେ ତତ୍ପରତା ନଦେଖେଇବା କାରଣରୁ ଏଭଳି ସମସ୍ୟା ମାନ ଦେଖାଯାଉଛି । ବ୍ୟବସ୍ଥିତ ଢଙ୍ଗରେ ଶ୍ମଶାନ ନିର୍ମାଣ କରାଯିବା ସହ ପୌର ପରିଷଦର ନୂତନ ଭାବେ ବିକଶିତ ହୋଇ ଅଧିବାସ କରୁଥିବା ଜନସାଧରଣଙ୍କ ନିମନ୍ତେ ଅନ୍ୟ ଏକ ବ୍ୟବସ୍ଥିତ ଶ୍ମଶାନ ନିର୍ମାଣ କରାଗଲେ ବହୁ ଜନସାଧାରଣଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୁରଣ ହେବବୋଲି ମତ ପ୍ରକାଶ ପାଉଛି । ଏହି ସମ୍ପର୍କରେ ବରିଷ୍ଠ ନାଗରିକ ସଂଘ ତରଫରୁ ଓ ଗୁଣପୁର ଉନ୍ନୟନ ଯୁବ ସଂଗଠନ ତରଫରୁ ନିର୍ବାହୀ ଅଧିକାରୀ ପୌରପରିଷଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ଆସୁ ପଦକ୍ଷେପ ପୁରଣ କରାଯାଇପାରି ନାହିଁ ବୋଲି ସଂଗଠନ ତରଫରୁ ତଥା ବୁଦ୍ଧିଜୀବୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

# ଭିଙ୍ଗାରପୁର ପିଏଚସି (ଏନ୍)କୁ ଏରିଆ ହସ୍ପିଟାଲ ମାନ୍ୟତା ଦାବିରେ ଧାରଣାରେ ବସିଲେ ଶତାଧିକ ଜନସାଧାରଣ

ବାଲକାଟୀ, ୪/୧୨ (ନିପ୍ର) : ରିଖ ଜୟଦେବ ନିର୍ବାଚନ ମଣ୍ଡଳୀର ସର୍ବପୂରାତନ ଡାକ୍ତରଖାନାର ମାନ୍ୟତା ଲାଭ କରିଥିବା ଭିଙ୍ଗାରପୁର ପି.ଏଚ.ସି.(ଏନ୍)କୁ ଏରିଆ ହସ୍ପିଟାଲ ଭାବରେ ପରିଣତ କରିବା ପାଇଁ ଆଜି ଉକ୍ତ ହସ୍ପିଟାଲ ପରିସରରେ ସ୍ଥାନୀୟ ପ୍ରାୟ ୫ ଗୋଟିପଂଚାୟତର ଜନସାଧାରଣ ଏକତ୍ର ହୋଇ ଏକ ପ୍ରତିବାଦ ସଭା କରିବା ସହିତ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଧାରଣାରେ ବସିଛନ୍ତି । ୧୯୨୬ ମସିହାରେ ସ୍ଥାପିତ ଉକ୍ତ ଡାକ୍ତରଖାନାଟି ରାଜଧାନୀରେ ଉପକଣ୍ଠରେ ଥିଲେ ବି ଦ୍ୱୀପ ତଳ ଅନ୍ଧାର ଭଳି ଖୁବ୍ ଅବହେଳିତ ଅବସ୍ଥାରେ ପଡିରହିଛି । ଜଣେ ମାତ୍ର ଫାର୍ମାସିଷ୍ଟଙ୍କ ତତ୍ୱାବଧାନରେ ରୋଗୀ ଚିକିତ୍ସା ଚାଲେ ଏହି ଡାକ୍ତରଖାନାରେ । ସେଥିପାଇଁ ସାଧାରଣ ଜନତାଙ୍କ ନିକଟରେ ଏହି ଡାକ୍ତରଖାନାଟି ଥିଲେ ମଧ୍ୟ ଅନ୍ୟତ୍ର ଯାଇ ଚିକିତ୍ସା ହେବାକୁ ବାଧ ହୁଅନ୍ତି । ଏ ସମ୍ପର୍କରେ ୨୦୧୩ ମସିହାରେ ତତ୍କାଳୀନ ଜିଲ୍ଲା ପରିଷଦର ସଦସ୍ୟ ଦ୍ୱାରିକାନାଥ ଚୌଧୁରୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହାର ଉନ୍ନତି କରଣ ଲାଗି ଭିତିଭୂମିର ରିପୋର୍ଟ ସଂଗ୍ରହ କରାଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ତାହା ଆଜିବି ନାଲିଫିତା ତଳେ ଚାପି ହୋଇ ରହିଯାଇଛି । ଏହି ଡାକ୍ତରଖାନା ଉପରେ୦୦୨୦ବର୍ତ୍ତମାନ ପ୍ରାୟ ୫-୬ ଗୋଟି ପଂଚାୟତର ୩୦ ହଜାରରୁ ଅଧିକ ଜନସାଧାରଣ ନିର୍ଭରଶୀଳ । ଏହାର ଉନ୍ନଛୀକରଣ ଲାଗି ପୁନଶ୍ଚ ୨୦୨୦ ମସିହାରେ ଉକ୍ତ ବର୍ଷ ଜନସାଧାରଣଙ୍କ ଦାବି ହୋଇ ଧରିଛି । ଏ ସମ୍ପର୍କରେ ଜୟଦେବର ବିଧାୟକ ଡଃ ଅରବିନ୍ଦ ଢାଲି ୨୦୨୦ ବିଧାନସଭାର ଶୀତ ଅଧିବେଶନରେ ତା. ୨୪/୧୧/୨୦୨୦ ରିଖରେ ଶୂନ୍ୟକାଳରେ ମାନୟବର ବାଚସ୍ପତିଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହିତ ଉକ୍ତ ସମସ୍ୟାକୁ ଉପସ୍ଥାପନ କରିଥିଲେ । ତଥାପି ବିଭାଗ ତରଫରୁ କୌଣସି ତତ୍ପରତା ପ୍ରକାଶ ନ ପାଇବାରୁ ସ୍ଥାନୀୟ ଜନସାଧାରଣ, ସ୍ଥାନୀୟ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ ଓ ଦ୍ୱାରିକାନାଥ ଚୌଧୁରୀଙ୍କ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବିଭିନ୍ନ ଫ୍ଲାଗ୍ କାର୍ଡ ଧରି ଧାରଣାରେ ବସିଛନ୍ତି ଏବଂ ଯଦି ଏହାର ସମାଧାନ ଶୀଘ୍ର କରା ନ ଯାଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ରାଜଧାନୀର ରାଜରାସ୍ତାରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ପୌରକର୍ମଚାରୀଙ୍କ ଅବସର ସମ୍ବର୍ଦ୍ଧନା

ଜଳେଶ୍ୱର, ୪/୧୨ (ନିପ୍ର) : ଆଜି ଜଳେଶ୍ୱର ପୌର ପରିଷଦର କର୍ମଚାରୀ ଦେବେନ୍ଦ୍ର ପ୍ରଧାନଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପୌର ପ୍ରଶାସକ ନିଲୁ ମହାପାତ୍ର, କର୍ମଚାରୀ ସଂଘର ସ୍ଥାୟୀ ସଭାପତି ସୀତାଂଶୁ ସେଖର ସେନାପତି ଯୋଗ ଦେଇ ଦେବେନ୍ଦ୍ର ପ୍ରଧାନଙ୍କ ଚାକିରୀ ଜୀବନ ସଂପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ପରମାନନ୍ଦ ପରିଡା, ମନୋରଂଜନ ପରିଡା, ନରେନ୍ଦ୍ର ବାରିକ, ପ୍ରଦୀପ ବେହେରା, ଜୟଦେବ ଚାନ୍ଦ, ସୁବଳ କୁମାର ସାହୁ, ପ୍ରଣବ ବେହେରା, ଅନୀୟ କୁମାର ବ୍ରହ୍ମ, ବୁଧିରାମ ସିଂ, ଜ୍ୟୋତ୍ସ୍ନାରାଣୀ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଏକଲ ଅଭିଯାନର ଏ.କେ.ଏସ୍.-୧ ବୈଠକ ଅନୁଷ୍ଠିତ



ଉଦଳା-୦୪/୧୨(ନି.ପ୍ର)- ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ବାରିପଦା ଅଞ୍ଚଳର ଏ.କେ.ଏସ୍.-୧ ବୈଠକ ଚଳିତ ମାର୍ଗଶୀର ମାସ ୧୭ ଦିନ ବୁଧବାର ଇଂରାଜୀ ଡ଼ିସେମ୍ବର ୨ ତାରିଖ ରେ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଅଞ୍ଚଳ କୋଷାଧ୍ୟକ୍ଷ ଅନୀତା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ ଓ ବେଦମନ୍ତ୍ର ପାଠ କରି ବୈଠକକୁ ଉଦ୍ଘାଟନ କରିଥିଲେ । ଏହାପରେ ଅଞ୍ଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଣ୍ଡା ବାଉଁଶିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ଆଜି ବୈଠକର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି ବୈଠକରେ ଅଧକ୍ଷତା କରିବା ସହିତ ଆଗାମୀ ଦିନରେ ହେବାକୁ ଥିବା ରଜତ ଜୟନ୍ତୀ ଉତ୍ସବ, ବିଦ୍ୟାଳୟ ପରିଚାଳନା, ଶ୍ରୀରାମ ମନ୍ଦିର ନିର୍ମାଣ, ସମିତି ସକ୍ରୀୟତା ଓ ଅଭ୍ୟାସ ବର୍ଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଞ୍ଚଳ ସମ୍ପାଦକ ସୁବ୍ରତ କୁମାର ମହାନ୍ତି ଏକଲ ଅଭିଯାନର ଲକ୍ଷ, ଉଦେଶ୍ୟ ଓ ଆରମ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ କିଛି ବର୍ଷ ପୁର୍ବେ ହରିଆଣା ରାଜ୍ୟର କୁରୁକ୍ଷେତ୍ର ଠାରେ ଏକଲ ଅଭିଯାନ ତରଫରୁ ଅନୁଷ୍ଠିତ ଆନ୍ତର୍ଜାତିକ ଗୀତା ମହୋତ୍ସବର ଅନୁଭୂତି ବର୍ଣ୍ଣନା କରିଥିଲେ । ସ୍ମୃତି ରଂଜନ ଶତପଥି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ପରେ ଶାନ୍ତି ପାଠ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ବନ୍ଦିତା ପରିଡା ହେଲେ ମହିଳା କଂଗ୍ରେସ ସଭାନେତ୍ରୀ

ଭୁବନେଶ୍ୱର, ୦୪।୧୨ (ନି.ପ୍ର): ଓଡିଶା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ଶ୍ରୀମତୀ ବନ୍ଦିତା ପରିଡାଙ୍କୁ ନିଯୁକ୍ତି ଦିଆଯାଇଛି । ଅଖିଳ ଭାରତୀୟ ମହିଳା କଂଗ୍ରେସର ସଭାନେତ୍ରୀ ତଥା ପୂର୍ବତନ ସାଂସଦ ସୁସ୍ମିତା ଦେବ ଏହି ନିଯୁକ୍ତି ଦେଇଛନ୍ତି । ଆଗାମୀ ଆଦେଶ ପର୍ଯ୍ୟନ୍ତ ଶ୍ରୀମତୀ ପରିଡା ଏହି ପଦବୀରେ ରହିବେ । ଉଲ୍ଲେଖଯୋଗ୍ୟଯେ ଶ୍ରୀମତୀ ପରିଡା ଏହା ପୂର୍ବରୁ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଦାୟିତ୍ୱରେ ଥିଲେ ।

## ଜଳେଶ୍ୱର ଷ୍ଟାଡିୟମ ହେବ ପୂର୍ଣ୍ଣାଙ୍ଗୀକରଣ : ଖର୍ଚ୍ଚ ଅଟକଳ ୨ କୋଟି



ଜଳେଶ୍ୱର, ୪/୧୨ (ସ୍ୱପ୍ର) : ଦଶବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବାଲେଶ୍ୱର ଜିଲାର ଜଳେଶ୍ୱର ଷ୍ଟାଡିୟମ ଏବେବି ଅପୂର୍ଣ୍ଣାଙ୍ଗ । କିନ୍ତୁ ୨ କୋଟି ଟଙ୍କା ବିନିମୟରେ ଏହାର ପୂର୍ଣ୍ଣାଙ୍ଗୀକରଣ ହେବାକୁ ଥିବା ବେଳେ ଆଜି ଜିଲାପାଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଉତ୍ତର ବାଲେଶ୍ୱରରେ ଭଲ ଖେଳ ପଡିଆ ନ ଥିବାରୁ ୨୦୧୦ମସିହାରେ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ରାଷ୍ଟ୍ରିୟ କେମିକାଲ୍ସ୍ ଏଣ୍ଡ ଫର୍ଟିଲାଇଜର ଲିମିଟେଡରୁ ୧ କୋଟି ୩୦ଲକ୍ଷ ଟଙ୍କା ଆଣି ଷ୍ଟାଡିୟମର ଶିଳାନ୍ୟାସ କରାଇଥିଲେ । ଏଥିରେ ପାଚେରୀ, କ୍ଲବ୍ ହାଉସ୍, ଫାଟକ ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିଲା । ପରବର୍ତ୍ତୀ ସମୟରେ ବିବାଦମାନ ପରିସ୍ଥିତି ସୃଷ୍ଟି ହେବାରୁ ଅଦ୍ୟାବଧି ତାର ପୂର୍ଣ୍ଣାଙ୍ଗୀକରଣ ହୋଇ ନଥିଲା । କିନ୍ତୁ ଏଥିଲାଗି ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟମନ୍ତ୍ରୀଙ୍କ କ୍ରିଟିକାଲ ଗେପ୍ ଫଣ୍ଡରୁ ୨୦ଲକ୍ଷ, ନିଜ ହାତପାଣ୍ଠିରୁ ୨୦ଲକ୍ଷ ଓ ମ୍ୟୁନିସିପାଲଟିରୁ ୧୦ଲକ୍ଷ ଟଙ୍କା ଆଣିବାରେ ସହାୟକ ହୋଇ ପାରିଛନ୍ତି । ଏଥିଲାଗି ୨ କୋଟି ଟଙ୍କାର ଆବଶ୍ୟକତା ଥିବା ବେଳେ ଅନ୍ୟ ୧.୫କୋଟି ଟଙ୍କା ଲାଗି ବ୍ୟବସ୍ଥା ହେଉଛି । ଗତ ୨୭ ତାରିଖରେ ଜିଲାପାଳଙ୍କ ଚେମ୍ବରରେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବ କନ୍ଫାରେନ୍ସ ଦ୍ୱାରା ପ୍ରତି ବିଧାୟକଙ୍କ ୩ଟି ପ୍ରକଳ୍ପ ପାଇଁ କହିଥିଲେ । ତେଣୁ ଆଜି ଜିଲାପାଳ ଜଳେଶ୍ୱରର ଷ୍ଟାଡିୟମ, ସୁବର୍ଣ୍ଣରେଖା ନଦୀର ଗୁରୁଦାସପୁର-ଗୋବରଘଟା ସଂଯୋଗ ଲାଗି ସେତୁ ନିର୍ମାଣ ଓ ଜଳେଶ୍ୱର ସହରକୁ ସୁରକ୍ଷା ଦେବାଲାଗି ରଂ ବନ୍ଧର ପ୍ରସ୍ତାବ ପାଇଁ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଜଳେଶ୍ୱରରେ ପହଞ୍ଚି ସ୍ଥାନ ପରିଦର୍ଶନ କରିଥିଲେ । ଅତିଶୀଘ୍ର ଏଷ୍ଟିମେଟ୍ ଓ ମାଷ୍ଟରପ୍ଲାନ ପଠାଇବାକୁ ପୌରଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ସହିତ ଏପିଡି ନିଲୁ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।

## ଜୁମ୍‌ଲିୟନ ହାର୍ଭେଷ୍ଟର ଚାଷୀଙ୍କ ଆମରଣ ଅନଶନ ୨ୟ ଦିନରେ

ଜଳେଶ୍ୱର, ୪/୧୨ (ସ୍ୱପ୍ର) : ବାଲେଶ୍ୱର ଜିଲାର ଜାନୁଗଞ୍ଜଠାରେ ଥିବା ବିଶାଖା ଏଗ୍ରୋ ସା ରୁମ୍ ପକ୍ଷରୁ ଖୋଲାଯାଇଥିବା ଜଳେଶ୍ୱରସ୍ଥିତ ବାରାଗଡିଆ ସେଣ୍ଟରୁ ଜୁମ୍‌ଲିଅନ୍ ହାର୍ଭେଷ୍ଟର ନେଇ ଠକିଥିବା ଚାଷୀମାନଙ୍କ ଆମରଣ ଅନଶନ ଆଜି ୨ୟ ଦିନ (୩୬ ଘଣ୍ଟା) ପହଞ୍ଚିଛି । ଅନିର୍ଦ୍ଦିଷ୍ଟକାଳ ପାଇଁ ସୋରୁମ୍ ବନ୍ଦ କରି ମାଲିକ ତାଲା ପକାଇ ଚାଲି ଯାଇଥିବାରୁ ଅଖିଆ, ଅପିଆ ଖରା, ଶୀତ କାକରରେ ପଡି ରହିଥିବା ଚାଷୀମାନଙ୍କର ଦୁଃଖ ଶୁଣିବାକୁ କୌଣସି କର୍ମକର୍ତ୍ତା ଆଜି ସଂଧ୍ୟାସୁଦ୍ଧା ପହଞ୍ଚ ନ ଥିବା ଜଣାଯାଇଛି । ଆମରଣ ଅନଶନର କିଛିଦିନ ପୂର୍ବରୁ ଏ ସଂପର୍କରେ ଜିଲାପାଳ, ଏସ୍.ପି ଓ କୃଷି ନିର୍ଦ୍ଦେଶକ ତଥା ଭିଜିଲାନ୍ସ ବିଭାଗକୁ ଲେଖି ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ । ଏପରିକି ଆଜି ଅପରାହ୍ନରେ ଜିଲାପାଳ ଜଳେଶ୍ୱର ସହରକୁ କେତେକ ବିକାଶ କାର୍ଯ୍ୟଲାଗି ଆସିଥିଲେ ମଧ୍ୟ ଭୋଗରାଇ ଗଲାବେଳେ ରାସ୍ତାକଡରେ ଏହି ଅନଶନକାରୀଙ୍କ ସହିତ ସାକ୍ଷାତ ନ କରିବା ଯୋଗୁଁ ଜଳେଶ୍ୱର ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ଆଜି ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା ଓ ସମବେଦନା ଜ୍ଞାପନ କରିଥିଲେ । ଚାଷୀମାନଙ୍କ ଏପରି ସମସ୍ୟା ମୂଳକ ଘଟଣା ନେଇ ରାଜ୍ୟର କଂଗ୍ରେସ ପ୍ରବକ୍ତ ସୁଦର୍ଶନ ଦାସ ଲଢିବେ ବୋଲି ପ୍ରକାଶ କରିଛନ୍ତି । ଏପରି ସମ୍ବେଦନଶୀଳ ପ୍ରଶାସନ ଓ ସରକାର ଗୁରୁତ୍ୱ ଦେବାକୁ ଦାବି ହେଉଛି ।

## ଚାଷୀ ଆନ୍ଦୋଳନ ସମର୍ଥନରେ ନବନିର୍ମାଣ କୃଷକ ସଂଗଠନର ଦସ୍ତଖତ ସଂଗ୍ରହ ଅଭିଯାନ

ଭୁବନେଶ୍ୱର, ୪/୧୨ (ନିପ୍ର) : କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍‌କୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ଅଷ୍ଟମ ଦିନରେ ପହଂଚିଥିଲା ବେଳେ ଏହାକୁ ସମର୍ଥନ ଜଣାଇ ରାଜ୍ୟର ପ୍ରମୁଖ କୃଷକ ସଂଗଠନ ନବନିର୍ମାଣ କୃଷକ ସଂଗଠନ ତରଫରୁ ଲଗାତର କାର୍ଯ୍ୟକ୍ରମ ଜାରି ରହିଛି । ସୂଚନାଯୋଗ୍ୟ ଯେ, ସରକାରଙ୍କ ସହିତ ଚାଷୀ ସଂଗଠନମାନେ କେନ୍ଦ୍ରସ୍ତରରେ ଚଳାଇଥିବା ଆନ୍ଦୋଳନ ବିଫଳ ହେବା ପରେ ଆନ୍ଦୋଳନ ତେଜୁଛି । ଦିଲ୍ଲୀ ଚଲୋ ଆନ୍ଦୋଳନକାରୀଙ୍କ ନୈତିକ ମନୋବଳ ବଢାଇବା ପାଇଁ ଆଜି ଆନ୍ଦୋଳନର ଚତୁର୍ଥ ଦିନରେ ସଂଗଠନ ତରଫରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଚାଷୀ ନେତାମାନେ ଖାରବେଳ ନଗର, ପୁରୁଣା ବସ୍‌ଷ୍ଟାଣ୍ଡ, ଏକନମ୍ବର, ଚାରିନମ୍ବର ଆଦି ଅଂଚଳରେ ବୁଲି ବୁଲି ଚାଷୀ ଆନ୍ଦୋଳନ ଉଦ୍ଦେଶ୍ୟ ସମ୍ବନ୍ଧରେ ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ବୁଝାଇବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ରରେ ଦସ୍ତଖତ କରିଥିଲେ । ଏହି ଅଭିଯାନରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ କମିଟି ସଭ୍ୟ ସଂଗ୍ରାମ କିଶୋର, ସାମାଜିକ କର୍ମୀ ମନୋଜ ସ୍ୱାଇଁ, ସୂଚନାଧିକାର କର୍ମୀ ଶ୍ରୀକାନ୍ତ ପାକଳ ପ୍ରମୁଖ ସାମିଲ୍ ହୋଇଥିଲେ । ଆସନ୍ତାକାଲି ସାରା ଭାରତବର୍ଷରେ ହେବାକୁ ଥିବା ଚାଷୀ ଧର୍ମଘଟରେ ବିପୁଳ ସଂଖ୍ୟାରେ ଯୋଗ ଦେବାକୁ ରାଜ୍ୟ ସଂଯୋଜକ ଓଡ଼ିଶାର କୃଷକମାନଙ୍କୁ ନିବେଦନ କରିଛନ୍ତି ।

## ବିନିଯୋଗ ପତ୍ର ନଥାଇ କୋଟି କୋଟି ଟଙ୍କାର କାରବାର : ଉଦ୍ଧାର ନେଇ ପରିଶୋଧ କରୁନାହାନ୍ତି କର୍ମଚାରୀ




ରାୟଗଡ଼ା, ୪/୧୨ (ନିପ୍ର) : ରାୟଗଡା ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଂପାଦକ ଓ ରାୟଗଡା ଜିଲ୍ଲାର ଆବାହକ ଶ୍ରୀ ଜନ୍ମଜୟ ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ରାୟଗଡା ଜିଲ୍ଲାର କୋଲନରା ବ୍ଲକରେ ୨୦୦୭ ଓ ୨୦୦୮ ବର୍ଷରୁ ୨୦୧୮, ଓ ୨୦୧୯ ପର୍ଯ୍ୟନ୍ତ ଶହେ କୋଟିରୁ ଉର୍ଦ୍ଧ ଟଙ୍କାର ମହା ଦୁର୍ନୀତି ହୋଇଛି ବୋଲି କହିଛନ୍ତି । କୋଲନରା ବ୍ଲକ ର ବିଡିଓ ସାତ ଗୋଟି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ କୁ ସୁଚାରୁ ରୂପେ ପରିଚାଳନା କରୁନାହାନ୍ତି ବୋଲି ଅଡିଟ୍ ବିଭାଗ ଦର୍ଶାଇଛନ୍ତି । ଡିପୋଜିଟ ଲେଜର ସିକ୍ୟୁରିଟି ରେଜିଷ୍ଟର ଲୋନ ରେଜିଷ୍ଟର, ଏଷ୍ଟିମେଟ ରେଜିଷ୍ଟର, ଏସେଟ୍, ଇନଭେଷ୍ଟମେଣ୍ଟ, ଇମୁଭେବଲ୍ ପ୍ରପର୍ଟି ରେଜିଷ୍ଟର ଆଦି ୨୦୦୭-୦୮ ଆର୍ଥିକ ବର୍ଷରୁ ୨୦୧୮-୧୯ ପର୍ଯ୍ୟନ୍ତ ଆଡଭାନ୍ସ ବାବଦରେ ବିଭିନ୍ନ କର୍ମଚାରୀଙ୍କ ଉପରେ ଷୋହଳ କୋଟି ଅଣାନବେ ଲକ୍ଷ୍ୟ ଆଠ ହଜାର ପାଞ୍ଚ ଶହ ବୟାଅଶି ଟଙ୍କା ବର୍ତ୍ତମାନ ପର୍ଯ୍ୟନ୍ତ ବାକି ଅଛି, ଯାହା କି ଆଜି ପର୍ଯ୍ୟ' ରିକୋଭରି ହୋଇନାହିଁ । ପାସ୍ ବୁକ୍ ଓ କ୍ୟାଶବୁକ୍‌ର ତାଳ ମେଳ ରହୁନଥିବା ମଧ୍ୟ କହିଛନ୍ତି କାର୍ଯ୍ୟାଳୟ ର ଅଠେଇଶି ଟି ଆକାଉଣ୍ଟ ମଧ୍ୟରୁ ଜମା ହୋଇଥିବା ଟଙ୍କା ର ସୁଧ ବାବଦରେ ମିଳିଥିବା ୬୮,୬୬,୩୨୨/- ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି, ତଥା ୟୁଟିଲାଇଜେସନ ସାର୍ଟିଫିକେଟ ଦେବାରେ ମଧ୍ୟ ବିଫଳ ହୋଇଛନ୍ତି ଯାହାର ନଗ୍ନ ଉଦାହରଣ ଆର୍ଥିକ ବର୍ଷ ୨୦୧୪-୧୫ ରୁ ୨୦୧୮-୧୯ ପର୍ଯ୍ୟନ୍ତ ୮୩ କୋଟି ୨୫ ଲକ୍ଷ ୯ ହଜାର ୭ ଶହ ୭୧ ଟଙ୍କା ବିନିଯୋଗର ପ୍ରମାଣ ପତ୍ର ମଧ୍ୟ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛଁ । ଏହି ମହାଦୁର୍ନୀତି ରେ ଯେଉଁ ମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବାକୁ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ କହିଛନ୍ତି । ଏହି ମହାଦୁର୍ନୀତି ବିଷୟ ରେ ସରକାର ଯଥାଶିଘ୍ର ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଉଚିତ୍ ପଦକ୍ଷେପ ନେବା ପାଇଁ ଜଣାଇଛନ୍ତି ନଚେତ୍ ଆମ୍ ଆଦ୍‌ମୀ ପାର୍ଟି ନବୀନ ନିବାସ ଆଗରେ ଧାରଣା ଦେବ ବୋଲି ଶ୍ରୀ ଜନ୍ମଜୟ ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି । ଏହି ସମ୍ମିଳନୀରେ ମହିଳା ସଂଗଠନର କର୍ମୀ ମାନେ ଉପସ୍ଥିତ ଥିଲେ ।

## କିଷାନ ବିକାଶ କୃଷି ଭିତ୍ତିକ ସମବାୟ ସମିତିର ବାର୍ଷିକ ଉତ୍ସବରେ କରୋନା ଯୋଦ୍ଧାଙ୍କୁ ସମ୍ମାନ




ଜଳେଶ୍ୱର, ୪/୧୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ନୂଆବଜାରସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ କିଷାନ ବିକାଶ କୃଷି ଭିତ୍ତିକ ସମବାୟ ସମିତି ପକ୍ଷରୁ ଡାକ୍ତର, ପୁଲିସ୍ ଓ ସମ୍ବାଦିକ ମାନଙ୍କୁ କରୋନାଯୁଦ୍ଧା ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ସରକାର ସମଗ୍ର ଦେଶକୁ ଲକ୍‌ଡାଉନ୍ ଘୋଷଣା କରିଥିବା ବେଳେ ଏହି ଯୁଦ୍ଧମାନେ ଜୀବନକୁ ବାଜି ଲଗେଇ ସେବା କରିଥିଲେ । ସଂସ୍ଥା ପକ୍ଷରୁ ଏହାର ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ପିଲାମାନଙ୍କୁ ପାଠପଢାର ୩୦ ପ୍ରତିଶତ ଅର୍ଥ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା । କରୋନାରେ ପ୍ରାଣ ହରେଇଥିବା ଯୋଦ୍ଧାଙ୍କ ଲାଗି ୧ ମିନିଟ୍ ନିରବ ପ୍ରାର୍ଥନା ସହିତ ସେମାନଙ୍କ ସମାନାର୍ଥେ ସମ୍ବର୍ଦ୍ଧନା କରାଯାଇଥିଲା । ଆୟୋଜିତ ସଭାରେ ଆଇନ୍‌ଜୀବୀ ପତିତପାବନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଡା. ଦିଲ୍ଲିପ କୁମାର ପାତ୍ର ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ସ୍ୱେଚ୍ଛାସେବୀ ମମି ପଣ୍ଡା ଓ ସୁଦର୍ଶନ ପଲେଇ ଯୋଗ ଦେଇଥିଲେ । ସଂଗଠନର ମୁଖ୍ୟ ମନୋଜ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସୁଶାନ୍ତ କୁମାର ଜେନା ମଂଚ ଆହ୍ୱାନ କରିଥିବା ବେଳେ ମଳୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୁଣୁପୁରରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଗୁଣୁପୁର, ୦୪।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁରର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି । କଟକଣା ଯୋଗୁଁ ଗୁଣପୁର ଓକିଲ ସଂଘ ପକ୍ଷରୁ ଗୁଗଲ ମିଟ୍ ମାଧ୍ୟମରେ ଏହି କର୍ଯ୍ୟକ୍ରମ ହୋଇଥିଲା । ସମିତି ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ନିର୍ଦ୍ଦେଶରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନେକ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ଅନ୍ୟାନ୍ୟ ଜରୁରୀକାଳୀନ ଆସବାବ ସାମଗ୍ରୀ ବଣ୍ଟନ କରାଯାଇଥିଲା ।

## ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର ପାଇଁ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ




ବାରିପଦା (ନି.ପ୍ର.) ତା ୪/୧୨ ବର୍ଦ୍ଧିତ ବିଦ୍ୟୁତଶୁଳ୍କ ପ୍ରତ୍ୟାହାର ସହିତ ବିଦ୍ୟୁତ ବିଭାଗରେ ରହିଥିବା ସମସ୍ୟା ଗୁଡିକର ସମାଧାନ କରାଯାଇ ଉପଭକ୍ତା ମାନଙ୍କୁ ସଠିକ ଢଙ୍ଗରେ ବିଦ୍ୟୁତ ଦେବା ଯୋଗାଇ ଦେବା ନିମନ୍ତେ ଆଜି ଭସେନା ପକ୍ଷରୁ ବାରିପଦା ବାଘଡାରୋଡ ସ୍ଥିତ ନେସ୍କ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାରେ ରାଇରଙ୍ଗପୁର, ବାରିପଦା ଓ ଉଦଳା ମୋଟ ୩ଟି ବିଦ୍ୟୁତ ଡିଭିଜନ ଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ବିଦ୍ୟୁତ ଚୋରୀ ବୃଦ୍ଧି ପାଇବା ସହିତ ରକ୍ଷଣା ବେକ୍ଷଣ ମଧ୍ୟ ସଠିକ ଭାବରେ ହୋଇ ପାରୁ ନଥିବାରୁ ଉପଭକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଠିକା କର୍ମଚାରୀ ନିଯୁକ୍ତି ଦେବା ନିମନ୍ତେ ଦାୟୀତ୍ୱ ନେଇଥିବା ସଂସ୍ଥା ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସଲାସୁତୁରା ମଧ୍ୟରେ ଅନେକାଂଶରେ ବାହାର ଜିଲ୍ଲାର ପିଲାଙ୍କୁ ଠିକା ନିଯୁକ୍ତି ଦିଆଯାଉଛି । ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବେକାରୀ ସମସ୍ୟା ବହୁଳ ମାତ୍ରାରେ ଥିବା ବେଳେ ଜିଲ୍ଲାର ଯୋଗ୍ୟ ପିଲାଙ୍କୁ ନିଯୁକ୍ତି ଦେବା, ବିପିଏଲ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ମିଟର ଲାଗିନାହିଁ ଯଦିବି କାଁଭାଁ ମିଟର ଲାଗିଛି ତେବେ ୨ବର୍ଷ ହେବ ବିଲ ଆସିନାହିଁ । ଏଣୁ ଗରୀବ ଉପଭୋକ୍ତା ମାନେ ଏକାବେଳେ କିଭଳି ୨ ବର୍ଷର ବିଲ ପୈଠ କରିବେ ସେଦିଗରେ ସମସ୍ୟା ଉପୁଜୁଥିବାର ଦେଖାଯାଉଛି । ଏହି ସବୁ ସମସ୍ୟାକୁ ତୁରନ୍ତ ଦୂର କରାଯିବା ପାଇଁ ଦାବୀ ଜଣାଇଛନ୍ତି ଭସେନାର କର୍ମକର୍ତ୍ତା ମାନେ । ଭସେନାର ଜିଲ୍ଲା ସଭାପତି ପିଂଟୁ ମାଇତି, କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ସାଧାରଣ ସମ୍ପାଦକ ରାକେଶ ମହାନ୍ତି, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଉପସଭାପତି ପ୍ରଶାନ୍ତ ମହାକୁଡ, ମୁଖପାତ୍ର ଜ୍ୟୋତିରନ ପୃଷ୍ଟି, ଛାତ୍ର ସଭାପତି ସୌମ୍ୟରନ ମିଶ୍ର, ସାଧାରଣ ସମ୍ପାଦକ ସେକ ରାଜା ଖାନ, ସହର ସଭାପତି ପ୍ରିତମ ପଣ୍ଡା, ସଂଗଠନ ସମ୍ପାଦକ ଧନୟ ସାହୁ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯଦି ଦାବୀ ପୁରଣ ନହୁଏ ତେବେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିବା ସହିତ ଶକ୍ତିମନ୍ତ୍ରୀ ଙ୍କ ସହିତ ଖୁବଶୀଘ୍ର ଏବାବଦରେ ଆଲୋଚନା କରାଯିବ ବୋଲି ସଭାପତି ପିଂଟୁ ମାଇତି କହିଛନ୍ତି ।

## ବିବାଦରେ ଛନ୍ଦି ହୋଇଛି କର୍ଲାଘାଟି ପଞ୍ଚାୟତ

ଗୁଣୁପୁର, ୪/୧୨ (ନିପ୍ର) : ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଗୁଡ଼ାରୀ ବ୍ଲକର କର୍ଲାଘାଟି ଗ୍ରାମପଞ୍ଚାୟତର ପିଛା ଛାଡୁନି ବିବାଦ । ପ୍ରାୟ ଏକବର୍ଷ ହେବ ବିବାଦ ଯୋଗୁଁ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କିଛି ୱାର୍ଡ ମେମ୍ବର ମାନେ ଅଫିସ ଭିତରେ ତାଲା ପକାଇ ରଖିଥିଲେ । ଖବର ପାଇ ଗୁଣପୁର ଉପଜିଲ୍ଲାପାଳ ଓ ପୋଲିସ ଘଟଣା ସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ପରେ ତାଲା ଖୋଲା ଯାଇଥିଲା । ବିଭିନ୍ନ ଉନ୍ନୟନ ମୂଳକ କାମରେ ଅନିୟମିତତା ଓ ସରପଞ୍ଚଙ୍କ ମନମୁଖୀ କାମରେ ଅତିଷ୍ଠ ହୋଇ ତାଲା ପକା ଯାଇଥିବା କୁହା ଯାଇଥିଲା । କିଛି ଦିନ ତଳେ କର୍ଲାଘାଟି ସରପଞ୍ଚଙ୍କ ବିରୋଧରେ ଗୁଣୁପୁର ଉପଜିଲ୍ଲାପାଳଙ୍କ ଠାରେ ଅନାସ୍ଥା ପ୍ରସ୍ତାବ ପାଇଁ ପଞ୍ଚାୟତର ସଭ୍ୟମାନେ ଆବେଦନ କରିଥିଲେ । ପୁଣି ତାର ଦୁଇ ଦିନ ପରେ କିଛି ସଭ୍ୟ ଅନାସ୍ଥା ବିରୋଧରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଥିବା ଦେଖିବାକୁ ମିଳିଥିଲା । ଏସବୁ ଭିତରେ ଗତକାଲି ପଞ୍ଚାୟତ ବୈଠକ ପାଇଁ ଦିନ ଧାର୍ଯ୍ଯ ହୋଇଥିଲା । ହେଲେ ପଞ୍ଚାୟତର ୧୨ଟି ସଭ୍ୟ ରହିଥିବା ବେଳେ ମାତ୍ର ୪ଜଣ ସଭ ସହିତ ସରପଞ୍ଚ ଉପସ୍ଥିତ ଥିଲେ । ତେଣୁ କୋରମ୍ ଅଭାବରୁ ବୈଠକ ହୋଇନଥିଲା । ଫଳରେ ବୈଠକ ପାଇଁ ଅନ୍ୟ ଦିନ ଧାର୍ଯ୍ୟ କରାଯିବା ନେଇ ସରପଞ୍ଚ ଆଲେଖ ହିକାବାଡ଼ି କହୁ ଥିବା ବେଳେ ୱାର୍ଡ ସଭ୍ୟମାନେ ଅନାସ୍ଥା ସପକ୍ଷରେ ଜିଦ୍ ଧରି ରହିଥିବା ଜଣାପଡ଼ିଛି । ଯଦି ଏହାର ସମାଧାନ କରାନଗଲେ ଆଗକୁ ଧାରଣାରେ ବସିବା ପାଇଁ ସରପଞ୍ଚଙ୍କ ବିପକ୍ଷ ସଭ୍ୟ ମାନେ ଆଲୋଚନା କରୁଥିବା ଜଣାପଡ଼ିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo